

ଯା ଦେବୀ ସର୍ବଭୂତେଷୁ............

નିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୨୩ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 23 AUGUST 2022

Vol.No. 35 ■ No. 221 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :

ସୁବର୍ଣ୍ଣଶ୍ରୀ ପ୍ରକାଶିନୀ

ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ୧୩ ଜିଲ୍ଲାରେ ବନ୍ୟା : ୬.୪୦ଲକ୍ଷ ଲୋକ ଜଳବନ୍ଦୀ



ଭୁବନେଶ୍ୱର, ୨୨/୦୮ (ନି.ପ୍ର): ରାଜ୍ୟରେ ଲଘୁଚାପ ବର୍ଷା ପ୍ରଭାବରେ ସୁବର୍ଣ୍ଣରେଖା ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ସୁବର୍ଣ୍ଣରେଖା ନଦୀରେ କୌଣସି ଘାଇ ହୋଇନଥିଲେ ମଧ ବାଲେଶ୍ୱର ଜିଲ୍ଲାର ୪ଟି ବ୍ଲକରେ ବନ୍ୟା ଜଳ ପ୍ରବେଶ କରିଛି । ଏପଟେ ଆଜି ସୁଦ୍ଧା ରାଜ୍ୟର ମୋଟ ୧୩ଟି ଜିଲ୍ଲାର ୭୮ଟି ବ୍ଲକ ଅନ୍ତର୍ଗତ ୬୪୫ଟି ପଂଚାୟତର ୨୪୮୯ଟି ଗାଁ ବନ୍ୟାରେ କ୍ଷତିଗ୍ରସ୍ତ । ଏଥିରୁ ୯୦୨ଟି ଗାଁର ୬ଲକ୍ଷ ୪୦ହଜାର ଲୋକ ଏବେବି ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଆଜି ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସୁବର୍ଣ୍ଣରେଖା ନଦୀରେ କୌଣସି ସ୍ଥାନରେ ଘାଇ ସୃଷ୍ଟି ହୋଇନାହିଁ । ଘାଇ ହେଲେ ବାଲି ବସ୍ତା ପ୍ରସ୍ତୁତ ରହିଛି । ୮ଘଂଟା ଧରି ସୁବର୍ଣ୍ଣରେଖା ନଦୀର ଜଳସ୍ତର ସ୍ଥିର ରହିଛି । ବସ୍ତା, ବାଲିଆପାଳ ସମେତ ତଳି ଅଂଚଳରେ ପାଣି ପଶିଛି । ଅନ୍ୟ ନଦୀଗୁଡ଼ିକରେ ବନ୍ୟା ଜଳ କମିବା ଆରମ୍ଭ ହୋଇଛି । ପରିସ୍ଥିତି ଉପରେ ନଜର ରଖାଯାଇଛି । ଯେହେତୁ ସୁବର୍ଣ୍ଣରେଖା ଅବବାହିକାରେ ଥିବା ଜିଲ୍ଲାଗୁଡ଼ିକ ପାଇଁ ଆଜି ଦିନଟି ଗୁରୁତ୍ୱପୂର୍ଣ୍ଣ, ତେଣୁ ସମସ୍ତେ ସଜାଗ ରହିଛନ୍ତି । ରାତ୍ରିକାଳୀନ ପାଟ୍ରୋଲିଂ ଉପରେ ମଧ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସୁବର୍ଣ୍ଣରେଖାର ଜାମଶୋଳ ଘାଟଠାରେ ଜଳସ୍ତର ୫୦.୪ ଓ ରାଜଘାଟଠାରେ ୧୧.୯୦ ରହିଛି । ଉଭୟ ସ୍ଥାନରେ ଜଳସ୍ତର ହ୍ରାସ ପାଉଛି । ବାଲେଶ୍ୱରର ତଳିଆ ଅଂଚଳରୁ ଆଜି ପ୍ରାୟ ୪୦ହଜାର ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ଏବେସୁଦ୍ଧା ରାଜ୍ୟର ୧୩ଟି ଜିଲ୍ଲା(ବାଲେଶ୍ୱର ସମେତ)ର ୭୮ଟି ବ୍ଲକର ୬୪୫ଟି ପଂଚାୟତର ୨୪୮୯ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି । ରାଜ୍ୟର ୯୦୨ଟି ଗାଁର ୬ଲକ୍ଷ ୪୦ହଜାର ଲୋକ ଏବେବି ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ବନ୍ୟାରେ ପ୍ରାୟ ୯ଲକ୍ଷ ୭୬ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଏହି ସବୁ ଅଂଚଳରେ ୪୪୦ଟି ରିଲିଫ କେନ୍ଦ୍ରରେ ୧.୭୧ଲକ୍ଷ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ବନ୍ୟାଂଚଳରେ ୧୧ଟି ଜିଲ୍ଲାରେ ୧୬ଟି ଏନଡିଆରଏଫ, ୧୭ଟି ଓଡ୍ରାଫ, ୫୫ଟି ଅତିରିକ୍ତ ▶▶ପୃଷ୍ଠା ୭

# ଆଇଏସ୍ ଆତଙ୍କୀକୁ ଧରିଲା ରୁଷ : ଟାର୍ଗେଟରେ ଥିଲେ ରାଜନେତା



ନୂଆଦିଲ୍ଲୀ, ୨୨/୦୮ : ଭାରତ ବିରୋଧରେ ଇସଲାମିକ ଷ୍ଟେଟ(ଆଇଏସ) କରୁଥିବା ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ରୁଷ। ଭାରତୀୟ ଜଣେ ବଡ଼ ରାଜନେତାଙ୍କୁ ଟାର୍ଗେଟ କରି ଆତ୍ମଘାତୀ ହମଲାର ଯୋଜନା କରୁଥିବା ଆଇଏସ ଆତଙ୍କୀକୁ ଧରିଛନ୍ତି ରୁଷ ସୁରକ୍ଷାକର୍ମୀ। ଏହି ଆତଙ୍କୀ ଜଣକ ରୁଷରୁ ଭାରତକୁ ଆସିବା ପାଇଁ ଉଦ୍ୟମ କରୁଥିବା ବେଳେ ଧରାପଡ଼ିଛି। ଆଜି ଏ ସମ୍ପର୍କରେ ରୁଷର ଫେଡରାଲ ସିକ୍ୟୁରିଟି ସର୍ଭିସ(ଏଫଏସ୍‌ବି) ପକ୍ଷରୁ ଗୋଟିଏ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଧରା ପଡ଼ିଥିବା ଆଇଏସ୍ ଆତଙ୍କୀ ଭାରତରେ କ୍ଷମତାସୀ ରାଜନୀତିକ ଦଳର କୌଣସି ବଡ଼ ନେତାଙ୍କୁ ଆତ୍ମଘାତୀ ହମଲାରେ ହତ୍ୟା କରିବାକୁ ମସୁଧା କରିଥିଲା। ଏଫଏସ୍‌ବି ପ୍ରଥମେ ଉକ୍ତ ଆତଙ୍କୀକୁ ଚିହ୍ନଟ କରିଥିଲା ଓ ଏହାପରେ ତା’କୁ ଗିରଫ କରାଯାଇଛି। ଗିରଫ ଆତଙ୍କୀ ଜଣକ ଆଇଏସ୍ ପାଇଁ କାମ କରୁଥିଲା। ସେ କେନ୍ଦ୍ରୀୟ ଏସିଆରେ ଥିବା କୌଣସି ଗୋଟିଏ ଦେଶର ନାଗରିକ। ସେ ରୁଷରୁ ପୂରା ଯୋଜନା ସହ ଭାରତରେ ପହଞ୍ଚି ସେଠାରେ ଜଣେ ବଡ଼ ରାଜନେତାଙ୍କୁ ଟାର୍ଗେଟ କରି ଆତ୍ମଘାତୀ ହମଲା କରିବାକୁ ଲକ୍ଷ୍ୟ ରଖିଥିଲା। ସେ ଭାରତରେ ହମଲା କରିବାକୁ ଶପଥ ନେଇଥିବା ବିବୃତିରେ କୁହାଯାଇଛି। ରୁଷ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ▶▶ପୃଷ୍ଠା ୭

# ଦିଲ୍ଲୀ ଜନ୍ତରମନ୍ତରରେ ପୁଣି ଚାଷୀଙ୍କ ମହାମେଳି

## ୯ଦଫା ଦାବି ଜଣାଇ ପ୍ରଦର୍ଶନ କଲେ ଶହ ଶହ ସଂଖ୍ୟକ ଚାଷୀ



ନୂଆଦିଲ୍ଲୀ, ୨୨/୦୮ : ପୁଣି ଦିଲ୍ଲୀ ମୁହାଁ ହୋଇଛନ୍ତି ଚାଷୀ । ଦିଲ୍ଲୀର ଜନ୍ତରମନ୍ତରରେ କୃଷକମାନେ ଦିନକ ପାଇଁ ମହାମେଳି କରିଛନ୍ତି । ଏଥିରେ ସାମିଲ ହୋଇଛନ୍ତି ପାଖାପାଖି ୪୦ ସଂଗଠନ । ବିଭିନ୍ନ ଦାବି ନେଇ ଚାଷୀମାନେ ଏହି ମହାମେଳି କରିଛନ୍ତି । ଚାଷୀଙ୍କ ମୁଖ୍ୟ ଦାବି ହେଉଛି ଏମଏସପି ପାଇଁ ନୂଆ ଆଇନ୍ ଗଠନ କରାଯାଉ । ଏହାସହ ଚାଷୀଙ୍କ ସମସ୍ତ ଋଣ ଛଡ଼ାଯାଉ । ମହାମେଳିରେ ସାମିଲ ହେବା ପାଇଁ ବିଭିନ୍ନ ରାଜ୍ୟରୁ ଚାଷୀ ନେତାମାନେ ଦିଲ୍ଲୀ ପହଂଚିଛନ୍ତି । ହେଲେ ପୋଲିସ ସେମାନଙ୍କୁ ଅନୁମତି ଦେଇନାହିଁ । ଏହାରି ଭିତରେ ଜନ୍ତରମନ୍ତରରେ ଚାଷୀମାନେ ବ୍ୟାରିକେଡ୍ ଭାଙ୍ଗି ଧଶେଇ ପଶିଛନ୍ତି । ମହାମେଳିରେ ସାମିଲ ହେବା ପାଇଁ ପଂଜାବ, ହରିୟାଣା, ଉତର ପ୍ରଦେଶ ସମେତ ଆଉ କିଛି ରାଜ୍ୟର ଚାଷୀ ଦିଲ୍ଲୀ ପହଂଚିଛନ୍ତି । ତେବେ ଦିଲ୍ଲୀ ପୋଲିସ ଏହାର ଅନୁମତି ଦେଇନାହିଁ । କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଯେପରି ନଉପୁଜିବ, ସେଥିପାଇଁ ପ୍ରସ୍ତୁତି କରିଛି ପୋଲିସ । ଗାଜିପୁର ବର୍ଡରରେ ପ୍ରଦର୍ଶନ କରୁଥିବା ଚାଷୀଙ୍କୁ ଦିଲ୍ଲୀ ପୋଲିସ୍ ଗିରଫ କରିଛି । ଚାଷୀଙ୍କ ମହାମେଳି ଯୋଗୁଁ ଦିଲ୍ଲୀ-ଗାଜିପୁର ବର୍ଡରରେ ପ୍ରବଳ ଟ୍ରାଫିକ ଜାମ ହୋଇଛି । ଯେଉଁକାରଣରୁ ଲୋକଙ୍କୁ ନାହିଁ ନଥିବା ସମସ୍ୟାର ସାମ୍ନା କରିବାକୁ ପଡୁଛି । ଦିଲ୍ଲୀର ହରିୟାଣା ଓ ରାଜସ୍ଥାନକୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୪୯ରେ ପିକେଟିଂ ଲଗାଯାଇ ଚେକିଂ କରାଯାଉଛି । ଅନ୍ୟପଟେ ସରକାର ଓ ଦିଲ୍ଲୀ ପୋଲିସକୁ ଚାଷୀ ସଂଗଠନ ଚେତାବନୀ ଦେଇଛନ୍ତି, ଯେଉଁଠାରେ ସେମାନଙ୍କୁ ରୋକାଯିବ, ସେଠାରେ ମହାମେଳି ଆରମ୍ଭ ହେବ । ଏହାରି ଭିତରେ ଭାରତୀୟ କିଷାନ ମୋର୍ଚ୍ଚାର ନେତା ରାକେଶ ଟିକାୟତ କହିଛନ୍ତି ଯେ ସେମାନେ ଧାରଣା ଦେବା ପାଇଁ ଦିଲ୍ଲୀ ଆସିନାହାନ୍ତି । ଏକ ପୁସ୍ତକ ଉନ୍ମୋଚନ ▶▶ପୃଷ୍ଠା ୭

## ବିଏମସିର ନୂଆ ବିଲଡିଂ ଏବଂ ଓ ହବ୍ ପରିଦର୍ଶନ କଲେ ୫-ଟି ସଚିବ

ଭୁବନେଶ୍ୱର, ୨୨/୦୮ (ନି.ପ୍ର): ଟି ସଚିବ ଭି.କେ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ସତ୍ୟନଗରରେ ନିର୍ମାଣାଧୀନ ବିଏମସିର ନୂଆ ବିଲଡିଂ ଏବଂ ଓ ହବ ପରିଦର୍ଶନ କରି ଅଗ୍ରଗତିର ସମୀକ୍ଷା କରିଛନ୍ତି। ନୂତନ ବିକାଶ କେନ୍ଦ୍ରଗୁଡ଼ିକ କାର୍ଯ୍ୟକ୍ଷମ ହେବା ପାଇଁ ଆବଶ୍ୟକ କାର୍ଯ୍ୟର ଠିକ୍ ସମୟରେ କିପରି ଶେଷ ହେବ ସେ ନେଇ ସେ ଗୁରୁତ୍ୱାରୋପ କରିଛନ୍ତି। ଭୁବନେଶ୍ୱରରେ ବହୁରାଷ୍ଟ୍ରୀୟ କମ୍ପାନିମାନଙ୍କର ଏତେ ବଡ଼ ବିକାଶ କେନ୍ଦ୍ର ଖୋଲିବା ଦ୍ୱାରା ▶▶ପୃଷ୍ଠା ୭

# ସିସୋଦିଆ ଦୁନିଆର ସବୁଠାରୁ ବଡ ଶିକ୍ଷାମନ୍ତ୍ରୀ, ତାଙ୍କୁ ଭାରତରତ୍ନ ଦିଆଯାଉ : କେଜ୍ରିୱାଲ



ନୂଆଦିଲ୍ଲୀ, ୨୨/୦୮ : ଦିଲ୍ଲୀ, ପଞ୍ଜାବ ପରେ ଏବେ ଗୁଜରାଟରେ ସରକାର କରିବା ଆଶାରେ ରହିଛି ଆପ୍ । ତେଣୁ ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଆଜି ଗୁଜରାଟ ଗସ୍ତରେ ଯାଇଛନ୍ତି । ସେଠାରେ ଆପ ସରକାରକୁ ଆସିଲେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି କେଜ୍ରିୱାଲ କହିଥିଲେ । ସେହିପରି ସିବିଆଇ ଜାଲରେ ଫସିଥିବା ମନୀଷ ସିସୋଦିଆଙ୍କ ପ୍ରଶଂସା କରି କହିଛନ୍ତି, ସେ ଦୁନିଆର ସବୁଠାରୁ ବଡ ଶିକ୍ଷାମନ୍ତ୍ରୀ, ତେଣୁ ସେ ଭାରତ ରତ୍ନର ହକଦାର । ତେବେ ସିସୋଦିଆ ମଧ କହିଥିଲେ କି, ଦିଲ୍ଲୀରେ ଫ୍ରି ଶିକ୍ଷା ସୁନିଶ୍ଚିତ ହୋଇଛି । ଦିଲ୍ଲୀରେ ଜନ୍ମ ହେଉଥିବା ପିଲାଙ୍କ ପାଇଁ ଉନ୍ନତ ଶିକ୍ଷା ଉପଲବ୍ଧ ରହିଛି । ଏଭଳି କାମ ପଞ୍ଜାବରେ ମଧ ଆରମ୍ଭ ହୋଇ ସାରିଛି । ଏଭଳି ଭାବେ ଗୁଜରାଟର ପିଲାମାନେ ମଧ ଶିକ୍ଷା ପାଇବାର ହକଦାର । ଯଦି ଗୁଜରାଟରେ ଆମ ସରକାର ଆସେ ତେବେ ଆମେ ସ୍ଥାୟୀ ଶିକ୍ଷକ ନିଯୁକ୍ତି କରିବୁ । ଆଉ ପ୍ରାଇଭେଟ ସ୍କୁଲରେ ଫିସକୁ କଣ୍ଟ୍ରୋଲ କରିବୁ ।

# ଭିଜିଲାନ୍ସ ଜାଲରେ ବିଏମସି ଟ୍ୟାକ୍ସ କଲେକ୍ଟର

ଭୁବନେଶ୍ୱର, ୨୨/୦୮ (ନି.ପ୍ର): ଘରର ହୋଲ୍ଡିଂ ଟିକସ କମାଇବା ଲାଗି ଲାଂଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବିଏମସିର ଟ୍ୟାକ୍ସ କଲେକ୍ଟର ହେମନ୍ତ କୁମାର ସାହୁ ଓ ଅବସରପ୍ରାପ୍ତ କର୍ମଚାରୀ ତଥା ପୂର୍ବତନ ଟ୍ୟାକ୍ସ କଲେକ୍ଟର ଯୋଗେନ୍ଦ୍ର ପ୍ରଧାନ। ସୂଚନା ଅନୁଯାୟୀ, ବିଏମସି ର ଖଣ୍ଡଗିରି ୱାର୍ଡ ଅଫିସ ନମ୍ବର ୨୩ରେ ଅଭିଯୋଗକାରୀଙ୍କଠାରୁ ବିଏମସିର ଟ୍ୟାକ୍ସ କଲେକ୍ଟର ହେମନ୍ତ କୁମାର ସାହୁ ଓ ଯୋଗେନ୍ଦ୍ର ପ୍ରଧାନ ୧୫ ହଜାର ଟଙ୍କା ଲାଂଚ ନେଉଥିଲେ। ଏତିକି ବେଳେ ଭିଜିଲାନ୍ସ ଟିମ୍ ଘଟଣାସ୍ଥଳରେ ପହଂଚି ଲାଂଚ ଟଙ୍କା ଜବତ କରିବା ସହ ହେମନ୍ତ କୁମାର ସାହୁ ଓ ଯୋଗେନ୍ଦ୍ର ପ୍ରଧାନଙ୍କୁ ଧରିଥିଲେ। ଉଭୟଙ୍କୁ ଭିଜିଲାନ୍ସ ଅଟକ ରଖିଛି। ସେଦୁହେଁ ଅଭିଯୋଗକାରୀଙ୍କ ହୋଲ୍ଡିଂ ଟିକସ କମାଇବା ଲାଗି ଲାଂଚ ନେଉଥିଲେ।

# ଭାରତ-ଅଷ୍ଟ୍ରେଲିଆ ସମ୍ପର୍କକୁ ମଜବୁତ୍ କରିବାରେ ଶିକ୍ଷା ଏକ ପ୍ରମୁଖ ସ୍ତମ୍ଭ : ଧର୍ମେନ୍ଦ୍ର ପ୍ରଧାନ



ସିଡନୀ/ଭୁବନେଶ୍ୱର, ୨୨/୦୮ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତ ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେଇଛନ୍ତି ଏବଂ ୱେଷ୍ଟର୍ଣ୍ଣ ସିଡନୀ ବିଶ୍ୱବିଦ୍ୟାଳୟ (ଡବ୍ଲୁଏସୟୁ)ରେ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟରଙ୍କ ସହ ଅଷ୍ଟ୍ରେଲିଆ ଭାରତ ଶିକ୍ଷା ପରିଷଦ(ଏଆଇଇସି)ର ଷଷ୍ଠ ବୈଠକର ସହ-ଅଧ୍ୟକ୍ଷତା କରିଛନ୍ତି । ଦ୍ୱିପାକ୍ଷିକ ବୈଠକ ବେଳେ ଦୁଇ ମନ୍ତ୍ରୀ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ଉଭୟ ଦେଶର ସହଭାଗିତାକୁ ମଜବୁତ୍ କରିବା ପ୍ରସଙ୍ଗରେ ଫଳପ୍ରଦ ଆଲୋଚନା କରିଛନ୍ତି । ଭାରତରେ ନିଜ କ୍ୟାମ୍ପସ ସ୍ଥାପନ କରିବା ଏବଂ ଭାରତର ଶିକ୍ଷାନୁଷ୍ଠାନ ସହ ସହଯୋଗୀ କ୍ଷେତ୍ର ଗୁଡିକର ଅନ୍ୱେଷଣ କରିବା ପାଇଁ ସେ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ଏବଂ ଦକ୍ଷତା ଅନୁଷ୍ଠାନକୁ ନିମନ୍ତ୍ରଣ କରିଛନ୍ତି । ସେହିପରି ଚଳିତବର୍ଷ ଶେଷ ସୁଦ୍ଧା ଭାରତ ଆସିବା ପାଇଁ ଅଷ୍ଟ୍ରେଲିଆ ଶିକ୍ଷାମନ୍ତ୍ରୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି ଶ୍ରୀ ପ୍ରଧାନ । ଉଭୟ ମନ୍ତ୍ରୀ ଭାରତ-ଅଷ୍ଟ୍ରେଲିଆ ▶▶ପୃଷ୍ଠା ୭

# ବାଲେଶ୍ୱର ଓ ମୟୂରଭଞ୍ଜ ଗଲେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ତିନି ବରିଷ୍ଠ ଅଧିକାରୀ

ଭୁବନେଶ୍ୱର, ୨୨/୦୮ (ନି.ପ୍ର): ସଂପ୍ରତି ଉତର ଓଡ଼ିଶାରେ ପ୍ରବଳ ବର୍ଷା ଓ ବନ୍ୟାସ୍ଥିତିରେ ମତ୍ସ୍ୟ ଓ ପ୍ରାଣୀସଂପଦର ସୁରକ୍ଷା ଓ ବନ୍ୟା ପରିଚାଳନା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ତିନିଜଣ ବରିଷ୍ଠ ଅଧିକାରୀଙ୍କୁ ବାଲେଶ୍ୱର ଓ ମୟୂରଭଞ୍ଜକୁ ପଠାଯାଇଛି । ମତ୍ସ୍ୟ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଶଶିକାନ୍ତ ଆଚାର୍ଯ୍ୟଙ୍କୁ ବାଲେଶ୍ୱର ଓ ଜୋଆଚିମ୍ ଲାକ୍ରାଙ୍କୁ ମୟୂରଭଞ୍ଜ ଜିଲ୍ଲା ଦାୟିତ୍ୱରେ ରଖାଯାଇଛି। ଅଧିକାରୀ ଦ୍ୱୟ ବନ୍ୟାସ୍ଥିତିର ଆକଳନ କରି ମତ୍ସ୍ୟ ସଂପଦର ସୁରକ୍ଷା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ଦ୍ୱାରା ଜାରି କରାଯାଇଥିବା ବନ୍ୟା ପରିଚାଳନାର ମାର୍ଗଦର୍ଶିକାର କ୍ଷେତ୍ର ଅଧିକାରୀମାନେ ଅନୁପାଳନକୁ ନିଶ୍ଚିତ କରିବା ସହ ସମସ୍ତ କାର୍ଯ୍ୟ ତଦାରଖ କରିବେ। ନିୟମିତ ବ୍ୟବଧାନରେ ବନ୍ୟାର ସ୍ଥିତି ସଂପର୍କରେ ମଧ ବିଭାଗକୁ ଅବଗତ କରାଇବା ନିମନ୍ତେ ଅଧିକାରୀ ଦ୍ୱୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହ ଯୁଗ୍ମ ନିର୍ଦ୍ଦେଶକ ପବିତ୍ର କୁମାର ବେହେରାଙ୍କୁ ନିର୍ଦ୍ଦେଶାଳୟର କଂଟ୍ରୋଲ ରୁମ ତଦାରଖ ଦାୟିତ୍ୱରେ ରଖାଯାଇଛି। ସେହିପରି ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡ. ସଂଜୟ କୁମାର ପଣ୍ଡାଙ୍କୁ ବାଲେଶ୍ୱର ଜିଲ୍ଲାର ବନ୍ୟା ରିଲିଫ୍ କାର୍ଯ୍ୟ ତଦାରଖ କରିବା ନିମନ୍ତେ ତୁରନ୍ତ ବାଲେଶ୍ୱର ସିଡିଭିଓଙ୍କ କାର୍ଯ୍ୟାଳୟକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ମନରେଗା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର, ୨୨/୦୮ (ନି.ପ୍ର): ମନରେଗା (ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି ଯେ ଶ୍ରମିକଙ୍କୁ ଉଚିତ ସମୟରେ ପ୍ରାପ୍ୟ ଦେବାକୁ ରାଜ୍ୟ ସରକାର ଚାହୁଁଛନ୍ତି ଏବଂ ରାଜ୍ୟ ପାଣ୍ଠି (ଷ୍ଟେଟସ୍ ରିଭଲଭିଂ ଫଣ୍ଡ୍)ରୁ ଏହା ପ୍ରଦାନ କରାଯିବାକୁ ବ୍ୟବସ୍ଥା ରଖାଯାଉ। କେନ୍ଦ୍ର ଅନୁଦାନ ବିଳମ୍ବ ହେଲେ ରାଜ୍ୟ ଉକ୍ତ ପାଣ୍ଠିରୁ ଶ୍ରମିକଙ୍କୁ ମଜୁରୀ ଦିଆଯାଏ । ଆଉ ରାଜ୍ୟ ପାଣ୍ଠିକୁ ଅର୍ଥ ଯୋଗାଣ ଲାଗି ବ୍ୟବସ୍ଥା କରିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି । ଯାହାଦ୍ୱାରା ମନରେଗା ଜବକାର୍ଡଧାରୀଙ୍କୁ ଠିକ ସମୟରେ ମଜୁରୀ ମିଳିପାରିବ। ନରେଗା ସଫ୍ଟରେ ଉକ୍ତ ବ୍ୟବସ୍ଥା ରଖିବାକୁ ରାଜ୍ୟ ଆଗରୁ କେନ୍ଦ୍ରକୁ କହିଛି । ତେଣୁ ପ୍ରଧାନମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ନବୀନ ଚିଠିରେ ନିବେଦନ କରିଛନ୍ତି ।


ଦୈନିକ ନିରପେକ୍ଷ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

୩୩ଶ

ବାର୍ଷିକ ଉତ୍ସବ ସମାରୋହ-୨୦୨୨

ଅବଗଣନା

୫ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ସ୍ୱଚରିତ କବିତା ପାଠୋତ୍ସବ, ପ୍ରତିଭା ସମ୍ମାନ ପର୍ବ ଏବଂ ବହୁ ଆକାଂକ୍ଷିତ ‘ଧ୍ୱନି ପ୍ରତିଧ୍ୱନି’ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରାଯିବ । ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୮ ଅଗଷ୍ଟ, ୨୦୨୨, ରବିବାର @ପୂର୍ବାହ୍ନ- ୯ଟା

ସ୍ଥାନ : ଭେନିୟା ପାରାଡାଇଜ, ବାଲେଶ୍ୱର


# ଏବେ ବି ଜଳକା-ସୁବର୍ଣ୍ଣରେଖା ବିପଦ ସଙ୍କେତ ଉପରେ

## ୨୨୪ ଗାଆଁରେ ଉଦ୍ଧାର ଦୁର୍ଗତଙ୍କୁ ଦିଆଯାଉଛି ରନ୍ଧାଖାଦ୍ୟ

ବାଲେଶ୍ୱର, ୨୨/୦୮ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଓ ଉପରମୁଣ୍ଡ ପାଣିରେ ଜିଲା ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ସାଙ୍ଗକୁ ୬ଟି ବ୍ଲକ ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଗତକାଲି ରାତିଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ଅତି ତୀବ୍ର ହୋଇଥିଲା। ବିଶେଷ କରି ସୁବର୍ଣ୍ଣରେଖା ଓ ଜଳକା ନଦୀର ଜଳସ୍ତର ବିପଦ ସଙ୍କେତର ବହୁ ଉପରେ ରହିବା ଓ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ସତର୍କ ସୂଚନାଙ୍କ ଅତିକ୍ରମ କରିଥିଲା। ଫଳରେ ଭୋଗରାଇ, ଜଳେଶ୍ୱର, ବସ୍ତା, ବାଲିଆପାଳ, ରେମୁଣା ଓ ସଦର ବ୍ଲକର ଶହ ଶହ ଗାଁ ପାଣିଘେରକୁ ଚାଲି ଯାଇଥିଲା। ଅଗ୍ନିଶମ, ଏନଡିଆରଏଫ ଏବଂ ଓଡ୍ରାଫର ୨୫ ଗୋଟି ଟିମ ୩ଦିନ ଧରି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ୬ ବ୍ଲକରେ ବନ୍ୟା ପ୍ଲାବିତ ୮୫ ପଞ୍ଚାୟତର ୨୨୪ ଗାଁରୁ ମୋଟ ୩୯,୬୭୩ ଜଣଙ୍କୁ ଉଦ୍ଧାର ସହ ୨୧୩ ଗୋଟି ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବାଲିଆପାଳ ବ୍ଲକର ସର୍ବାଧିକ ୧୦୩ ଟି ତଳିଆ ଗ୍ରାମରୁ ୧୮,୮୪୩ ଜଣଙ୍କୁ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତରିତ କରାଯାଇଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ଆଶ୍ରୟ ସ୍ଥଳରେ ସମସ୍ତଙ୍କୁ ଶୁଖିଲା ଖାଦ୍ୟ ଓ ଆନୁସଙ୍ଗିକ ସାମଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୧୭୫ଟି କେନ୍ଦ୍ରରେ ୨ଦିନ ଧରି ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ସୋମବାର ସକାଳଠାରୁ ଜଳକା ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଥିଲେ ବି ବନ୍ୟା ଅଞ୍ଚଳରସ୍ଥିତି ପୂର୍ବଭଳି ରହିଛି। ରାତି ୧୦ ସୁଦ୍ଧା ସୁବର୍ଣ୍ଣରେଖାର ଜଳସ୍ତର ବିପଦ ସଙ୍କେତ (୧୦.୩୬ମି)ର ବହୁ ଉପରେ ଅର୍ଥାତ ୧୧.୧୦ ଓ ଜଳକା ବିପଦ ସଙ୍କେତ (୫.୫୦ ମି) ଉପରେ ୬.୪୪ ମିଟର ଉପରେ ପ୍ରବାହିତ ହେଉଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ଭୋଗରାଇ, ଜଳେଶ୍ୱର, ବାଲିଆପା ଓ ବସ୍ତା ବ୍ଲକର ଶହଶହ ଗାଁ ଏବେ ବି ପାଣିଘେରରେ ରହିଛି। ଜଳକା ଓ ସୁବର୍ଣ୍ଣରେଖାର ଜଳସ୍ତର ଆସନ୍ତାକାଲି ଅପରାହ୍ଣ ସୁଦ୍ଧା ବିପଦ ସଙ୍କେତ ନିମ୍ନକୁ ଖସିବ ବୋଲି ଅନୁମାନ କରାଯାଇଛି। ପୁଣି ଆସନ୍ତାକାଲି ଯଦି ଲଘୁଚାପ ଜନିତ ବର୍ଷା ହୁଏ, ତାହାଲେ ୨୨୪ ଗାଁର ସ୍ଥିତି ଦୁର୍ବିସହ ହୋଇପଡ଼ିବ ବୋଲି ଆଶଙ୍କା ଦେଖାଯାଇଛି। ଅନ୍ୟପକ୍ଷରେ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

## ନାଗ ସାପ କାମୁଡ଼ାରେ ମହିଳା ମୃତ

ବଲାଙ୍ଗିର,୨୨/୦୬ (ନି.ପ୍ର): ନାଗ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି । ମୃତ ମହିଳା ଜଣକ ସୁବର୍ଣ୍ଣପୁର ଜିଲ୍ଲା ତରଭାଥାନା ଅନ୍ତର୍ଗତ ଡୁଙ୍ଗୁରିପାଲି ଗ୍ରାମର ଯୋଶବନ୍ତୀ ଧରୁଆ(୫୦) ବୋଲି ଜଣାପଡିଛି । ସୂଚନା ଅନୁସାରେ ଯୋଶବନ୍ତୀ ଘରେ ଥିବା ସମୟରେ ଘରର ଛାୟା ଉପରେ ଥିବା ନାଗ ସାପଟି କାମୁଡି ଦେଇଥିଲା । ଫଳରେ ସଙ୍ଗେ ସଙ୍ଗେ ପରିବାର ଲୋକେ ଯୋଶବନ୍ତୀଙ୍କୁ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ଆଣିଥିବା ବେଳେ ଡାକ୍ତର ଯୋଶବନ୍ତୀଙ୍କୁ ମୃତ ଘୋଷଣା କରିଥିଲେ । ପରେ ବଲାଙ୍ଗିର ଶବ ବ୍ୟବଚ୍ଛେଦ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି ।

## ବିଜେପି ତରଫରୁ ରିଲିଫ ବଣ୍ଟନ

କେନ୍ଦ୍ରାପଡା,୨୨/୦୬ (ନି.ପ୍ର): କେନ୍ଦ୍ରାପଡାର ପୂର୍ବତନ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ତରଫରୁ ବନ୍ୟା ପିଡିତ ମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି । ମହାକାଳପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବନ୍ୟା ପିଡିତ ଲୋକ ମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି । ମହିଳା ମୋର୍ଚ୍ଚା ଜିଲ୍ଲା କୋଷାଧ୍ୟକ୍ଷ ପ୍ରତିମା ନାୟକଙ୍କ ନେତୃତ୍ୱରେ ଜିଲ୍ଲା ସଦାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅମିତାବ ସୁଆର, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟ ଦର୍ଶନୀ ନନ୍ଦ, ଉପ ସଭାନେତ୍ରୀ ମଞ୍ଜୁଲତା ମଲିକ, ସାଧାରଣ ସଂପାଦିକା ଲିଜାରାଣୀ ଦାସ, ବନ୍ଦନାରାଣୀ ରାଉତରାୟ, ସରସ୍ୱତୀ ବେହେରା, ରୀତାଞ୍ଜଳୀ ଦାସ, ରେଣୁବାଳା ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ମହାକାଳପଡା, ମାର୍ଶାଘାଇ ଓ ଗରଦପୁର ର ବିଭିନ୍ନ ଅଂଚଳରେ ବନ୍ୟା ପିଡିତଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି ।

# ପୁଇଁତଳା ବ୍ଲକ ସରପଂଚ ସଂଘର ବୈଠକ ଗ୍ରାମାଂଚଳର ତଳସ୍ତରର ଲୋକଙ୍କ ବିକାଶ ତଳସ୍ତରରୁ ପ୍ରାଥମିକତା

ବଲାଙ୍ଗିର ,୨୨/୦୬ (ନି.ପ୍ର): ଆଜି ପୁଇଁତଳା ବ୍ଲକର ମହିମୁଣ୍ଡା ପଂଚାୟତ ସଭାଗୃହ ଠାରେ ପୁଇଁତଳା ବ୍ଲକ ସରପଂଚ ସଂଘର ଏକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ପୁଇଁତଳା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଯୋଗ ଦେଇ କୌଣସି ବି ଲୋକ ନିଜ ମୌଳିକ ଅଧିକାରରୁ ଯେପରି ବଂଚିତ ନ ହୁଏ ସେଥିପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ । ପଂଚାୟତର ସରପଂଚ ମାନେ ହେଉଛନ୍ତି ଜଣେ ଜଣେ ପ୍ରୋଗ୍ରାମିଙ୍ଗ ଅଫିସର । ସେମାନଙ୍କ ଦ୍ୱାର ପ୍ରସ୍ତୁତ କାର୍ଯ୍ୟଖସଡା ଉପରେ ଆଲୋଚନା ହୋଇ ପଂଚାୟତ ଗୁଡିକରେ ବାକି ରହିଥିବା ଉନ୍ନତିମୂଳକ କାମ ଉପରେ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା ବୋଲି ବ୍ଲକ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଏହି ବୈଠକରେ ପୁଇଁନ୍ତଳା ବ୍ଲକ ଅନ୍ତର୍ଗତ ୨୫ଟି ପଂଚାୟତର ସରପଂଚଓ ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟ ମାନେ ଯୋଗ ଦେଇ ପଂଚାୟତ ଗୁଡିକରେ ଲୋକଙ୍କ ମୌଳିକ ସୁବିଧା ପୂରଣ କରିବା ଦିଗରେ ବିଭିନ୍ନ ପ୍ରସ୍ତାବ ମାନେ ଦେଇଥିଲେ । ତୃଣମୂଳସ୍ତରରେ ସାଧାରଣ ଲୋକଙ୍କ ଆବଶ୍ୟକତା ପୂରଣ, ସରକାରୀ ଅନୁଦାନର ସଠିକ୍ ବିନିଯୋଗ ଓ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସଂପର୍କରେ ଆଲୋଚନା ହୋଇଥିଲା । ପରେ ସ୍ଥାନୀୟ ମହୀମୁଣ୍ଡା ହାଇସ୍କୁଲ ଠାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନକୁ ବିଙ୍ଗ ହ୍ୟୁମେନର ସଭାପତି ସୋମନାଥ ମିଶ୍ର ପରିଚାଳନା କରିଥିଲେ । ଏଥିରେ ବିଭିନ୍ନ ପଂଚାୟତର ସରପଂଚ ମାନେ ନିଜ ନିଜ ମତାମତ ଉପସ୍ଥାପନ କରିବା ସହ ବଲାଙ୍ଗୀର ରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଫୁଲତୋଡା ଓ ଉତରୀୟ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ସଭାରେ ପୁଇଁତଳା ବ୍ଲକ ୧୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସବିତା ସେଠ, ୧୮ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ କୁମରମଣୀ ସେଠ, ସମାଜସେବୀ ସୁରେଶ ନାଏକ, ପୁଇଁତଳା ବ୍ଲକ ଉପାଧ୍ୟକ୍ଷା ନିଳୀମା ଅମାତ ପୁଇଁତଳା ବ୍ଲକ ସରପଂଚ ସଂଘ ସଭାପତି ତଥା ମଲମୁଣ୍ଡା ସରପଂଚ ବିଷ୍ଣୁ ପଟେଲ ପ୍ରମୁଖ ମଂଚାସୀନ ରହି ନିଜର ପଂଚାୟତର ବିକାଶ କୁ ନେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । । ଏହି ଅବସରରେ ପୁଇଁତଳା ବ୍ଲକକୁ ବିକାଶ କ୍ଷେତ୍ରରେ ଫୋକସ୍ କରିବା ଆମର ପ୍ରଥମ ଲକ୍ଷ ବୋଲି ପୁଇଁତଳା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଏହି ଅବସରରେ ବଲାଙ୍ଗିର ଜିଲାସ୍ତରୀୟ କାର୍ଯ୍ୟରତ ସାମ୍ବାଦିକ ତଥା ପୁଇଁତଳା ବ୍ଲକ ସ୍ତରୀୟ ଗଣମାଧ୍ୟମ ପ୍ରତିନିଧି ଓ ନିର୍ବାଚିତ ଲୋକ ପ୍ରତିନିଧି ମାନଙ୍କୁ ନେଇ ବୈଠକରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ଉତରୀୟ ଓ ଫୁଲତୋଡା ଦେଇ ସମାନିତ କରିଥିଲେ ଉତରରେ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କ ଭିତରୁ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ଗୁପ୍ତେଶ୍ୱର ପୃଷ୍ଟି,ରଘୁ ନନ୍ଦନ ସିଂହ, ଯୁଧିଷ୍ଠି ମେହେର, ସନ୍ଦୀପ କୁମାର, ଦୀପକ ପୁରୋହିତ, ନିରୋଜ ମିଶ୍ର, ବଳରାମ ମିଶ୍ର ସମ୍ବର୍ଦ୍ଧନା ର ଉତର ରେ ନିଜର ଅଭିଭାଷଣ ରଖିଥିବା ବେଳେ ସମସ୍ତ ପ୍ରତିନିଧି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲାର ୧୪ ଗୋଟି ବ୍ଲକ ମଧ୍ୟରୁ ପ୍ରଥମ କରି ପୁଇଁତଳା ବ୍ଲକ ଅଧ୍ୟକ୍ଷ ଉଦ୍ୟମରେ ଏଭଳି ମିଳନ କାର୍ଯ୍ୟକ୍ରମ ହୋଇଥିବାରୁ ପ୍ରତିନିଧି ମାନେ କୃତଜ୍ଞତା ପ୍ରକାଶ କରିଥିଲେ । ଅଂଚଳରେ ବିକାଶ ପାଇଁ ଗଣମାଧ୍ୟମ ଓ ଲୋକ ପ୍ରତିନିଧି ଙ୍କର ଦାୟିତ୍ୱ ଥିବା ବେଳେ ସହଯୋଗରେ ଏହା ଦ୍ୱିଗୁଣିତ ହେବ ବୋଲି ସାମ୍ବାଦିକ ମାନେ କହିଥିଲେ ।

# ବନ୍ୟା ବିପନ୍ନଙ୍କ ମୁହଁରେ ହସ ଫୁଟାଇଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

ଖୋର୍ଦ୍ଧା,୨୨/୦୬ (ନି.ପ୍ର): ଦୀର୍ଘ ଚାରିଦିନ ଧରି ପ୍ରଶାସନର ଆଢୁଆଳରେ ଥିବା ତିରିମଲ ତଳସାହି ଆଦିବାସୀ ବସ୍ତିର ବନ୍ୟା ଘେରରେ ଥିବା ଲୋକଙ୍କ ମୁହଁରେ ହସ ଫୁଟାଇଲା ପାଣ୍ଡବ ଜେନା ଫାଉଣ୍ଡେସନ । ପ୍ରକାଶ ଥାଉକି, ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅନ୍ତର୍ଗତ ତିରିମଲ ଠାରେ ଅତିବାହିତ ରାଜୁଆ ନଦୀରେ ଘାଇ ହେବା ଦ୍ୱାରା ଅବିଭକ୍ତ ପୁରୀ ଜିଲ୍ଲାର ଜଟଣୀ, ଖୋର୍ଦ୍ଧା ଓ କଣାସ ବ୍ଲକର ଅନେକ ଗ୍ରାମ ଜଳମଗ୍ନ ହେବା ସହିତ ହେକ୍ଟର ହେକ୍ଟର ଚାଷଜମି ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି । ଅନେକ ଗାଁରେ ବନ୍ୟାପାଣି ପସିବାରେ ଲୋକମାନେ କିଏ ଛାତ ଉପରେ ତ'ଆଉକିଏ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି । ହେଲେ ଏହି ତିରିମଲ ଆଦିବାସୀ ବସ୍ତିଟି ପ୍ରଶାସନର ସମ୍ପୂର୍ଣ୍ଣ ଆଢୁଆଳରେ ରହିଯାଇଥିବା ଦେଖାଯାଇଛି । ବସ୍ତିର ଚତୁପାର୍ଶ୍ୱରେ ପାଣି ଘେରି ରହିଥିବା ବେଳେ ରାସ୍ତାରେ ଚାରି ଫୁଟରୁ ଉପରେ ପାଣି ଚାଲୁଛି । ଫଳରେ ବସ୍ତିର ଏକାଧିକ ପରିବାର ପାଣି ଘେରରେ ଚାରିଦିନ ହେଲା ଭୋକ ଉପାସରେ ରହିଛନ୍ତି । ଏମାନଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚିପାରିନି ପ୍ରଶାସନ । ଆଜି ଖବରପାଇ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପାଣ୍ଡବ ଜେନା ଫାଉଣ୍ଡେସନ'ର ଅଧ୍ୟକ୍ଷ ତଥା ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ଜେନା ବସ୍ତିରେ ପହଂଚି ଶୁଖିଲା ଖାଦ୍ୟ ଓ ପିଇବା ପାଣି ଯୋଗାଇ ଦେଇଥିଲେ । ବସ୍ତି ବାସିନ୍ଦା ମାନେ ପ୍ରଶାସନର ଅପହଂଚକୁ କଠୋର ଭାଷାରେ ନିନ୍ଦା କରିବା ସହିତ ଚାରିଦିନ ପରେ ବିପନ୍ନଙ୍କ ମୁହଁରେ ଦାନା ପାଣି ଦେଇଥିବାରୁ କୋହଭରା କଣ୍ଠରେ ଶ୍ରୀ ଜେନାଙ୍କୁ ସାଧୁବାଦ ଓ କୃତଜ୍ଞତା ଜଣାଇଛନ୍ତି ।

ଏ ସମ୍ପର୍କରେ ତିରିମଲ ସରପଂଚ ପ୍ରସନ୍ନ ଛୋଟରାୟଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ପ୍ରଶାସନ ତରଫରୁ କିଛି ମିଳିନାହିଁ ଆମେ କିଛି ଚୁଡ଼ା, ଗୁଡ଼ ଓ ବିସ୍କୁଟ ଦେଇଛୁ ଏବଂ ଆଜି କିଛି ଚାଉଳ ଦେଇଛୁ । ହେଲେ ଜଟଣୀ ବ୍ଲକ ପ୍ରଶାସନ ତୁରନ୍ତ ବିପନ୍ନଙ୍କ ନିକଟରେ ପହଂଚି ସହାୟତା ଯୋଗାଇ ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ବଲାଙ୍ଗିର ଦିନ୍ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗିର,୨୨/୦୬ (ନି.ପ୍ର): ଗତ ବର୍ଷ ପରି ଏ ବର୍ଷ ମଧ ନଭେମ୍ବର ୧ରେ ବାଲାଙ୍ଗିର ଦିନ ଧୁମଧାମରେ ପାଳନ କରାଯିବ । ମାଁ ମାଟିର ଏହି ଉତ୍ସବକୁ ନେଇ ଗତ ବର୍ଷ ଲୋକଙ୍କ ମଧରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା । ଦଳ ମତ ଜାତି ଧର୍ମ ନିର୍ବିଶେଷରେ ବଲାଙ୍ଗିରବାସୀ ଏକ ହୋଇ ବଲାଙ୍ଗିର ଦିନ୍ ପାଳନ କରିଥିଲେ । ସେହିକ୍ରମରେ ଏ ବର୍ଷ ମଧ ହର୍ଷୋଉଲ୍ଲାସ ର ସହ ବଲାଙ୍ଗିର ଦିନ ପାଳନ କରାଯିବ । ତାସହ ଏଥର ବଲାଙ୍ଗିର ମାଁ ମାଟିର ମହକ, ଏହାର ଇତିହାସ, କଳା, ସଂସ୍କୃତି କୁ ନେଇ ଏକ ବିଶେଷ ସ୍ମରଣିକା ପ୍ରକାଶ କରାଯିବା ବୋଲି ସ୍ଥାନିୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଥିବା ପ୍ରସ୍ତୁତି ବୈଠକରେ ବଲାଙ୍ଗିର ଦିନ ଆୟୋଜକ କମିଟି ପ୍ରକାଶ କରିଛି । କମିଟିର ଅଧ୍ୟକ୍ଷ ଅଙ୍କୁଶ ପାଣ୍ଡିଆଙ୍କ ଅଧ୍ୟକ୍ଷତା ତଥା ସଂପାଦକ ପ୍ରଶାନ୍ତ ମାହକୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପସ୍ଥିତ ସମସ୍ତ ସଭ୍ୟଙ୍କ ଦ୍ୱାରା ଆଗାମୀ ବଲାଙ୍ଗିର ଦିନକୁ ଆହୁରି ମୁଖର ଓ ପ୍ରଖର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଥିଲା । ତାଛଡା ଏଥର ବଲାଙ୍ଗିର ମାଁ ମାଟି ଓ ମହକ କୁ ନେଇ ଏକ ସ୍ମରଣୀକା ପ୍ରକାଶ କରିବା ନେଇ ସର୍ବସମ୍ମତି ପ୍ରକାଶ ପାଇଥିଲା । କମିଟି ଏହି ଉଦ୍ଦେଶ୍ୟରେ ସାରା ଜିଲ୍ଲାରୁ ଉଚ୍ଚ ସ୍ତରର ଲେଖା ପଠାଇବା ପାଇଁ ଅନୁରୋଧ କରିଛି । ପ୍ରଚାର ପ୍ରସାର କମିଟିର ସଂପାଦକ ବିଭୁ କଲ୍ୟାଣ ଗଡତିଆ ସଭା ପରିଚାଳଣା କରିଥିବା ବେଳେ ସଭାରେ ଗୁରୁଶ୍ରୀ ଘାସିରାମ ମିଶ୍ର, ନାଟ୍ୟ ଭୁଷଣ ଜଗଦା ନନ୍ଦ ଛୁରିଆ, କୋଶଳବାଦୀ ନିମେଇ ପାଣିଗ୍ରାହୀ, ପ୍ରଫେସର ଶିବ ନନ୍ଦ, ବରିଷ୍ଠ ସାମ୍ବାଦିକ ଅରୁଣ ମିଶ୍ର, ଆନନ୍ଦ ଚନ୍ଦ୍ର ସାହୁ, ମନୋରଞ୍ଜନ ଯୋଷୀ, ଅଖିଳ ହୋତା, ପୂର୍ଣ୍ଣଚନ୍ଦ୍ର ପଣ୍ଡ. ସୁନୀଲ ମହାନ୍ତି, ଯୁଧିଷ୍ଟିର ମେହେର, ଦେବାଶିଷ ମିଶ୍ରଙ୍କ ସହିତ ସହ ଅଧ୍ୟକ୍ଷ ବିନୋଦ କାଲସାଏ, ଅର୍ଜୁନ ସାହୁ, ପ୍ରଭାକର ମିଶ୍ର, ରତନ ମହାରଣା, ଗୋପାଳଜୀ ପାଣୀଗ୍ରାହୀ, ଦୀନେଶ ଶର୍ମା, ସୋମନାଥ ମିଶ୍ର, ଅଭିଷେକ ଦାଶ, ବିକାଶ ସାଏ, ସଙ୍ଗିତା ପାଣୀଗ୍ରାହୀ, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ, ପଶ୍ଚିମ ଓଡିଶା ଯୁବା ମ, ନାଗରୀକ କମିଟି, ମାହେଶ୍ୱରୀ ଗୃପ, ତହଁକ ପରିବାର , ଯାଦବ ସମାଜ, ସମଲେଶ୍ୱରୀ ମନ୍ଦିର ଆଳତି କମିଟି, ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ, ସ୍ମାଇଲ ଫର ୟୁ ସଂଗଠନର ସଭ୍ୟମାନେ ଉପସ୍ଥିତ ରହି ସକ୍ରୀୟ ଅଂଶଗ୍ରହଣ କରିଥିଲେ । ଶେଷରେ ଅବାହକ ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଭୂଇଁରୁ ଉଠି ପାରୁନି ବଡକମଣ୍ଡରା ସ୍ୱାସ୍ଥ୍ୟ ଉପକେନ୍ଦ୍ର: ଯଥାଶୀଘ୍ର ନିର୍ମାଣ ନହେଲେ ଆନ୍ଦୋଳନର ଚେତାବନୀ

ହରିଚନ୍ଦନପୁର,୨୨/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ତେନ୍ତଲାପଶି ପଚାଂୟତର ବଡକମଣ୍ଡରା ଗ୍ରାମରେ ଆଜକୁ ୩୩ ବର୍ଷ ହେଲା କାଗଜ କଲମରେ ଚାଲିଥିଲା ସ୍ୱାସ୍ଥ୍ୟ ଉପକେନ୍ଦ୍ର । ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉପରେ ବଡକମଣ୍ଡରା, ସାନକମଣ୍ଡରା, ଦଧିବାମନପୁର, ଧନୁର୍ଯ୍ୟପୁର, ମିଶ୍ରମାଳ, ଗୋପିନାଥପୁର, ଖୁଂଟବନ୍ଧ, ଓ ହାତିନୋଟା ଭଳି ୮ଟି ଗ୍ରାମର ଲୋକେ ନିର୍ଭର କରନ୍ତି । ଦିର୍ଘ ୩୩ ବର୍ଷ ପରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଅକ୍ଟୋବର ୨୦୨୧ ରେ ହରିଚନ୍ଦନପୁର ବିଡିଓ ଟେଣ୍ଡର କରିଥିଲେ । ଟ ୨୬୩୧୧୦୫ ଙ୍କା ବ୍ୟୟ ଅଟକଳରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ପାଇଁ ସ୍ଥାନ ନିରୁପଣ ହୋଇ ଟେଣ୍ଡରର ୬ ମାସ ପରେ ଅପ୍ରେଲ ୨୭ ତାରିଖ ନିଅଁ ଗାତ ଖୋଳା ଗଲା । କିନ୍ତୁ, ବିଡମ୍ବନାର ବିଷୟ ଗାତ ଖୋଳା ଯିବାର ସପ୍ତାହେ ପରେ ଠିକାଦାର ଗୃହ ନିର୍ମାଣ ପାଇଁ ପକାଇଥିବା ସାମଗ୍ରୀ ଗୁଡ଼ିକୁ ଉଠେଇ ନେଇଗଲେ । ଏ ବିଷୟରେ ଗ୍ରାମବାସୀଙ୍କ ଅଭିଯୋଗ ପରେ ହରିଚନ୍ଦନପୁର ବିଡିଓ ମଇ ମାସ ୨୬ ତାରିଖରେ ପ୍ରକଳ୍ପ ସ୍ଥାନ ଅନୁଧାନ କରି ୩ ଦିନ ଭିତରେ କାମ ଆରମ୍ଭ ନହେଲେ ଟେଣ୍ଡର ବାତିଲ କରାଯିବ ବୋଲି କହିଥିଲେ । କାମ ଆରମ୍ଭ ନହେବାରୁ ମଇ ୩୧ ତାରିଖ ଦିନ ହରିଚନ୍ଦନପୁର ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏ ବିଷୟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଇଥିଲା । ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅନ୍ୟାନ୍ୟ ଜିଲ୍ଲାସ୍ତରିୟ ଅଧିକାରୀ ଓ ହରିଚନ୍ଦନପୁର ବିଡିଓଙ୍କ ଉପସ୍ଥିତିରେ ତିନି ଦିନ ପରେ କାମ ଆରମ୍ଭ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଲେ । କିନ୍ତୁ, ଅଭିଯୋଗର ଦୁଇ ମାସ ପରେ ମଧ କାମ ଆରମ୍ଭ ନହେବାରୁ ଅଗଷ୍ଟ ୧ ତାରିଖରେ ପୁଣି କେନ୍ଦୁଝର ଦରବାର ହଲ ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥିଲେ ମଧ କାମ ଆରମ୍ଭ ହେଲା ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଟେଣ୍ଡର ନିୟମାବଳୀ ଅନୁଯାୟୀ ଠିକାଦାର ଟେଣ୍ଡରର ୪ ମାସ ଭିତରେ କାମ ସମାପ୍ତ କରିବାର ଥିଲେ ମଧ ୬ ମାସ ପରେ କାମ ଆରମ୍ଭ ପାଇଁ ଗାତ ଖୋଳାଗଲା । କାମ ଆରମ୍ଭ ଦୂରେ ଥାଉ ଗୃହ ନିର୍ମାଣ ସାମଗ୍ରୀ ପ୍ରକଳ୍ପ ସ୍ଥାନରୁ ଉଠାଇ ନେବାର ୪ ମାସ ପରେ ମଧ ଠିକାଦାର ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଟେଣ୍ଡର ବାତିଲ୍ କରି ନୂତନ ଟେଣ୍ଡର ନକରିବା ପ୍ରଶାସନର ଭୂମିକାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ବର୍ଷା ଦିନ ଆସିବାରୁ ଖୋଳା ଯାଇଥିବା ଗାତରେ ପାଣି ଭରିବା ସହ ଅଧା ଗାତ ପୋତି ହୋଇଗଲାଣି । ବର୍ତ୍ତମାନ ପ୍ରଶାସନ ପାଣିର ଆଳ ଦେଖେଇ କାମ ଆରମ୍ଭ କରୁ ନାହାଁନ୍ତି ବୋଲି ଜଣାପଡୁଛି । ଗୃହ ନିର୍ମାଣ ପାଇଁ ଉନ୍ନତ ତଥା ଆଧୁନିକ ଜ୍ଞାନ କୌଶଳ ଉପଲବ୍ଧ ଥିବାବେଳେ ଜାତିୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଯନ୍ତ୍ରୀମାନେ ସେଥି ପ୍ରତି ଧ୍ୟାନ ନଦେଇ କାମକୁ କେତେ ପ୍ରକାର ଆଳ ଦେଖେଇ ଠିକାଦାରକୁ ସୁରକ୍ଷା ଦେବା ସହ କାମ ଆରମ୍ଭରେ ବିଳମ୍ବ କରିହେବ ସେଥି ପ୍ରତି ବେଶ୍ ଚେଷ୍ଟିତ ଥିବା ଭଳି ମନେ ହୁଏ । ଠିକ ସମୟରେ କାମ ଆରମ୍ଭ ନକରିବା ଓ ପ୍ରଶାସନର ଖାମଖିଆଲ ନୀତି ପାଇଁ ଠିକାଦାର ଓ ବିଭାଗୀୟ ଅଧିକାରୀ ଦଣ୍ଡିତ ହେବା ବଦଳରେ ୮ ଟି ଗ୍ରାମର ଲୋକେ ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ସମସ୍ୟାରୁ ବଂଚିତ ହେଉଥିବା ନେଇ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି । କେଉଁ ଅଦୃଶ୍ୟ ଶକ୍ତିର ଚାପରେ ଚେପା ହେଇ କେନ୍ଦୁଝର ଜିଲ୍ଲା ପ୍ରଶାସନ ଠିକାଦାରଙ୍କୁ ମନମାନି କରିବାକୁ ଛାଡି ଦେଇଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଏଥିସହ ଟେଣ୍ଡର ପରେ ସାମଗ୍ରୀ ପକାଇ ଉଠାଇ ନେବା କଥାକୁ ନେଇ ଉକ୍ତ ଫାଇଲରେ ଟଙ୍କା ଅଛି କି ନାହିଁ ତାହା ସନ୍ଦେହ ଘେରରେ ।

# ଡୁମାଲ ପରିଷଦ ଓଡିଶା ସହରାଂଚଳ ବଲାଙ୍ଗିର ସାଧାରଣ ବୈଠକ

ବଲାଙ୍ଗିର,୨୨/୦୬ (ନି.ପ୍ର): ଡୁମାଲ ପରିଷଦ ଓଡିଶା ସହରାଂଚଳରେ ବଲାଙ୍ଗିର ର ସମ୍ବର୍ଦ୍ଧନା ତଥା ସାଧାରଣ ସଭା ସଭାପତି ସଞ୍ଜୟ ମହାକୁର ଙ୍କ ସଭାପତିତ୍ୱରେ ଯାଦବ ଭବନ ବଲାଙ୍ଗିର ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବଲାଙ୍ଗିର ପୌରାଂଚଳର ପୌରାଧ୍ୟକ୍ଷା ଲିକା ସାହୁ ମୁଖ୍ୟ ଅତିଥି, ଜିଲ୍ଲା ଡୁମାଲ ସଭାପତି ଲମ୍ବୋଦର ମହାକୁର, ଦେଓଗାଁ ପଂଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପରିଷଦର ସଂପାଦକ ମଲିଆ ଗଡୁଆ ପରିଷଦର ବିବରଣୀ ପାଠ କରିବା ସଙ୍ଗେ ସଙ୍ଗେ ସଭା ସଂଯୋଜନା କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ କୁମାରୀ ମୋନାଲିସା କର୍ମୀ, ପି. ଭିକାରୀ ଚରଣ କର୍ମୀ, କୁମାରୀ ନମିତା ମହାକୁର, ପି. ଶରତ ଚନ୍ଦ୍ର ମହକୁର,କୁମାରୀ ଅଷ୍ମିତା ପ୍ରିୟଦର୍ଶନୀ ଖେତି ଦଶମ ଶ୍ରେଣୀ ପରିକ୍ଷାରେ ୯୦ ପ୍ରତିଶତ ଉର୍ଦ୍ଧ ମାର୍କ ରଖି ଥିବାରୁ ଏବଂ ରିକନ ମହାକୁର ପି. ଗୋପାଲ ଚନ୍ଦ୍ର ମହାକୁର, ବର୍ଷା ମହାକୁର ପି. ବୃନ୍ଦାବନ ମହାକୁର ଯୁକ୍ତ ଦୁଇ ପରିକ୍ଷାରେ ସଫଳ ଅର୍ଜନ କରିଥିବାରୁ ଦିଲିପ କୁମାର ଦନ୍ତା ପୋଲିସ ସେବାରେ ରାଷ୍ଟ୍ରପତି ପୁରସ୍କାର ପାଇଥିବାରୁ ଏବଂ ମାହେଶ୍ୱରୀ ସେନା ର ସେବା ସହଯୋଗ ଏବଂ ସମର୍ପଣ ନିମିତ ସିଲ ଏବଂ ମାନପତ୍ର ପ୍ରଦାନ ମୁଖ୍ୟ ଅତିଥିଙ୍କ ଦ୍ୱାରା କରାଯାଇଥିଲା । ଏତଦ୍ ବ୍ୟତି ଅଭିଷେକ କଂଟା ପି. ଅକ୍ଷୟ କୁମାର କଂଟା ଓଡିଶା ସରକାରଙ୍କ ଓ.ପି.ଏସ୍.ସି ପରିକ୍ଷାରେ ଉତିର୍ଣ୍ଣ ହୋଇ ଥିବାରୁ ତାଙ୍କ ମଧ ସିଲ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଉପସଭାପତି ବୃନ୍ଦାବନ ମହାକୁର ଏବଂ ଜିବନ କରନ, ଯୁଗ୍ମ ସଂପାଦକ ଭରତ ମହାକୁର, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ମହାକୁର, ଜିଲ୍ଲା ସଭାପତି ଲମ୍ବୋଦର ମହାକୁର, ସଂପାଦକ ଇନ୍ଦ୍ରମଣି ବାରିକ ଏହି ବୈଠକର ସଭାପତି ସଞ୍ଜୟ ମହାକୁର, ସଂପାଦକ ମଲିଆ ଗଡୁଆ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୁଡୁ କରନ, ଦିନବନ୍ଧୁ ଡାଙ୍ଗ, ପିତାମ୍ବର ଖମାରୀ, ପଲଉ ଚାଉଲିଆ, ଭୋଳାନାଥ ଗୁରାଣ୍ଡି, ଉପଦେଷ୍ଟା ରାଧେଶ୍ୟମ ଗଡୁଆ ସଭାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପରିଶେଷରେ କାର୍ଯ୍ୟକାରିଣି ସଭ୍ୟ ଭିକାରୀ ଚରଣ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇନସେବା ପ୍ରାଧିକରଣ ଦ୍ୱାରା ଜିଲ୍ଲାସ୍ତରୀୟ ଆଇନ ସାକ୍ଷରତା ପର୍ବ ଅନୁଷ୍ଠିତ

କେନ୍ଦୁଝର,୨୨/୦୬ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧରକରଣ, କେନ୍ଦୁଝର ଆନୁକୂଲ୍ୟରେ ଓ ଜାତୀୟ ତଥା ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶରେ କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ରବିବାର ଦିନ ଜିଲ୍ଲାସ୍ତରୀୟ ଆଇନ ସାକ୍ଷରତା ପର୍ବ ଅନୁଷ୍ଠିତ ହୋଇଯାଇଛି । ଆଇନସେବା ପ୍ରାଧିକରଣର, ଜିଲ୍ଲା ପ୍ରଶାସନର ଶିକ୍ଷା ବିଭାଗ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ ଚିତ୍ତରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦୁର୍ନିତୀ ନିବାରଣ ସ୍ୱତନ୍ତ୍ର ବିଚାରପତି ଜଗଦୀଶ ପ୍ରସାଦ ମହାନ୍ତି ଅତିଥି ଭାବେ ଯୋଗ ଦେଇ ମା' ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା କାର୍ଯ୍ୟକ୍ରମର ଆବାହକ ମାନସ କୁମାର ମିଶ୍ର,ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ରଞ୍ଜୁଲତା ଲେଙ୍କା, ବରିଷ୍ଠ ଶ୍ରେଣୀ ବିଚାରପତି ଅମରେଶ ମହାପାତ୍ର, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ସ୍ମିତପ୍ରଜ୍ଞ ବିଶ୍ୱାଳ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗଷ୍ଟି ଅତିଥି ଭାବେ ଯୋଗ ଦେଇଥିବାବେଳେ ଆଇନସେବା ପ୍ରାଧିକରଣର ସଚିବ ମାମୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିକଶିତ ଭାରତର ଭବିଷ୍ୟତ ଭାବରେ ବର୍ଣ୍ଣନା କରି ସମସ୍ତ ଛାତ୍ରଛାତ୍ରୀ ଆଇନ ବିଷୟ ଜ୍ଞାନ ଆହରଣ କରିବାକୁ ଆହ୍ୱାନ ଦେଇଥିଲେ । ପାରା ଆଇନ ସ୍ୱେଚ୍ଛାସେବୀ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବଙ୍କ ସମେତ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବାବୁରାମ ଲାମ୍ବା , କଳାକାର ତଥା ଅଧିବକ୍ତା ସଞ୍ଜୟ ପାଇକରାୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କନିଷ୍ଠ ବିଚାରପତି ସ୍ମିତପ୍ରଜ୍ଞ ବିଶ୍ୱାଳ, ଶିଶିର କୁମାର ରାୟ, ବରିଷ୍ଠ ଶେନୀ ବିଚାରପତି ଅମରେଶ ମହାପାତ୍ର ଓ ପିନାକୀ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ରଞ୍ଜୁଲତା ଲେଙ୍କା ଏବଂ ଦେବଦର୍ଶନ ଦାସ ପ୍ରମୁଖ ପ୍ରତିଯୋଗୀତା କାର୍ଯ୍ୟକ୍ରମର ବିଚାରପତି ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ । ପ୍ରତିଯୋଗୀତା ପରେ ପୁରସ୍କାର ବିତରଣ ଉତ୍ସବରେ ବରେଣ୍ୟ ଅତିଥିମାନେ ଯୋଗଦାନ କରି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ ପାନେଲ ଅଧିବକ୍ତା ତାରିଣୀ ପ୍ରସାଦ ପୋଥାଳ, କର୍ମୀ ଶରତ ଚନ୍ଦ୍ର ଦାସ,ଦେବେନ୍ଦ୍ରକୁମାର ଦାସ, ଅବଦୁଲ ସୁରଜ ଖାନ୍, ଦେବାଶିଷ ବେହେରା, ସନ୍ତୋଷ କୁମାର ଭୋଇ, ସ୍ନେହଲତା ବାସ୍କେ, ଦୀପ୍ତିରଞ୍ଜନ ବର୍ଦ୍ଧା, ନବକିଶୋର ଦାସ, ବିଶ୍ୱଜିତ ସାହୁ, ଶିବପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନେ ଜୋନାଲସ୍ତରରେ ଅଂଶଗ୍ରହଣ କରିବେ ବୋଲି ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।

# ଫୁଲବାଣୀରେ ସାହିତ୍ୟ ଏକାଡେମୀର ଅମୃତ ମହୋତ୍ସବ, କବି,କବିତା ଚୟନ ଓ କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗ

କନ୍ଧମାଳ,୨୨/୦୬ (ନି.ପ୍ର): ଦେଶରେ ଚାଲିଛି ସ୍ୱାଧିନତାର ଅମୃତ ମହୋତ୍ସବ । ରାଜ୍ୟ ସରକାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନ ହାତକୁ ନେଇ ଏହି ମହାନ୍ ମୂହୁର୍ତ୍ତକୁ ସ୍ମରଣୀୟ ଓ ଜନାଦୃତ କରୁଛନ୍ତି । ତେବେ ଏହି ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଅମୃତ ମହୋତ୍ସବ କବି ସମ୍ମିଳନୀକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କନ୍ଧମାଳ ପରି ଆଦିବାସୀ ବନବାସୀ ଅଧ୍ୟୁସିତ ଜିଲ୍ଲାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନଇଛା ଭାବେ ପାଳନ କରାଯିବା, ପ୍ରୀୟାପ୍ରିତିତୋଷଣ କରିବା ସହିତ ସ୍ୱଚ୍ଛତା ଓ ମାର୍ଗଦର୍ଶିକାକୁ ଜଳାଞ୍ଜଳି ଦିଆଯାଇଛି । ଏପରିକି ସ୍ଥାନୀୟ କବି ଓ କୁଇ ସାରସ୍ୱତ ସାଧକଙ୍କୁ ଅଣଦେଖା କରାଯାଇଥିବା ଦେଖିବାକୁ ମିଳିଛି । କାର୍ଯ୍ୟକ୍ରମରେ ଆର୍ଥିକ ସ୍ୱଚ୍ଛଳତା ଅବଲମ୍ବନ କରାଯାଇନଥିବା ଅଭିଯୋଗ ହୋଇଥିବା ବେଳେ ହାତଗଣତି କବି ଓ ଦର୍ଶକଙ୍କୁ ନେଇ ତାଳିପକା କାମ ଶେଷ କରିଦିଆଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗକୁ ସୂଚିତ କରାଯାଇନଥିବା ବେଳେ ସ୍ଥାନୀୟ ଗଣମାଧ୍ୟମକୁ ମଧ ସୂଚନା ଦିଆଯାଇନାହିଁ । ଏହା ସହିତ ସଂସ୍କୃତି ବିଭାଗର କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ କି କୌଣସି ସରକାରୀ ଅଧିକାରୀ ମଧ ଯତ୍ନଙ୍କ ନଦେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏକାଡେମୀର କନ୍ଧମାଳ ସଭ୍ୟ ଥିବା ବିରଜା ମିଶ୍ର ବୌଦ୍ଧ ଜିଲ୍ଲାରେ ଏନଆରଏଚଏମର ଜିଲ୍ଲା କୈଶୋର ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ପରି ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ବେଳେ ଫୁଲବାଣୀ କାର୍ଯ୍ୟକ୍ରମରେ ମଧ ଅନୁପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ଶ୍ରୀ ମିଶ୍ର ଜାତୀୟ ଦିବସରେ ଅନ୍ୟ ଏକ ଜିଲ୍ଲାରେ ଦାୟିତ୍ୱରେ ଥିବା ବେଳେ ସଂସ୍କୃତି ବିଭାଗର କବି ସମ୍ମିଳନୀ ଦାୟିତ୍ୱ କିପରି କନ୍ଧମାଳରେ ତୁଲାଉଥିଲେ ବୋଲି ଅଭିଯୋଗ ହୋଇଛି । ସ୍ଥାନୀୟ ଲେଖକ ସାମୁଖ୍ୟକୁ ଫୁଲବାଣୀର ଦାୟିତ୍ୱ ଦିଆଯାଇଥିବା ବେଳେ କବି ଓ କବିତା ଚୟନ ସହିତ ତାଳିପକା ଆୟୋଜନ ସ୍ପଷ୍ଟ ବାରିହୋଇଥିଲା । ନିଜ ମନମୁତାବକ କିଛି କବିଙ୍କୁ ନିଜେ ଚୟନ କରି ଏକାଡେମୀକୁ ପଠାଇବାକୁ ନେଇ ସ୍ଥାନୀୟ ସାରସ୍ୱତ ସାଧକଙ୍କ ମହଲରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଦିଆଯାଇଥିବା ଦିଶା ନିର୍ଦ୍ଦେଶକୁ ଏକାଡେମୀ ପାଳନ କରୁନଥିବା ଏବଂ ସ୍ଥାନୀୟ ସକ୍ରିୟ ସଂଗଠନ ଗୁଡିକୁ ତଥା କିଛି ଜଣାଶୁଣା କବି ମାନଙ୍କୁ ମଧ ଅଣଦେଖା କରିବା ଓ ସ୍ୱଚ୍ଛତା ନିରପେକ୍ଷତା ଓ ଉତରଦାୟିତ୍ୱ ଠାରୁ ବହୁ ଦୂରରେ ରହି ଏହି କାର୍ଯ୍ୟକ୍ରମ କରିଥିବା ଦେଖାଯାଇଥିଲା । କୋଡିଏ ଜଣ ହିଁ କବିଙ୍କ ନାମ ଚୟନ କରି ଏକାଡେମୀକୁ ପ୍ରଦାନ କରିବାକୁ ଭିତିରିଆ ନିର୍ଦ୍ଦେଶ ଥିବା ବେଳେ ମନମୁତାବକ ନାମ ପଠେଇ ଭିତିରିଆ ବୁଝାମଣା ହୋଇଥିବା ଅନେକ କବି ଲେଖକ ଅଭିଯୋଗ ବାଢିଛନ୍ତି । କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ପ୍ରସାର ନ କରି ମନଇଛା ନିଜ ନିଜ ମଧ୍ୟରେ ବସି ଶେଷ କରିବାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜିବି । ଏହି କବି ସମ୍ମିଳନୀରେ କୁଇ କବିଙ୍କୁ ଆମନ୍ତ୍ରଣ ନ କରିବା କି କୁଇ ଆଦିବାସୀ କବିତା ଆବୃତି ନ କରିବାକୁ ନେଇ ମଧ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହା ଭିନ୍ନ ସମ୍ମିଳନୀ ପ୍ରାରମ୍ଭରେ ବଙ୍ଗାଳୀ ଗୀତ ବଜେଇ ଆରମ୍ଭ କରିବାକୁ କିଛି କବି ନାପସନ୍ଦ କରିବା ସହିତ ବିରୋଧ ମଧ କରିଥିଲେ । ଏହା ଭିନ୍ନ ଏହି କାର୍ଯ୍ୟକ୍ରମ ପାଇଁ ଏକାଡେମୀ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଇଭେଂଟ ଆୟୋଜନ ସଂସ୍ଥା କୁଆଡେ ୨୦ ହଜାର ରଖିଥିଲେ କିନ୍ତୁ କୌଣସି କାମ କରିନଥିଲେ । ବଳକା କୋଡିଏ ହଜାର ଲେଖାଏଁ ଜିଲ୍ଲାର ଭିନ୍ନ ଭିନ୍ନ ସ୍ଥାନ ଯଥା ଫିରିଙ୍ଗିଆ,ଦାରିଂଗବାଡି,ବାଲିଗୁଡାକୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ଫୁଲବାଣୀରେ କ୍ୟାମେରାମ୍ୟାନ,ଫଟୋଗ୍ରାଫର୍ଙ୍କୁ ମିଶାଇ ମାତ୍ର ୨୫ ଜଣ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ । ଘର ଭଡା ବାବଦକୁ ୫ ଶହ ଟଙ୍କା,୨୫ ଜଣଙ୍କ ଟିଫିନ ପ୍ୟାକେଟ,ବ୍ୟାନର ଓ ସାର୍ଟିଫିକେଟ ପ୍ରଭୃତି ଖର୍ଚ୍ଚ ହୋଇଥିବା ବେଳେ ଅନ୍ୟାନ୍ୟ ଖର୍ଚ୍ଚ ଆୟୋଜକଙ୍କୁ ଜଣା । ମୋ ତରଫରୁ ସବୁ ସ୍ୱଚ୍ଛ ଭାବେ ପ୍ରଦାନ କରାଯାଇଛି ଓ ନିୟମ ମୁତାବକ କରିବାକୁ ଚେଷ୍ଟା କରିଛି ବୋଲି କହିଛନ୍ତି ଏକାଡେମୀର ଜିଲ୍ଲା ସଭ୍ୟ ବିରଜା ମିଶ୍ର । ମୋତେ କାର୍ଯ୍ୟକ୍ରମକୁ ଡକାଯାଇନଥିଲା ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ କ୍ଷୋଭ ପ୍ରକାଶ କରିଛନ୍ତି । ଅମୃତ ମହୋତ୍ସବ ପରି ଏକ ମହାନ୍ ସ୍ମରଣୀୟ କାର୍ଯ୍ୟକ୍ରମକୁ ଏକାଡେମୀ ଖାମଖିଆଲି ଭାବେ ନେବା ସହିତ ଅର୍ଥ ବରବାଦ ଓ ଆତ୍ମସାତର ଉତମ ମାର୍ଗ ଭାବେ ଚୟନ କରିବା ଦୁଃଖଦାୟକ ବୋଲି ସ୍ଥାନୀୟ ବିଶିଷ୍ଟ କବି ଓ ଲେଖକ ମତ ଦେଇଛନ୍ତି । ଏପରି କାର୍ଯ୍ୟକଳାପ ଉପରେ ବିଭାଗ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ଆବଶ୍ୟକ ସ୍ଥଳେ ଆର୍ଥିକ ଓ ଅନ୍ୟାନ୍ୟ ଅନୀୟମିତତା ପ୍ରତି ଦୁର୍ନୀତି ନିବାରଣ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ମାଟିର ଉର୍ବରତା ବଢ଼ାଇବ କଫିନ୍



ନେଦରଲ୍ୟାଣ୍ଡର ଡେଲ୍ଫି ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ଜଣେ ଛାତ୍ର ଏକ ଭିନ୍ନ ପ୍ରକାର କଫିନ୍ ଡିଜାଇନ୍ କରିଛନ୍ତି, ଯାହା ସମୟ କ୍ରମେ ପ୍ରକୃତି ଦ୍ୱାରା ଆପଣାଛାଏଁ ବିଘଟିତ ହେବ । ସେ ହେଉଛନ୍ତି ଷ୍ଟାର୍ଟଅପ୍ କମ୍ପାନି 'ଲୁପ୍'ର ପ୍ରତିଷ୍ଠାତା ବବ୍ ହେନ୍ଡ୍ରିକ୍ସ । ସେ କଫିନ୍‌ର ନାଁ ରଖିଛନ୍ତି 'ଲିଭିଙ୍ଗ କୋକୁନ୍' । ସାଧାରଣ କଫିନ୍ ତୁଳନାରେ ଏହା ମୃତ ଶରୀରକୁ ଅଧିକ ଦକ୍ଷତାର ସହ ବିଘଟନ ହେବାରେ ସାହାଯ୍ୟ କରିବ ଏବଂ ଶରୀରରେ ଥିବା ବିଷାକ୍ତ ଉପାଦାନଗୁଡ଼ିକୁ ବାହାର କରିବ । ନୂଆ ବୃକ୍ଷ ଓ ଚାରା ବୃଦ୍ଧି ନିମନ୍ତେ ଏହା ମାଟିର ଉର୍ବରତା ବୃଦ୍ଧି କରିବ । ବ୍ୟାପକ ପରୀକ୍ଷା ଏବଂ ଦୁଇଟି ପ୍ରମୁଖ ଅନ୍ତିମ ସଂସ୍କାରକାରୀ ସମିତି ସହିତ କାମ କରିବା ପରେ ଏହି କଫିନ୍ ଉଦ୍ଭାବନ କରାଯାଇଛି । ପରିବେଶ ପାଇଁ ପୋଷକ ତତ୍ତ୍ୱରେ ରୂପାନ୍ତରିତ କରିବା ନିମନ୍ତେ ଏହା ନିରନ୍ତର ବର୍ଜ୍ୟ ବସ୍ତୁର ଅନ୍ୱେଷଣ କରେ । ତେଲ, ପ୍ଲାଷ୍ଟିକ୍ ଓ ଧାତୁ ଆଦି ବିଷାକ୍ତ ପଦାର୍ଥ କ୍ଷେତ୍ରରେ ମଧ୍ୟ ସମାନ ରୂପେ କାମ କରେ ବୋଲି ବବ୍ କହିଛନ୍ତି । ଏହି କଫିନ୍ ମାଇସେଲିୟମ୍ ନାମକ ପ୍ରାକୃତିକ ରିସାଇକ୍ଲର୍ ବ୍ୟବହାର କରେ, ଯାହା ଗଛ, ଚାରା ଓ କବକର ମୂଳ ଢାଞ୍ଚାରେ ପ୍ରାକୃତିକ ରୂପେ ବଢ଼େ । ବିଷାକ୍ତ ଉପାଦାନକୁ ନିଷ୍କ୍ରିୟ କରି ନୂଆ ଚାରା ଓ ବୃକ୍ଷକୁ ପୋଷକ ତତ୍ତ୍ୱ ପ୍ରଦାନ କରେ । ମୃତ୍ତିକା ପରିଷ୍କାର କରିବାରେ ଚେର୍ନୋବିଲ ଓ ରୋଟର୍‌ଡ୍ୟାମ୍‌ରେ ଏହି ପ୍ରକ୍ରିୟା ପ୍ରୟୋଗ କରାଯାଏ । ଲିଭିଙ୍ଗ କୋକୁନ୍ ନାମକ ଏହି କଫିନ୍ ମୃତ୍ତିକାକୁ ପ୍ରଦୂଷିତ କରିବା ବଦଳରେ ବ୍ୟକ୍ତିଙ୍କୁ ପୁନଃ ପ୍ରକୃତି ସହ ମିଶାଏ ଏବଂ ମୃତ୍ତିକାକୁ ସମୃଦ୍ଧ କରିବାରେ ସାହାଯ୍ୟ କରେ ବୋଲି ବବ୍ କହିଛନ୍ତି । ସାଧାରଣତଃ ଏକ କଫିନ୍‌ରେ ଥିବା ମୃତ ଶରୀର ବିଘଟିତ ହେବାକୁ ଦୀର୍ଘ ଦଶନ୍ଧି ଲାଗିଯାଏ । କିନ୍ତୁ ସଦ୍ୟ ବିକଶିତ ଏହି କଫିନ୍ ମାତ୍ର ୨-୩ ବର୍ଷ ମଧ୍ୟରେ ଏହି ପ୍ରକ୍ରିୟା ପୂରଣ କରିପାରେ । ମୃତ ଶରୀରକୁ ପୋଷକ ତତ୍ତ୍ୱ ରୂପେ ପ୍ରୟୋଗ କରି ପ୍ରଦୂଷିତ ଅଞ୍ଚଳଗୁଡ଼ିକୁ ସ୍ୱାସ୍ଥ୍ୟକର ପରିବେଶରେ ରୂପାନ୍ତରିତ କରିବା ଏହି କମ୍ପାନିର ଉଦ୍ଦେଶ୍ୟ ବୋଲି ବବ୍ କହିଛନ୍ତି ।

# ପାହାଡ଼ିଆ ଅଞ୍ଚଳରେ ଚାଲିବ ହ୍ୱିଲ୍‌ଚେୟାର



ଜଣେ ବ୍ୟକ୍ତି ନିଜ ଭିନ୍ନକ୍ଷମ ପତ୍ନୀଙ୍କ ପାଇଁ ଏକ ସ୍ୱତନ୍ତ୍ର ହ୍ୱିଲ୍‌ଚେୟାର ଉଦ୍ଭାବନ କରିଛନ୍ତି । ଏହା କେବଳ ରାସ୍ତାରେ ନୁହେଁ, ବରଂ ଆବଡ଼ା ଖାବଡ଼ା; ଏପରିକି ପାହାଡ଼ିଆ ଅଞ୍ଚଳକୁ ଯାଇପାରିବ । ଜ୍ୟାକ୍ ନେଲସନ୍ ପେସାରେ ଜଣେ ଇଞ୍ଜିନିୟର । କିନ୍ତୁ ୟୁଟ୍ୟୁବ୍‌ରେ ଜେରି ରିଗ୍ ଏଭ୍ରିଥିଙ୍ଗ୍ ନାମରେ ସେ ଅଧିକ ପରିଚିତ । ଅନେକ ଉପକରଣ ଉଦ୍ଭାବନ କରିବାରେ ସେ ଲୋକପ୍ରିୟତା ପାଇଛନ୍ତି । ସଦ୍ୟତମ ଉଦ୍ଭାବନ ସେ ପତ୍ନୀ କ୍ୟାମ୍ବ୍ରି କେଲରଙ୍କ ପାଇଁ କରିଛନ୍ତି, ଯେଉଁଥିପାଇଁ ସୋସିଆଲ ମିଡିଆରେ ତାଙ୍କୁ ଖୁବ୍ ପ୍ରଶଂସା ମିଳୁଛି । ୨୦୦୫ ମସିହାରେ ଏକ ଦୁର୍ଘଟଣାର ଶିକାର ହୋଇ ଜ୍ୟାକ୍‌ଙ୍କ ପତ୍ନୀ କ୍ୟାମ୍ବ୍ରିଙ୍କ ଅଣ୍ଟା ତଳକୁ ଅଚଳ ହୋଇଗଲା । ତା' ପରଠୁ ପତ୍ନୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଜ୍ୟାକ୍ ସାହାଯ୍ୟ କରିଆସୁଛନ୍ତି । କ୍ୟାମ୍ବ୍ରିଙ୍କ ରୋମାଞ୍ଚକର ସ୍ଥାନକୁ ଯିବାର ସ୍ୱପ୍ନ ପୂରଣ କରିବାରେ ମଧ୍ୟ ସେ ସାହାଯ୍ୟ କରିଛନ୍ତି । ୨୦୧୮ ମସିହାରେ କ୍ୟାମ୍ବ୍ରିଙ୍କ ଦୁଃସାହସିକ ସ୍ୱପ୍ନକୁ ସାକାର କରିବା ପାଇଁ ଦୁଇଟି ଇଲେକ୍ଟ୍ରିକ୍ ବାଇକ୍‌କୁ ଏକାଠି କରି ତା' ମଝିରେ ଏକ ସିଟ୍ ରଖିବାକୁ ଜ୍ୟାକ୍ ନଷ୍ପତ୍ତି ନେଲେ । ଏହି ହାଇ-ଟେକ୍ ହ୍ୱିଲ୍‌ଚେୟାରରକୁ ଖୁବ୍ ଆରାମଦାୟକ ଏବଂ ଦୁଃସାହସିକ ରାସ୍ତାରେ ବେଶ ଫଳପ୍ରଦ କରିବା ପାଇଁ ସେ ଲାଗିପଡ଼ିଲେ । ଏବେ ଏହାର ନିର୍ମାଣ କାମ ଶେଷ ହୋଇଛି । ସେ ଏହାର ନାମ ଦେଇଛନ୍ତି 'ନୋ-ଏ-ହ୍ୱିଲ୍‌ଚେୟାର' । ଘଣ୍ଟାପ୍ରତି ଏହାର ବେଗ ୨୦ କିମି । ଥରେ ପୂରା ଚାର୍ଜ ହେଲେ ୧୫-୩୪ କିମି ଯାଇପାରେ । ତେବେ ଏହି ହ୍ୱିଲ୍‌ଚେୟାର ନିର୍ମାଣ ନିମନ୍ତେ ଜ୍ୟାକ୍‌ଙ୍କ ପାଇଁ ସବୁଠୁ ବଡ଼ ବାଧକ ଥିଲା ଅର୍ଥ । ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ ହୋଇପାରୁଥିବା ଯାନ ଉଦ୍ଭାବନ କରିବାକୁ ସେ ଚାହୁଁଥିଲେ । ତେଣୁ ଶସ୍ତା ଓ ସହଜରେ ଏଭଳି ଏକ ଯାନ ନିର୍ମାଣ କରିବା ପାଇଁ ତାଙ୍କୁ ଅଧିକ ସମୟ ଲାଗିଲା । ଏବେ ଏହା ବଜାରରେ ଉପଲବ୍ଧ ହେଉଛି । ସବୁ ବର୍ଗର ଲୋକେ ଏହି 'ଅଫ୍-ରୋଡ ହ୍ୱିଲ୍‌ଚେୟାର୍'କୁ ବ୍ୟବହାର କରିପାରିବେ ବୋଲି ଜ୍ୟାକ୍ କହିଛନ୍ତି । ପରୀକ୍ଷା କରିବା ପାଇଁ ଏହି ହ୍ୱିଲ୍‌ଚେୟାରକୁ କ୍ୟାମ୍ବ୍ରି ଦୁଇ ଥର ହାୱାଇକୁ ନେଇଥିଲେ ।

# ସ୍ୱାସ୍ଥ୍ୟ ଟିପ୍ସ

ଥଣ୍ଡା ପାଣି ସ୍ୱାସ୍ଥ୍ୟପାଇଁ ଅହିତକର । ବୟସ କମ୍ ଥିବା ବେଳେ ଏହାର କୁପ୍ରଭାବ ଜଣାପଡ଼େନାହିଁ । ବୟସ ବଢ଼ିବା ସହ ଜଣାପଡ଼େ । ଯେଉଁମାନେ ଅଧିକ ଥଣ୍ଡା ପାଣି ପିଅନ୍ତି, ସେମାନେ ପରବର୍ତ୍ତୀ କାଳରେ ଅଧିକ ବ୍ୟାଧିଗ୍ରସ୍ତ ହେଉଥିବା, ଏକ ଅଧ୍ୟୟନରୁ ପ୍ରକାଶ । ଥଣ୍ଡା ପାଣି ଅଧିକ ପିଇବା ଦ୍ୱାରା ହୃତ୍ ପିଣ୍ଡର ଚାରିଟି ମୁଖ୍ୟ ଧମନୀର କାର୍ଯ୍ୟକାରୀ ଶକ୍ତି ହ୍ରାସ ପାଏ; ମଣିଷ ହୃଦ୍‌ଘାତର ଶିକାର ହୁଏ । ଶୀତଳ ମୃଦୁ ପାନୀୟ ସର୍ବାଧିକ କ୍ଷତିକାରକ । ଏହା ଯକୃତରେ ମେଦ ଜମାଏ । ଉଦର, ବୃହଦନ୍ତ୍ର ଆଦିର ଅଶେଷ କ୍ଷତି ଘଟାଏ । କର୍କଟ ଆଶଙ୍କା ବଢ଼ାଏ । ଅପରପକ୍ଷେ ଉଷୁମା ପାଣି ସ୍ୱାସ୍ଥ୍ୟକର । ପ୍ରତି ଦିନ ସକାଳେ ଖାଲି ପେଟରେ ଚାରି ଗ୍ଲାସ୍ ଉଷୁମ ପାଣି ପିଇବା ଉଚିତ । ଏହା ଦ୍ୱାରା ଅନେକ ରୋଗ ଦୂରହେଉଥିବା ପ୍ରମାଣିତ । ଏହା ଦ୍ୱାରା ରକ୍ତ ଚାପ ଜନିତ ସମସ୍ୟା, ହୃତ୍‌ଘାତ, ମଧୁମେହ, ଗଳା-ନାକ,କାନ ସମସ୍ୟା, ମହିଳାଙ୍କ ଋତୁ ସମସ୍ୟା, ମୁଣ୍ଡ ବିନ୍ଧା, ଶ୍ୱାସରୋଗ, କୋଲେଷ୍ଟେରୋଲ୍, ଅପସ୍ମାର ଆଦିରୁ ମୁକ୍ତି ମିଳୁଥିବା ଜଣାଯାଏ ।



# ବିବାହରେ ଅତିଥିଙ୍କ କାଠ ପ୍ରତିମା



କରୋନା ମହାମାରୀ ଯୋଗୁଁ ବିବାହ, ଜନ୍ମଦିନ ଆଦି ଉତ୍ସବ କେବଳ ପରିବାର ଭିତରେ ହିଁ ସୀମିତ ହୋଇଛି । ଏହି ସ୍ଥିତିରେ ବ୍ରିଟେନ୍‌ର ଏକ ଦମ୍ପତି ଉଭୟଙ୍କ ବିବାହ ନିମନ୍ତେ କାଠରେ ଅତିଥିଙ୍କ ପ୍ରତିମା ନର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି । କାର୍ଡବୋର୍ଡ କାଟି ଅତିଥିଙ୍କ ପୂର୍ଣ୍ଣ ପ୍ରତିମା ନିର୍ମାଣ କରିଛନ୍ତି । ଏଥିପାଇଁ ସେମାନେ ପ୍ରାୟ ୧.୮ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଗିଲ୍‌ଡଫୋର୍ଡର ବ୍ରାମ୍‌ଲି ବାସିନ୍ଦା ରୋମାନି ଓ ସାମ୍ ରୋନ୍‌ଡୋ- ସ୍ମିଥ୍ ନିକଟରେ ବିବାହ କରିଛନ୍ତି । କିନ୍ତୁ ମହାମାରୀ ସମୟରେ ସାମାଜିକ ଦୂରତ୍ୱ ନିୟମ କଡ଼ାକଡ଼ି ପାଳନ ହେଉଥିବାବେଳେ ବିବାହ ଉତ୍ସବରେ ଅତିଥିଙ୍କ କେମିତି ଡାକିବେ, ତାହା ସେମାନଙ୍କ ପାଇଁ ଏକମାତ୍ର ସମସ୍ୟା ଥିଲା । ଏହି ସମୟରେ କାର୍ଡବୋର୍ଡ କଟ୍-ଆଉଟ୍‌ରେ ଅତିଥିଙ୍କ ପ୍ରତିମା ନିର୍ମାଣ କରିବାର ବିଚାର ସେମାନଙ୍କ ମନକୁ ଆସିଲା । କାଠନିର୍ମିତ ୫୦ ଅତିଥିଙ୍କ ସହିତ ଦମ୍ପତିଙ୍କ ବିବାହ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି । ଉଭୟଙ୍କ ବିବାହ ଉତ୍ସବରେ ସେହି ଅତିଥିଙ୍କ ମଧ୍ୟରୁ କିଛି ଉପସ୍ଥିତ ଥିଲେ । କିଛି ନିକଟତମ ପରିଜନ ନବଦମ୍ପତିଙ୍କ ଆଶୀର୍ବାଦଦ ଦେବାକୁ ସେଠାରେ ପହଞ୍ଚିଥିଲେ । ସେମାନଙ୍କ କାଠ ପ୍ରତିମା ମାସ୍କ ପିନ୍ଧାନଥିବାବେଳେ ସେମାନଙ୍କୁ ମାସ୍କ ପିନ୍ଧିବାକୁ ପଡ଼ିଥିଲା । କରୋନା ମହାମାରୀ ଆରମ୍ଭ ହେବା ପୂର୍ବରୁ ରୋମାନି ଓ ସାମ୍ ବିବାହରେ ୧୦୦ ଅତିଥିଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା କରିଥିଲେ । ପରେ କିନ୍ତୁ ସ୍ଥିତି ଗମ୍ଭୀର ହେବାରୁ କାହା ପାଇଁ ଅପେକ୍ଷା ନ କରି କେବଳ ବିବାହ କରିବାକୁ ସେମାନେ ସ୍ଥିର କଲେ ।

# ବିଶ୍ୱର ପିଲାଙ୍କୁ ମାଗଣା ଅନ୍‌ଲାଇନ୍ ଗଣିତ ଶିକ୍ଷା



କରୋନା ଭାଇରସ୍ ସଂକ୍ରମଣ ଭୟରେ ନାଇଜେରିଆରେ ଗତ କିଛି ମାସ ତଳେ ସ୍କୁଲ ବନ୍ଦ ହୋଇଯିବାରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଖୁବ୍ ସମସ୍ୟା ସୃଷ୍ଟି ହୋଇଥିଲା । ଏହାକୁ ଦେଖି ଦେଶର ସବୁଠୁ ବଡ଼ ସହର ଲାଗୋସ୍‌ର ଜଣେ ଗଣିତ ଶିକ୍ଷୟିତ୍ରୀ ବସିରତ୍ ଓଲାମାଇଡ୍ ଅଜୟୀ ଏକ ଅଭିନବ ପଦକ୍ଷେପ ନେଲେ । ସେ ଟ୍ୱିଟର, ହ୍ୱାଟସଆପ୍ ଓ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍ ମାଗଣା ଗଣିତ ଶିକ୍ଷା ଦେବାକୁ ସ୍ଥିର କଲେ । ବର୍ତ୍ତମାନ ଛଅ ମାସ ପରେ ୧୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତାଙ୍କ ନିକଟରୁ ଗଣିତ ଶିକ୍ଷା ନେଉଛନ୍ତି । ସେମାନଙ୍କ ମଧ୍ୟରେ ନାଇଜେରିଆ, କାନାଡ଼ା ସମେତ ସାରା ବିଶ୍ୱର ବିଭିନ୍ନ ଦେଶର ଛାତ୍ରଛାତ୍ରୀ ସାମିଲ ଅଛନ୍ତି । ୩୬ ବର୍ଷୀୟା ଅଜୟୀ ଅନ୍‌ଲାଇନ୍ ଗଣିତ ଶିକ୍ଷା ସଂପର୍କିତ ଛୋଟ ଭିଡିଓ ଅପଲୋଡ୍ କରିଥାନ୍ତି । ତାହା ୫ ମିନିଟ୍‌ରୁ ଅଧିକ ଅବଧିର ହୋଇନଥାଏ । ସେଥିରେ ସେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କିଛି ପ୍ରଶ୍ନ ମଧ୍ୟ ଦେଇଥାନ୍ତି । ସେମାନେ ତା'ର ଉତ୍ତର ଦେବା ସହ ଆବଶ୍ୟକ ସ୍ଥଳରେ ତାଙ୍କୁ ପ୍ରଶ୍ନ ପଚାରିଥାନ୍ତି । ସମୟ ସମୟରେ ସେ ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେବା ଲାଗି ରାତି ୨ଟି ଯାଏ ଜାଗ୍ରତ ରହିଥାନ୍ତି । ଏ ସଂପର୍କରେ ଅଜୟୀ କହନ୍ତି, 'କୋଭିଡ୍‌ର ଉଭୟ ନକାରାତ୍ମକ ଏବଂ ସକାରାତ୍ମକ ପ୍ରଭାବ ରହିଛି । ସକାରାତ୍ମକ ପ୍ରଭାବ ହେଲା ଆମେ ଟେକ୍ନୋଲୋଜି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଇ ପାରୁଛୁ । ସେଥିଲାଗି ମୁଁ ଖୁବ୍ ଖୁସି ଅଛି' । ପ୍ରଥମେ ଯେତେବେଳେ ସେ ଅନଲାଇନ୍ ଶିକ୍ଷାଦାନ ଆରମ୍ଭ କଲେ ସେତେବେଳେ ମୋବାଇଲ୍‌ରେ ଗାଣିତିକ ପ୍ରଶ୍ନର ସମାଧାନ କରୁଥିଲେ । ଏହା ଦେଖି ଜଣେ ଛାତ୍ରଙ୍କର ବାପା ମା' ତାଙ୍କ ଏକ ହ୍ୱାଇଟ୍ ବୋର୍ଡ ଦାନ କଲେ । ପରେ ଆଉ କେତେଜଣ ଛାତ୍ରଛାତ୍ରୀଙ୍କ ମାତାପିତା ତାଙ୍କୁ ପଢ଼ା ସମ୍ପର୍କୀୟ ବିଭିନ୍ନ ଉପକରଣ ଦାନ କରିଛନ୍ତି ।

# ଚାଲି ଚାଲି ୪୦ ହଜାର କିମି



ମାସାଚୁସେଟ୍‌ସର ୮୮ ବର୍ଷୀୟ ଜଣେର ବୃଦ୍ଧ ଚାଲି ଚାଲି ୪୦,୦୭୫ କିଲୋମିଟର ପୂରଣ କରିବାକୁ ଯାଉଛନ୍ତି, ଯାହା ପୃଥିବୀ ପରିଧିର ଲମ୍ବ ସହ ସମାନ । ବ୍ରାଡ୍ ହାଥିଆୱେ ଆସନ୍ତା ଅକ୍ଟୋବର ୩ ତାରିଖରେ ଏହି ଲକ୍ଷ୍ୟ ପୂରଣର କରିବାକୁ ଯୋଜନା କରୁଛନ୍ତି । ବ୍ରାଡ୍‌ଙ୍କୁ ଯେତେବେଳେ ୫୦ ବର୍ଷ ବୟସ ହୋଇଥିଲା, ସେ ମଧୁମେହ, ହୃତ୍‌ପିଣ୍ଡ ଓ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ । ଡାକ୍ତର ତାଙ୍କୁ ଚାଲିବା ଆରମ୍ଭ କରିବାକୁ ପରାମର୍ଶ ଦେଲେ । ଏ ବିଷୟରେ ବ୍ରାଡ୍ କହନ୍ତି 'ଡାକ୍ତର ମୋତେ କହିଲେ, କାଲିଠାରୁ ତୁମେ ଚାଲିବା ଆରମ୍ଭ କରିଦେବା ଉଚିତ । ଦିନକୁ ୩ ମାଇଲ ଚାଲିବା ଆରମ୍ଭ କରରର । ମୁଁ ସେହିପରି କଲି । ଚାଲି ଚାଲି ପୂରା ସହର ପରକ୍ରମା କରିଦେଲି । ବ୍ରାଡ୍ ୧୯୮୮ ମସିହା ଡିସେମ୍ବରର ମାସରେ ଚାଲିବା ଆରମ୍ଭ କରିଥିଲେ । ଖରା, ବର୍ଷାରେ ମଧ୍ୟ ଚାଲିବା ବନ୍ଦ କଲେ ନାହିଁ । ବେଳେବେଳେ ସେ ଦିନକୁ ୧୦ ମାଇଲ ଚାଲିଲେ । ବୟସ ବଢ଼ିବା ସହିତ ତାଙ୍କ ଚାଲିବା ଟିକିଏ କଷ୍ଟକର ହେଲା । ଏକ ବାଡ଼ି ସାହାଯ୍ୟରେ ସେ ଏବେ ଚାଲୁଛନ୍ତି । ଚାଲିବା ସମୟରେର ବ୍ରାଡ୍ ଅଳିଆ ଓ ମୂଲ୍ୟବାନ ବସ୍ତୁ ସଂଗ୍ରହ କରିଥାନ୍ତି । ପରିତ୍ୟକ୍ତ ବସ୍ତୁରି ସେ ପ୍ରାୟ ୭ ହଜାର ଡଲାର ସଂଗ୍ରହ କରିଛନ୍ତି । କିଛି ଭଲ ବନ୍ଧୁ ମଧ୍ୟ ତାଙ୍କ ଜୀବନରେ ଆସିଛନ୍ତି । ଦୈନିକ ସେ କେତେ କିମି ଚାଲନ୍ତି, ତା'ର ହିସାବ ରଖନ୍ତି । ଆଜି ସୁଦ୍ଧା ସେ କେତେ କିମି ଯାତ୍ରା କରିଛନ୍ତି, ତାହା ଜାଣିବା ପାଇଁ ନିକଟରେ ସେ ହିସବ ଖାତା ଦେଖିଲେ । ଚାଲିବା ମାଧ୍ୟମରେ ବ୍ରାଡ୍ ଯେଉଁ ପାଣ୍ଠି ସଂଗ୍ରହ କରିଛନ୍ତି, ତାକୁ ମାଟାପୋଏସେଟ୍ ଲ୍ୟାଣ୍ଡ ଟ୍ରଷ୍ଟକୁ ପ୍ରଦାନ କରିବେ । ଔକୁଟ୍ ଅଞ୍ଚଳରେ ୪୮୦ ଏକର ଭୂମି ସଂରକ୍ଷଣ ନିମନ୍ତେ ଏହି ଅର୍ଥ ଖର୍ଚ୍ଚ ହେବ । ଏହି ଲକ୍ଷ୍ୟ ପୂରଣ ପରେ ମଧ୍ୟ ଚାଲିବା ଜାରି ରଖିବେ ବୋଲି ବ୍ରାଡ୍ କହିଛନ୍ତି ।

# ପ୍ରତିଦିନ ଖାଇବା ପୂର୍ବରୁ ପିଅନ୍ତୁ ଏହି ସୁପ୍, ନିୟନ୍ତ୍ରଣରେ ରହିବ ଓଜନ

ଆଜିକାଲି ଓଜନ ହ୍ରାସ ନିଶା ସଭିଙ୍କୁ ଘାରିଛି। ସଭିଏଁ ଚାହାନ୍ତି ଫିଟ୍ ରହିବାକୁ। ମାତ୍ର ଖାଦ୍ୟକୁ ନିୟନ୍ତ୍ରଣରେ ରଖି ଫିଟ୍ ରହିବାକୁ କେହି ବି ଚାହାନ୍ତି ନାହିଁ। ସଭିଏଁ ଚାହାନ୍ତି ଆମେ ସବୁ ସ୍ୱାଦିଷ୍ଟ ଜିନିଷ ଖାଇବା ପରେ ଯେପରି ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରୁ। ତେବେ ଏପରି କିଛି ଖାଦ୍ୟ ଅଛି ଯାହାକୁ ଆପଣ ଖାଇବା ପୂର୍ବରୁ ଗ୍ରହଣ କରିବା ଦ୍ୱାରା ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ। କିଛି ଲୋକଙ୍କ କହିବା ମୁତାବକ କିଛି ଖାଇବା ମାତ୍ରେ ତୁରନ୍ତ ସେମାନଙ୍କ ଓଜନ ବଢ଼ିଯାଏ। ଓଜନ କମାଇବା ଚକ୍କରରେ ଅନେକ ସମୟରେ ନିଜ ପ୍ରିୟ ଖାଦ୍ୟକୁ ବି ତ୍ୟାଗ କରିବାକୁ ବି ପଡ଼ିଥାଏ। ମାତ୍ର ଏପରି କେତେ ଦିନ ବା କରିହେବ, କେତେ ଦିନ ବା ଖାଇବା ଉପରେ ଆୟତ୍ତ ରଖିବେ ଆପଣ ଏମିତି ବି ହୁଏ ଖାଦ୍ୟ କମାଇବା ଦ୍ୱାରା ଗ୍ୟାସ୍ ହେତୁ ମୋଟାପଣ ବଢ଼ିଥାଏ।ତେଣୁ, ଖାଇବା କମାଇ ଓଜନ କମାଇବା ଚିନ୍ତା କରିବା ନିହାତି ଭୁଲ୍ ନିଷ୍ପତ୍ତି। ଆପଣ ଯଦି ନିଜ ଓଜନ କମାଇବାକୁ ଚାହାନ୍ତି ତ ନିମ୍ନରେ ଯେଉଁ ସୁପ୍ ବିଷୟରେ ଲେଖାଯାଇଛି ତାହାକୁ ପ୍ରତିଦିନ ଖାଇବା ପୂର୍ବରୁ ପିଅନ୍ତୁ। ପ୍ରଥମେ ୩ଟି ବିଲାତି ବାଇଗଣ, ୩ଟି ଗାଜର, ଏକ ଫୁଲକୋବି, ୬ଟି ପିଆଜ ନିଅନ୍ତୁ। ତାହାକୁ ଖୁବ୍ ସାନ ସାନ କରି କାଟିଦିଅନ୍ତୁ। ଏହା ସହିତ ୩ ବିଡ଼ା ଧନିଆ ପତ୍ର ବି କାଟିକି ରଖନ୍ତୁ। ପାରୁଛନ୍ତି ଯଦି ଅଧା ଗିନା ବିନ୍ସ କଟା ବି ନିଅନ୍ତୁ। ସବୁକୁ ମିଶାଇ ପାଣି ଦେଇ ସିଝେଇ ଦିଅନ୍ତୁ। ସେଥିରେ ଆବଶ୍ୟକ ପରିମାଣର ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ ଦିଅନ୍ତୁ। ନିଜର ରୁଚି ଅନୁସାରେ ପାଣି ମାରିପାରନ୍ତି କିମ୍ବା ଅଧିକ ବି ଦେଇପାରନ୍ତି। ଏହି ସୁପ୍‌କୁ ଖାଦ୍ୟ ଖାଇବାର ୧୦ ମିନିଟ୍ ପୂର୍ବରୁ ପିଅନ୍ତୁ। ପାରୁଛନ୍ତି ଯଦି ରାତିରେ ଆଉ କିଛି ନଖାଇ ଏହାକୁ ପିଇକି ଶୋଇପାରନ୍ତି। ପ୍ରତିଦିନ ଏହାକୁ ପିଇବା ଦ୍ୱାରା ଆପଣଙ୍କ ଓଜନ ନିଶ୍ଚୟ ନିୟନ୍ତ୍ରଣରେ ରହିବ।



# 'ଖିରି' ବତିଶ ହଜାର ବର୍ଷ ପୁରୁଣା

ଗୁମ୍ଫାବାସୀ ମଣିଷର ମୁଖ୍ୟ ଖାଦ୍ୟ ଥିଲା । ଫଳମୂଳ, ମାଂସ ଓ କନ୍ଦ । ମଣିଷ ଦଶ ହଜାର ବର୍ଷ ତଳେ କର୍ମ ଆରମ୍ଭ କରିଥିବା ଏକଦା ବିଶ୍ୱାସ କରାଯାଉଥିଲା । ତେବେ, ଏହି ଧାରଣା ଭ୍ରମାତ୍ମକ । ଏହାର ନୂଆ ନୂଆ ପ୍ରମାଣ ମିଳୁଛି । ଶସ୍ୟ ଉତ୍ପାଦନ ଓଇ ଖାଦ୍ୟ ଭାବେ ଏହାର ବ୍ୟବହାର ଆହୁରି ଅଧିକ ପୁରାତନ ହୋଇଥାଇପାରେ । ୧୯୮୦ରେ ଇଟାଲିର ଏକ ଗୁମ୍ଫାରୁ ମିଳିଥିବା ପଦାର୍ଥ, ଗୁଣ୍ଡ ଶସ୍ୟରୁ ପ୍ରସ୍ତୁତ ଖିରି ବୋଲି ବିଜ୍ଞାନୀମାନେ ପରୀକ୍ଷା ପରେ ନିଶ୍ଚିତ ହୋଇଥିଲେ । ଉକ୍ତ ଖିରି ଅନ୍ୟୂନ ବତିଶ ହଜାର ବର୍ଷ ତଳର । ଉକ୍ତ ଗୁମ୍ଫାରୁ ଶସ୍ୟ ଚୂରିବା ପାଇଁ ଉଦ୍ଦିଷ୍ଟ ଏକ ପ୍ରସ୍ତର ମଧ୍ୟ ମିଳିଥିଲା ।



# ସ୍ୱାସ୍ଥ୍ୟ ଟିପ୍ସ

ନିୟମିତ ମଦ ପିଉଥିଲେ ଲୋକେ ସାତ ପ୍ରକାରର କର୍କଟର ଶିକାର ହୋଇପାରନ୍ତି; ଶରୀରର ସାତଟି ଅଙ୍ଗରେ କର୍କଟ ଭୋଗିପାରନ୍ତି । ଏହି ଅଙ୍ଗଗୁଡ଼ିକ ହେଲା- ବକ୍ତ୍ରସନିକା (ଓରୋଫାରିଙ୍କ୍ସ), ସ୍ୱରକ (ଲାରିଙ୍କ୍ସ), ଗ୍ରାସନଳୀ (ଇସୋଫଗସ୍), ଯକୃତ୍ (ଲିଭର), ବୃହଦନ୍ତ୍ର (କୋଲନ୍), ମଳାଶୟ (ରେକ୍ଟମ୍) ଓ ସ୍ତନ । ସୁରାପାନ ଦ୍ୱାରା ଏହି ଅଙ୍ଗଗୁଡ଼ିକରେ କର୍କଟ ହେଉଥିବା ବିଭିନ୍ନ ଅଧ୍ୟୟନରୁ ପ୍ରମାଣିତ । ସୁରାପାନ ଯୋଗୁଁ ବାର୍ଷିକ ପ୍ରାୟ ପାଞ୍ଚ ଲକ୍ଷ ଲୋକଙ୍କ ପ୍ରାଣ ଯାଉଛି । ଅଧିକ ଆଲ୍‌କୋହଲିକ୍ ପାନୀୟ ପିଉଥିବା ଲୋକଙ୍କ କ୍ଷେତ୍ରରେ କର୍କଟ ଆଶଙ୍କା ୨୩ ପ୍ରତିଶତ ଅଧିକ । ଏହା ବନ୍ଦ କଲେ ବା ନିୟନ୍ତ୍ରଣରେ ରଖିଲେ ଆଶଙ୍କା ୧୩ ପ୍ରତିଶତ ହ୍ରାସ ପାଏ ।

# ଫିଟ୍‌ନେସ ବ୍ୟାଣ୍ଡ

ରେଡ୍‌ମି ଭାରତରେ ନିଜର ପ୍ରଥମ ଫିଟ୍‌ନେସ ବ୍ୟାଣ୍ଡ ଲଞ୍ଚ୍ କରିଛି । ଅନ୍ୟ ବ୍ୟାଣ୍ଡ ତୁଳନାରେ ଏହା ଦେଖିବାକୁ ବି ଅଲଗା । ଏଥିରେ ହୃତ୍‌ସ୍ପନ୍ଦନ ମାପିବାର ମନିଟର ଏବଂ ନିଦ ଜାଣିବା ଲାଗି ସ୍ଲିପ୍ ଟ୍ରାକିଂ ମୋଡ୍ ରହିଛି । ଭାରତରେ ଏହାର ମୂଲ୍ୟ ୧୫୯୯ ଟଙ୍କା ରଖାଯାଇଥିବା କମ୍ପାନୀ ସୂତ୍ରରୁ ପ୍ରକାଶ । ଏହି ବ୍ୟାଣ୍ଡ କଳା, ନୀଳ, ସବୁଜ ଏବଂ କମଳା ରଙ୍ଗରେ ଉପଲବ୍ଧ । ଓଏଲ୍‌ଇଡି ଡିସ୍‌ପ୍ଲେ ସହ ଏଥିରେ ଅପ୍‌ଟିକାଲ ସେନ୍‌ସର ରହିଛି ଯାହା ୨୪ ଘଣ୍ଟା ହୃତ୍‌ସ୍ପନ୍ଦନ ଉପରେ ନଜର ରଖିଥାଏ । ୫୦ ମିଟର ଗଭୀର ପାଣିରେ ବି ଏହାକୁ ୧୦ ମିନିଟ୍ ପର୍ଯ୍ୟନ୍ତ ବ୍ୟବହାର କରିହେବ । ଅର୍ଥାତ୍ ଯଦି ଭୁଲ୍‌ରେ ଏହି ଫିଟ୍‌ନେସ ବ୍ୟାଣ୍ଡ ପିନ୍ଧି ସନ୍ତରଣ କରିବାକୁ ଯାଇଛନ୍ତି କିମ୍ବା ଗାଧୋଇ ପଡ଼ିଛନ୍ତି, ଏହାର କିଛି କ୍ଷତି ହେବନାହିଁ । ରିଷ୍ଟ ଟୁ ୱେକ୍ ଜେଷ୍ଟର ଦ୍ୱାରା କେବଳ ନିଜ କଚଟି ବୁଲାଇ ଏହାର ସ୍କ୍ରିନ୍ ଅନ୍ କରିପାରିବେ । ଥରଟିଏ ପୂରା ଚାର୍ଜ ହୋଇଗଲେ ଏହା ୧୪ ଦିନ ଚାଲିପାରିବ । ସ୍ମାର୍ଟଫୋନ୍‌ରେ ଏହାକୁ ସଂଯୁକ୍ତ କରି ବିଭିନ୍ନ ସୂଚନା ପାଇପାରିବେ । ଏହା ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ବ୍ୟବସ୍ଥାରେ କାମ କରିଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଖବରର ଖବର...

ସମୟ ଥିଲା ସମ୍ବାଦପତ୍ର ଉପରେ ଲୋକମାନେ ନିର୍ଭର କରୁଥିଲେ ନିଜ ଅଂଚଳ ବାଦ୍ ଅନ୍ୟାନ୍ୟ ଅଂଚଳ ସମ୍ପର୍କରେ ଜାଣିବାକୁ। ସେ ସମୟରେ ସମ୍ବାଦପତ୍ରରେ ପ୍ରକାଶ ଯେ କୌଣସି ସମ୍ବାଦକୁ ଲୋକମାନେ ନିରାଟ ସତ ବୋଲି ପ୍ରାୟତଃ ଗ୍ରହଣ କରୁଥିଲେ; ସାମ୍ବାଦିକତା ବୃତ୍ତିର ଯଥେଷ୍ଟ ଆଦର ଓ ସମ୍ମାନ ଥିଲା, କାରଣ ଖୁବ୍ କମ୍ ଲୋକ ପରିଶ୍ରମ କରି ଖବର ସଂଗ୍ରହ କରୁଥିଲେ ଏବଂ ତାକୁ ପରିବେଷଣ କରିବା ପୂର୍ବରୁ ତାର ସତ୍ୟାସତ୍ୟକୁ ଭଲ ଭାବରେ ପରଖି ଦେଖୁଥିଲେ। ବୈଦ୍ୟୁତିକ ଗଣମାଧ୍ୟମରେ ଆଗମନ ଲୋକମାନଙ୍କର ଏହି ଅକ୍ଷୋକୁ ସଂକୁଚିତ କରିଦେଲା। ଆଉ ବର୍ତ୍ତମାନ ସମୟରେ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମ ସାହାଯ୍ୟରେ ପ୍ରତି ମୁହୂର୍ତ୍ତରେ ଲୋକମାନେ ବିଶ୍ୱର କୋଣ ଅନୁକୋଣର ଖବରମାନ ପାଉଥିଲାବେଳେ ଏଥିରୁ କେତେକ ଅସତ୍ୟ ବା ମିଛ ବୋଲି ଜଣାପଡ଼ିଲା ବେଳକୁ କେତେ କେତେ ଅଘଟଣମାନ ସଂଘଟିତ ହୋଇ ଯାଉଛି ବିଭିନ୍ନ ସ୍ଥାନରେ। ନିକଟରେ ନରେନ୍ଦ୍ର ମୋଦୀ ସରକାର ଭାରତର ରାଷ୍ଟ୍ରୀୟ ସୁରକ୍ଷା, ବୈଦେଶିକ ସମ୍ପର୍କ ପ୍ରତି ହାନି ପହଂଚାଇବା ଏବଂ ଆଇନ୍ ଶୃଙ୍ଖଳା ସମ୍ପର୍କିତ ଭ୍ରମାତ୍ମକ ସୂଚନା ପ୍ରସାରଣ କରିବା ଅଭିଯୋଗରେ ଆଠଗୋଟି ୟୁ ଟ୍ୟୁବ୍-ଆଧାରିତ ନ୍ୟୁଜ୍ ଚ୍ୟାନେଲ୍, ଗୋଟିଏ ଫେସବୁକ୍ ଆକାଉଂଟ ଏବଂ ଦୁଇଗୋଟି ଫେସବୁକ୍ ପୋଷ୍ଟକୁ ବ୍ଲକ କରିଛନ୍ତି। ବ୍ଲକ କରାଯାଇଥିବା ୟୁ ଟ୍ୟୁବ୍ ଚ୍ୟାନେଲଗୁଡ଼ିକ ମଧ୍ୟରୁ ସାତଗୋଟି ଭାରତୀୟ ହୋଇଥିବାବେଳେ ଗୋଟିଏ ପାକିସ୍ତାନରୁ ଚଳାଯାଉଥିଲା। ଏହା ଯେ ସରକାରଙ୍କର ଏକ ଉତ୍ତମ ଓ ସମୟୋଚିତ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ। ଏସବୁ ମଧ୍ୟରୁ ସରକାରୀ ଭାବରେ ଜାରି କରାଯାଇଥିବା ପ୍ରେସ୍ ଇସ୍ତାହାରରେ ସ୍ଥାନିତ କେତେକ ପୋଷ୍ଟ ଏବଂ ସ୍କ୍ରିନ୍‌ସଟ୍ ଦର୍ଶାଉଛି ଯେ ଉପରୋକ୍ତ ସୋସିଆଲ ମିଡିଆଗୁଡ଼ିକ ମିଥ୍ୟା ଖବରଠାରୁ ଆହୁରି ଅଧିକ ସାଂଘାତିକ ବାର୍ତ୍ତାମାନ ପ୍ରସାରଣ କରୁଥିଲା। ମିଥ୍ୟା ସମ୍ବାଦ ହୁଏତ ଅଳସୁଆ ରିପୋର୍ଟରଙ୍କର ମନଗଢ଼ା କାହାଣୀ ହୋଇପାରେ, କିନ୍ତୁ ଉପରୋକ୍ତ ଚ୍ୟାନେଲଗୁଡ଼ିକ ଉଦ୍ଭଟ ବାର୍ତ୍ତାମାନ ପ୍ରସାର କରୁଥିଲେ। ଉଦାହରଣ ସ୍ୱରୂପ, କେତେକ ସମ୍ବାଦ ଥିଲା ଏହିପରି- ଲୋକତନ୍ତ୍ର ଟିଭି ସମ୍ବାଦ ପ୍ରସାରଣ କରିଥିଲା ଯେ ମୋଦୀ ବକ୍‌ର-ଇଦ୍ ପର୍ବ ପାଳନକୁ ନିଷେଧ କରିଛନ୍ତି। ଆହୁରି ମଧ୍ୟ ଭାରତରେ ଏକ ଧର୍ମ ଯୁଦ୍ଧ ଆରମ୍ଭ ହୋଇଯାଇଛି ଏବଂ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମକ୍କା ଓ ମଦିନା ଉପରେ ଆକ୍ରମଣର ନେତୃତ୍ୱ ନେବେ। ପାକିସ୍ତାନର ନ୍ୟୁଜ୍ କୀ ଦୁନିଆ ପୋଷ୍ଟ କରିଥିଲା ଯେ ୧୦୦କୋଟି ହିନ୍ଦୁ ୪୦କୋଟି ମୁସଲମାନଙ୍କୁ ମାରି ପକାଇବେ, ଏବଂ ମୁସଲମାନମାନେ ପାକିସ୍ତାନ କି ବାଂଲାଦେଶକୁ ପଳାଇଯିବା ଉଚିତ୍ , ଇତ୍ୟାଦି। ଉଲ୍ଲେଖଯୋଗ୍ୟ କି, ଯେତେ ଅଦକ୍ଷ ହେଲେ ସୁଦ୍ଧା କୌଣସି ସାମ୍ବାଦିକ ସମ୍ବାଦର ଉତ୍ସ କି ସତ୍ୟାସତ୍ୟ ନ ପରଖି ଏଭଳି ଉଦ୍ଭଟ ସମ୍ବାଦ ପ୍ରସାରିତ କରିବ ନାହିଁ। ଗଣତନ୍ତ୍ରର ଏକ ମୌଳିକ ନୀତି ହେଉଛି ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାର ଅଧିକାର। କିନ୍ତୁ ଅନ୍ୟ ସମସ୍ତ ଅଧିକାର ଭଳି ଏ ବାବଦରେ ମଧ୍ୟ କିଛି କଟକଣା ରହିଛି। ଯଦି କୌଣସି ସରକାର ଏଭଳି ସ୍ୱାଧୀନତାଗୁଡ଼ିକ ଉପରେ ଅଙ୍କୁଶ ଲଗାନ୍ତି, ତା'ହେଲେ ସେଥିପାଇଁ ଯୁକ୍ତିଯୁକ୍ତ କାରଣ ଦର୍ଶାଇବା ନିମନ୍ତେ ଭାରତୀୟ ସମ୍ବିଧାନରେ ଛଅଗୋଟି କାରଣର ଏକ ତାଲିକା ରହିଛି, ଯେଉଁଥିରୁ କେତେକର ଆଧାରରେ ଭାରତ ସରକାର ଉପରୋକ୍ତ ଚ୍ୟାନେଲଗୁଡ଼ିକୁ ବନ୍ଦ କରିଛନ୍ତି। ସରକାର ଦର୍ଶାଇଛନ୍ତି ଯେ ଏହିସବୁ ଚ୍ୟାନେଲଙ୍କ ଦ୍ୱାରା ପ୍ରସାରିତ ବିଷୟବସ୍ତୁଗୁଡ଼ିକ ମଧ୍ୟରେ ଭାରତ ବାବଦରେ ଭ୍ରମାତ୍ମକ ସୂଚନା ପ୍ରସାରଣ କରିବା ନିମନ୍ତେ 'ମିଥ୍ୟା ଏବଂ ସମ୍ବେଦନଶୀଳ ଥମ୍ବନେଲଗୁଡ଼ିକ' ଅନ୍ତର୍ଭୁକ୍ତ, ଆଉ ସେଥିପାଇଁ ଏସବୁକୁ ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ର ଧାରା ୬୯କ ଅଧୀନରେ ପରିସରଭୁକ୍ତ କରାଯାଇଅଛି। ସରକାରଙ୍କର ଏଭଳି ପଦକ୍ଷେପକୁ ଯେକୌଣସି ବ୍ୟକ୍ତି ସ୍ୱାଗତ କରିବେ, କାରଣ ଏହାଦ୍ୱାରା ସରକାର ଭ୍ରମାତ୍ମକ ସୂଚନା ଏବଂ ମିଥ୍ୟା ବା ଜାଲ୍ ଖବର ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରିଛନ୍ତି, ଯେହେତୁ ଏକ ଗଣତନ୍ତ୍ରରେ ଲୋକମାନେ ଯେଉଁ ପ୍ରକାରର ସୂଚନା ପାଇଥାନ୍ତି, ତା'ରି ଆଧାରରେ ସେମାନେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ନେଇଥାନ୍ତି। ଯଦି ସୂଚନା ଭୁଲ୍ ବା ମାରାତ୍ମକ ହୋଇଥାଏ, ତାରି ଆଧାରରେ ସେମାନେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ନେଇଥାନ୍ତି। ଯଦି ସୂଚନା ଭୁଲ୍ ବା ମାରାତ୍ମକ ହୋଇଥାଏ, ତା'ହେଲେ ଉତ୍ତମ ନିଷ୍ପତ୍ତି ଗ୍ରହଣ ଉପରେ ଏହାର କୁପ୍ରଭାବ ପଡ଼ିଥାଏ, ଯେଉଁଥିପାଇଁ ସେମାନଙ୍କୁ ବହୁମୂଲ ଦେବାକୁ ହୋଇଥାଏ। ତେଣୁ ମିଥ୍ୟାର ପ୍ରସାର କରୁଥିବା ଚ୍ୟାନେଲମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସରକାରଙ୍କର ଏକ ପ୍ରମୁଖ କର୍ତ୍ତବ୍ୟ।

# ବିଦ୍ୟୁତ୍ ବିଜ୍ଞାନର ଜନକ-ଫାରାଡ଼େ

**ଅକ୍ଷୟ କୁମାର ରାଉତ**

ସୂର୍ଯ୍ୟୋଦୟ ଭଳି ବିଜ୍ଞାନର ଅଭ୍ୟୁଦୟ ଫଳରେ ମନୁଷ୍ୟସମାଜରୁ ସେହି ସମସ୍ତ ଅଜ୍ଞତା, ଅନ୍ଧ ବିଶ୍ୱାସ, ଅନ୍ଧ ଚାର, କୁସଂସ୍କାର ଓ ଅନ୍ଧକାର କାହିଁ ଅନ୍ତର୍ଦ୍ଧାନ ହୋଇଯାଇଅଛି। ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା ଏବଂ ପ୍ରକୃତି ଜଗତର ସମସ୍ତ ରହସ୍ୟର ବାସ୍ତବ ଉଦ୍‌ଘାଟନ ତଥା ସମସ୍ତ ଇନ୍ଦ୍ରିୟଲବ୍ଧ ଅଭିଜ୍ଞତା ଗୁଡ଼ିକ ମଧ୍ୟରେ ତିଷ୍ଠି ରହିଥିବା ସୁନିୟନ୍ତ୍ରିତ ସମ୍ବନ୍ଧସୂତ୍ରର ଆବିଷ୍କରଣ। ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜୀବ ଜଗତର ହିତ ନିମନ୍ତେ ଉପଲବ୍ଧ ହୋଇଥାଏ। ବିଦ୍ୟୁତ୍ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଯେଉଁ ମହାନ୍ ପୁରୁଷଙ୍କୁ ଆମେ ବିଦ୍ୟୁତ୍ ବିଜ୍ଞାନର ଜନକ କହୁଅଛେ, ସେ ହେଉଛନ୍ତି ମାଇକେଲ ଫାରେଡ଼େ।

ମାଇକେଲ ଫାରେଡ଼େ ୧୭୯୧ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ଲଣ୍ଡନର ଏକ ଗରିବ କମାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ହେଉଛି ଜେମ୍ସ ଫାରାଡ଼େ ଓ ମାତାଙ୍କ ନାମ ମାର୍ଗାରେଟ୍ ହାଷ୍ଟୱେଲ୍ ଚାରୋଟି ସନ୍ତାନ ମଧ୍ୟରେ ମାଇକେଲ ଫାରାଡ଼େ ହୋଇଛନ୍ତି ତୃତୀୟ ସନ୍ତାନ। ଏକ ସ୍ଥାନୀୟ ବିଦ୍ୟାଳୟରେମାଇକେଲେ ପ୍ରାଥମିକ ସ୍ତରରେ ଲେଖିବା, ପଢ଼ିବା ଓ କିଛି ପାଟୀଗଣିତ ଶିକ୍ଷା କରିଥିଲେ।ଦାରିଦ୍ରତା ତାଙ୍କୁ ୧୩ବର୍ଷ ବୟସରେଙ୍କ ପାଠ ପଢାରେ ଡ଼ୋରବାନ୍ଧୀ ଦେଇଥିଲା। ତେଣୁ ସେ ଜର୍ଜ ରିବିୟାନ୍‌ଙ୍କ ବହି ଦୋକାନରେ ଚାକିରି ଜୀବନ ଆରମ୍ଭ କଲେ। ଫାରାଡ଼େଙ୍କ କାମ ଥିଲା ସେ ଗୋଟିଏ ଗ୍ରାହକ ପାଖରୁ ଖବର କାଗଜ ନେଇ ଅନ୍ୟ ଜଣେ ଗ୍ରାହାକଙ୍କୁ ଦେବେ। ମାଲିକ ରିବିୟାନ୍ ବର୍ଷକ ପରେ ତାଙ୍କ କାମରେ ଖୁସି ହୋଇ ବହି ବନ୍ଧା କାମ ଶିକ୍ଷା ଦେଲେ। ଦାରିଦ୍ର ଯୋଗୁଁ ଫାରାଡ଼େ ଅଧିକ ଶିକ୍ଷା ଗ୍ରହଣ କରିପାରିନଥିଲେ, କିନ୍ତୁ ସେ ବହି ବନ୍ଧେଇ କରିବା ପୂର୍ବରୁ ସେ ସେହି ବହ ଗୁଡ଼ିକୁ ପଢୁଥିଲେ। ମାର୍ସେଟ୍‌ଙ୍କରଚିତ ରସାୟନ ବିଜ୍ଞାନ ପୁସ୍ତକ ଓ ଏନସାଇ କ୍ଲୋପିଡ଼ିଆ ବ୍ରିଟାନିକା ଏହି ଦୁଇଟି ପୁସ୍ତକ ତାଙ୍କୁ ପ୍ରଭାବିତ କରିଥିଲା। ଫାରାଡ଼େଙ୍କୁ ମାଲିକ୍ ରିବିୟାନ ବହି ପଢିବା ପାଇଁ ଉତ୍ସାହିତ କରୁଥିଲେ। ବହି ପଢା ପ୍ରତି ଏତେ ନିଷ୍ଠା ଯୋଗୁ ସେ ଇଣ୍ଟ୍ରୋ ଡ଼କ୍ସନଟୁ କେମେଷ୍ଟ୍ରି ର ୪ଟି ଯାକ ପୁସ୍ତକ କିଣିଲେ। ଏଥିରୁ ସେ ନିଜର ମତାମତ ଓ ବିବରଣୀକୁ ସଂଗଠିତ କରି ଦି ଫିଲୋସଫିକ୍ ମିସେଲାନୀ ନାମରେ ଏକ ପୁସ୍ତକ ଲେଖିଥିଲେ।ପିତାଙ୍କ ମୃତ୍ୟୁ ପରେ ଫାରାଡ଼େ ଭାଇ ରବଟଙ୍କ ଠାରୁ ପଇସା ନେଇ ସିଟି ଫିଲୋସୋଫିକାଲ ସୋସାଇଟି ଦ୍ୱାରା ଆୟୋଜନ ହେଉଥିବା ବିଜ୍ଞାନ ଆଲୋଚନାରେ ଏକ ଶିଲିଙ୍ଗ ଦେଇ ଟିକେଟ ନେଇ ଶୁଣିବାକୁ ଯାଉଥିଲେ। ତାଙ୍କର ବନ୍ଧୁ ବୋମିନ୍ ଆବଟ୍ ଓ ଏଡ଼ୱାର୍ଡ଼ ମାଗ୍ରାଥ୍‌ଙ୍କ ସାହାଯ୍ୟରେ ଆଲୋଚନାରେ ଭାଗନେବାକୁ ପ୍ରସ୍ତୁତ କରିପାରିଥିଲେ।

ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ୧୭୯୯ ମସିହାରେ ରୟାଲ୍ ଇନଷ୍ଟିଚ୍ୟୁସନ୍ ଲଣ୍ଡନରେ ସ୍ଥାପିତ ହେଲା ଲାଫିଙ୍ଗ ଗ୍ୟାସ୍ ପ୍ରସ୍ତୁତ କର୍ତ୍ତା ସାର୍ ହମ୍ପ୍ରିଡ଼ାଭେ ୧୮୦୨ ମସିହାରେ ମାତ୍ର ୨୪ବର୍ଷ ବୟସରେ ରୟାଲ୍ ଇନ୍‌ଷ୍ଟିଟ୍ୟୁରେ ପ୍ରଫେସର ପଦରେ ଯୋଗଦେଲେ। ମାଇକେଲ ଫାରାଡ଼େ ଏକ ଚିଠି ସହିତ ପ୍ରସ୍ତୁତ କରିଥିବା ଡାଭେଙ୍କ ଭାଷଣର ସାରାଂଶର ନକଲ ଡ଼ାଭେକ ନିକଟକୁ ପଠାଇଲେ। ଫାରାଡ଼େଙ୍କ ବିଜ୍ଞାନପ୍ରତି ଆଗ୍ରହ, ତୀକ୍ଷ୍ଣ ସ୍ମୃତି ଶକ୍ତି ଅତିଶୟ ପ୍ରଶଂସା କରିଥିଲେ ଡ଼ାଭେ। ୧୮୧୩ ମସିହାରେ ଫାରାଡ଼େ ରୟାଲ ଇନିଷ୍ଟିଟ୍ୟୁରେ ଗୋଟିଏ ପରୀକ୍ଷାଗାର ସହାୟକ ପଦରେ ନିଯୁକ୍ତି ହେଲେ। ଦରମା ଥିଲା ମାସକୁ ୨୫ ଶିଲିଙ୍ଗ୍ ଫାରାଡ଼େ ନିରନ୍ତର ଡ଼ାଭେଙ୍କ ପାଖରେ ରହି ସମସ୍ତ ପରୀକ୍ଷା ଦେଖୁଥିଲେ ଏବଂ ଏହାର ସିଦ୍ଧାନ୍ତକୁ ନିଜେ ବିଶ୍ଳେଷଣ କରୁଥିଲେ।

ଡ଼ାଭେ ସସ୍ତ୍ରୀକ ୟୁରୋପ ଭ୍ରମଣରେ ବାହାରିଥିଲେ। ସେ ଫାରାଡ଼େଙ୍କୁ ସହାୟକ ଭାବେ ନେବାକୁ ସ୍ଥିର କଲେ। ଫାରାଡ଼େ ଚାକିରିରୁ ଇସ୍ତଫା ଦେବେ ଓ ଫେରିବାପରେ ଫାରାଡ଼େ ପୁନଶ୍ଚ ଚାକିରି ଦେବା ପାଇଁ ଡ଼ାଭେ ପ୍ରତିଶ୍ରୁତି ଦେଲେ। ଡ଼ାଭେଙ୍କ ସ୍ତ୍ରୀ ଜେନ୍ ଡ଼ାଭେଙ୍କ ପରିଚାରିକା ନଯିବାରୁ ଫାରାଡ଼େ ପରିଚାରିକା କାର୍ଯ୍ୟ ମଧ କରିବାକୁ ରାଜି ହେଲେ। ଏହି ଭ୍ରମଣ ସମୟରେ ଫାରାଡ଼େ ବିଦେଶୀ ବୈଜ୍ଞାନିକ ମାନଙ୍କୁ ଭେଟୁଥିଲେ ଓ ବୈଜ୍ଞାନିକ ପରୀକ୍ଷାରେ ଅଂଶ ଗ୍ରହଣ କରୁଥିଲେ, ଡ଼ାଭେ ଫାରାଡ଼େଙ୍କୁ ଜଣେ ସହଯୋଗୀ ଭାବେ ଉପସ୍ଥାପିତ କରୁଥିଲେ। ଫାରାଡ଼େ ଭ୍ରମଣ ସମୟରେ ଫରାସୀ ଭାଷା ଶିକ୍ଷା କରିଥିଲେ। ସେ ଡ଼ାଭେଙ୍କ ସହଯୋଗୀଭାବେ ପ୍ରକୃତ ବିଜ୍ଞାନ କାର୍ଯ୍ୟ କରିଥିଲେ, ଫଳରେ ନିଜକୁ ସେ ଜଣେ ବୈଜ୍ଞାନିକ ଭାବେ ଭବିଷ୍ୟତରେ ପ୍ରତିପାଦିତ କରିପାରିଥିଲେ। ଭ୍ରମଣରୁ ଫେରିବା ପରେ ଫାରାଡ଼େ ଉପକରଣ ସୁପରି ଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ପାଇ ସପ୍ତାହକୁ ୩୦ ଶିଲିଙ୍ଗ୍ ଦରମା ପାଇଲେ।

ରୟାଲ ଇନ୍‌ଷ୍ଟିଟ୍ୟୁସନ୍‌ରେ କାମ କରିବା ସମୟରେ ନିଜର ଚେଷ୍ଟା, କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଥିଲେ। ୧୮୧୬ ମସିହାରେ କଷ୍ଟିକ୍ ସୋଡ଼ା ଉପରେ ଏକ ନିବନ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶ କରିଥିଲେ। ୧୮୨୦ ମସିହା ସୁଦ୍ଧା ସେ ୩୭ଟି ମୌଳିକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରି ନିଜର ବୈଜ୍ଞାନିକ ଆତ୍ମବିଶ୍ୱାସ କୁ ପ୍ରମାଣିତ କରିଥିଲେ। ୧୮୧୬ମସିହା ଜାନୁଆରୀ ମାସ ୧୭ତାରିଖରେ ଫିଲୋସୋଫିକାଲ ସୋସାଇଟିରେ ପ୍ରଥମ ସାରଗର୍ଭକ ବକ୍ତୃତା ଦେଇ ଦେଶରେ ପ୍ରସିଦ୍ଧି ଲାଭ କଲେ। ୧୮୨୧ ମସିହା ଜୁନ ମାସ ୧୨ ତାରିଖ ଦିନ ଫାରାଡ଼େଙ୍କ ବିବାହ ସାରାହ ବର୍ଣ୍ଣଡ଼ ସହିତ ହୋଇଥିଲା। ସୁଖପୂର୍ଣ୍ଣ ଦାମ୍ପତ୍ୟ ଜୀବନରେ ତାଙ୍କର ସନ୍ତାନ ନଥିଲେ। ସେ ପୁତୁରା ଓ ଝିଆରୀମାନଙ୍କୁ ନିଜପିଲା ଭଳି ଦେଖୁଥିଲେ। ୧୮୨୫ ମସିହାରେ ବେନଜକୁ ଆବିଷ୍କାର କରି ତାହାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିଥିଲେ।

୧୮୨୩ ମସିହା ମେ ମାସରେ ବୈଜ୍ଞାନିକମାନେ ରୟାଲ ସୋସାଇଟିର ସଭ୍ୟ ପାଇଁ ମାଇକେଲ ଫାରାଡ଼େଙ୍କ ନାମ ସୁପାରିସ କଲେ। ୧୮୨୩ ମସିହା ଡ଼ିସେମ୍ବରରେ ଫାରାଡ଼େ ଗୋଟିଏ ବିଦ୍ୟୁତ୍ ବାହୀ ତାରର ଗୁଣ ଚୁମ୍ବକର ଗୁଣ ସହ ସମାନ ରହୁଛି, ଏହାକୁ ଯଦି ମୁକ୍ତ ଭାବରେ ଝୁଲାଇ ରଖିବା, ଏହା ଉତର ଓ ଦକ୍ଷିଣ ଦିଗକୁ ମୁହଁ କରି ରହିବ, ତାଙ୍କର ସାଧନା ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ୩୩ ବର୍ଷ ବୟଷରେ ୧୮୨୫ ମସିହା ଫେବୃଆରୀ ୭ ତାରିଖରେ ରୟାଲ୍ ଇନ୍‌ଷ୍ଟିଟ୍ୟୁସନ୍‌ରେ ନିର୍ଦ୍ଦେଶକ ପଦରେ ଯୋଗ ଦେଇଥିଲେ। ୧୮୨୫ ରୁ ୧୮୬୨ ମଧ୍ୟରେ ସେ ଏକଶହରୁ ଅଧିକ ବକ୍ତୃତା ଦେଇଥିଲେ। ଶିକ୍ଷ ଅନିଷ୍ଠାନକୁ ଦେଉଥିବା ପରାମର୍ଶ ଓ ସାହାଯ୍ୟ ଦ୍ୱାରା ରୟାଲ ଇନିଷ୍ଟିଟ୍ୟୁସନ୍‌ର ଆୟ ବୃଦ୍ଧି ଘଟିଥିଲା। ୧୮୩୧ ମସିହାରେ ଅଗଷ୍ଟ ମାସ ୨୯ ତାରିଖରେ ଫାରାଡ଼େ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣା ତତ୍ୱ ଆବିଷ୍କାର ସହ ଏକ ସଙ୍ଗରେ ଟ୍ରାନ୍‌ସଫର୍ମର ଓ କିଛି ଦିନ ପରେ ଡ଼ାଇନାମୋର ଉଦ୍ଭାବନ କରିଥିଲେ।

ବ୍ରିଟେନର ପ୍ରଧାନ ମନ୍ତ୍ରୀ ସାର ରବର୍ଟ ପିଲ୍ ଫାରାଡ଼େଙ୍କୁ ବିଜ୍ଞାନ ପ୍ରତି ଅବଦାନ ଯୋଗୁଁ ତାଙ୍କୁ ପେନ୍‌ସନ୍ ଦେବାକୁ ଘୋଷଣା କରିଥିଲେ। କିନ୍ତୁ ପେନ୍‌ସନ୍ ମିଳିବା ପୂର୍ବରୁ ପ୍ରଧାନ ମନ୍ତ୍ରୀ ଲଡ଼ ମେଲ୍‌ବୋର୍ଣ୍ଣ ପେନ୍‌ସନ୍ ଦେଲେ ନାହିଁ,ପରେ ପ୍ରଧାନ ମନ୍ତ୍ରୀ କ୍ଷମା ମାଗି ପେନ୍‌ସନ୍ ବ୍ୟବସ୍ଥା କରିଥିଲେ।

ସେ ନିଜ ଚେଷ୍ଟା ଓ ପରିଶ୍ରମ ବଳରେ ବିଦ୍ୟାଳୟ ଶିକ୍ଷା ଶେଷ କରି ମଧ ପୃଥିବୀର ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇ ପାରିଥିଲେ। ସେ ବିଦ୍ୟୁତ୍ ମୋଟର୍, ଜେନେରେଟର ଓ ଟ୍ରାନ୍‌ସଫର୍ମରର ସୂତ୍ର ଆବିଷ୍କାର କରିବା ପରେ ବ୍ୟାବସୟିକ ନିର୍ମାଣ ପ୍ରତି ଦୃଷ୍ଟି ଦେଇନଥିଲେ। ସେ ବଳରେଖା ସମ୍ବନ୍ଧରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ। ତାଙ୍କ ଦ୍ୱାରା ରଚି Experimental Researches in chemistry and physics Gaõ The Chemical History of a Candalପୁସ୍ତକ ଗୁଡ଼ିକ ବିଜ୍ଞାନ ସାହିତ୍ୟକୁ ଅମର ଅବଦାନ। ମାଇକେଲ ଫାରାଡ଼େଙ୍କର ମହାପ୍ରୟାଣ ୧୮୬୭ ମସିହା ଅଗଷ୍ଟ ମାସ ୨୫ ତାରିଖରେ ହୋଇଥିଲା, କିନ୍ତୁ ତାଙ୍କର ବିଦ୍ୟୁତ୍ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ ସାରା ସଂସାର ବିଦ୍ୟୁତ୍ ବିଜ୍ଞାନର ଜନକ ଭାବରେ ମନେରଖିବ।

+ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ଅଖଣ୍ଡ ଭାରତର ଐତିହ୍ୟ ଓ ଜାତୀୟତାର ପ୍ରତୀକ ଆମ ତ୍ରିରଙ୍ଗା ପତାକାର ସ୍ୱରୂପ ବିନ୍ୟାସ



**ପ୍ରଦୋଷ କୁମାର ଦାସ**

ଆମ ଦେଶର ଅଗଣିତ ସହିଦ ଓ ସଂଗ୍ରାମୀମାନଙ୍କ ବହୁମୂଲ୍ୟ ପ୍ରାଣବଳି ତଥା ଅହରହ ସଂଗ୍ରାମୀ ଅବଦାନ ଫଳରେ ଆମେ ଭାରତବାସୀ ବିଦେଶୀ ଶାସନରୁ ଗତ ୧୯୪୭ ମସିହାର ଅଗଷ୍ଟ ମାସ ୧୫ ତାରିଖ ମଧ୍ୟରାତ୍ରରୁ ସ୍ୱାଧୀନତା ଲାଭ କରିଥିଲେ। ବ୍ରିଟିସ ସରକାରଙ୍କ ୟୁନିଅନ ଜ୍ୟାକ୍ ପତାକା ଅବତରଣ କରାଯାଇ ଦିଲ୍ଲୀର ଲାଲକିଲ୍ଲାରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁ ତ୍ରିରଙ୍ଗା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାରା ଦେଶର ଅଗଣିତ ,ଉତ୍ସର୍ଗିତ ସହିଦ,ସଂଗ୍ରାମୀମାନଙ୍କ ଅବଦାନରୁ କଷ୍ଟ ଉପଲବ୍ଧ ସ୍ୱାଧୀନତାର ପ୍ରାଣ ସ୍ପନ୍ଦନ ଭାବେ ଆମ ତ୍ରିରଙ୍ଗା ସ୍ୱରୂପୀ ଜାତୀୟ ପତକା ଆମ ସମଗ୍ର ଭାରତବର୍ଷର ଐକ୍ୟତା ଓ ଜାତୀୟତାର ପ୍ରତୀକ ଅଟେ।ଏହା ବାସ୍ତବରେ ପ୍ରତିଟି ଭାରତୀୟ / ଦେଶବାସୀଙ୍କର ସ୍ୱାଭିମାନ ଓ ଏକନିଷ୍ଠ ଉଦ୍ୟମ ତଥା ଜାତୀୟତାର ପ୍ରତୀକ ଅଟେ।

ଚଳିତ ବର୍ଷ ଅଗଷ୍ଟ ୧୫ରେ ଆମ ଦେଶ ଭାରତ ବର୍ଷର ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ସାରା ଦେଶରେ 'ଆଜାଦି କା ଅମୃତ ମହୋତ୍ସବ' ନାମରେ ସ୍ୱାଧୀନତାର ଏହି ଅମୃତ ମହୋତ୍ସବ ପାଳନ ଅବସରରେ ସମଗ୍ର ଦେଶର ପ୍ରତି ଘରେ ଆମ ଦେଶର ଗର୍ବ ଓ ଗୌରବର ପ୍ରତୀକ ରୂପେ ଉଡ୍ଡୀୟମାନ ତ୍ରିରଙ୍ଗା ଜାତୀୟ ପତାକାକୁ ଫରଫର ଲହରାଇ ଆପଣା ହୃଦୟରେ ଜାତୀୟତା ଭାବକୁ ଉଦ୍ରେକ କରାଇବାରେ ଏକ ଜାତୀୟ ଅଭିଯାନ ବୋଲି ବିଚାରିବାକୁ ହେବ। ଦେଶପ୍ରେମର ନିଦର୍ଶନ ସ୍ୱରୂପ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ଦେଶବାସୀ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି। ଇତିହାସ ସମୃଦ୍ଧ ଆମ ତ୍ରିରଙ୍ଗା ଜାତୀୟ ପତାକାର ସର୍ଜନା ମଧ ବେଶ ସମୃଦ୍ଧ। ଦେଶ ସ୍ୱାଧିନତା ପ୍ରାପ୍ତି ପୂର୍ବରୁ ଅର୍ଥାତ୍ ଗତ ୧୯୩୧ ମସିହାକୁ ଜାତୀୟ ପତାକା ଇତିହାସର ସ୍ମରଣୀୟ ବର୍ଷ ବୋଲି କୁହାଯାଏ। ଏହି ବର୍ଷ ହିଁ ସର୍ବସମ୍ମତି କ୍ରମେ ଜାତୀୟ ପତାକାରେ ୩ ସ୍ତର ରଙ୍ଗ ଯଥା ନାରଙ୍ଗୀ (କମଳା ),ଧଳା ଏବଂ ସବୁଜ ରଙ୍ଗ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ଜାତୀୟ ପତାକାର କମଳା ରଙ୍ଗ କୋଟି ସୂର୍ଯ୍ୟ ସମାନ ଆମର ପ୍ରଗତି, ଧଳା ରଙ୍ଗ ଆମର ସର୍ବଧର୍ମ ସମନ୍ୱୟ ଓ ଶାନ୍ତି, ସବୁଜ ରଙ୍ଗ ସବୁଜ ବନାନୀ ଘେରେ ଆମ ଧରଣୀର ସବୁଜିମା ଶସ୍ୟଶ୍ୟାମଳା ଆମ ଦେଶର ସମୃଦ୍ଧିକୁ ଦର୍ଶାଇଥାଏ। ଏହାର ମଧ ଭାଗରେ ସ୍ଥାନୀତ ଅଶୋକଚକ୍ର ଆମର ନିରପେକ୍ଷତାର ସହ ନ୍ୟାୟଧର୍ମ ପାଳନ, ଶାନ୍ତି ସଂହତି, ଅନୁଶାସନର ବାର୍ତ୍ତାବହ ଭାବେ ରାଜଧର୍ମକୁ ସୂଚାଇଥାଏ।

ଆମ ଦେଶର ଜାତୀୟ ପତାକା ତ୍ରିରଙ୍ଗାର ପୂର୍ବ ସ୍ୱରୂପର ସମୟକ୍ରମେ ପରିବର୍ତ୍ତିତ ସଂକରଣର ଇତିବୃତ୍ତ ବେଶ୍ ଐତିହ୍ୟପୂର୍ଣ୍ଣ। ଇତିହାସ ପୃଷ୍ଠାରୁ ଜଣାଯାଏ,ଗତ ୧୮୫୮ରୁ ୧୯୪୭ ମସିହା ଯାଏଁ ବ୍ରିଟିସ ସରକାର ଭାରତରେ ସଂଯୁକ୍ତ ରାଷ୍ଟ୍ରର ପତାକା ବ୍ୟବହାର କରିଆସୁଥିଲେ। ସେତେବେଳେ ଭାଇସରାସରାୟ ଓ ଗଭର୍ଣ୍ଣର ଜେନେରାଲଙ୍କ ପାଇଁ ଅଲଗା ଅଲଗା ପତାକା ବ୍ୟବହାର ହେଉଥିଲା।ବ୍ରିଟିସ ପତାକାରେ ବ୍ରିଟେନର ରାଜକୀୟ ମୁକୁଟ ଏବଂ ଆଲୋକ ପ୍ରଦାନକାରୀ ତାରକାର ଚିହ୍ନ ରହିଥିଲା। ଏହି ତାରକା ଚାରିପାଖରେ ଇଂରାଜୀରେ ' ହେଭେନ୍ସ ଲାଇଟ ଆୱାର ଗାଇଡ୍ ଉଲ୍ଲେଖ ରହିଥିଲା। ଏହାର ଅର୍ଥ ସ୍ୱର୍ଗର ଆଲୋକ ଆମର ପଥ ପ୍ରଦର୍ଶକ ।୧୯୪୨ ମସିହାରୁ ବ୍ରିଟିସ ଭାରତୀୟ ସେନା ନିଜ ନିଜର ସ୍ୱତନ୍ତ୍ର ପତାକା ବ୍ୟବହାର କରିବା ଆରମ୍ଭ କରିଦେଇଥିଲେ।୧୯୪୨ରୁ ୧୯୪୭ ଅଗଷ୍ଟ ୧୫ ତାରିଖ ପୂର୍ବ ଅବଧି ଯାଏଁ ଷ୍ଟାର ଅଫ ଇଣ୍ଡିଆ, ମୀକୁଟ ଓ ୨ଟି ଖଣ୍ଡା ଚିହ୍ନ ଥାଇ ଲାଲ ରଙ୍ଗର ପତାକା ବ୍ୟବହାର ହେଉଥିଲା। ପରେ ଏହି ଲାଲ ରଙ୍ଗକୁ ଗାଢ ନୀଳ ରଙ୍ଗରେ ପରିବର୍ତ୍ତନ କରି ସେଥିରେ ୟୁନିୟନ ଫ୍ଲାଗ ଯୋଡି ଦିଆଯାଇଥିବା ପ୍ରକାଶ ।

ସ୍ୱାଧୀନତା ସଂଗ୍ରାମ ଚାଲିଥିବା ଅବସରରେ ଭାରତରେ ପ୍ରଥମେ ଅଗଷ୍ଟ ୭ ତାରିଖରେ କୋଲକତାର ଗ୍ରିନ ପାର୍କରେ ଏକ ଭାରତୀୟ ଜାତୀୟ ସଂଗ୍ରାମ ମାନସିକତାର ପତାକା ଉତ୍ତୋଳନ ହୋଇଥିଲା।ଏଥିରେ ସବୁଜ,ହଳଦିଆ ଏବଂ ଲାଲ ରଙ୍ଗର ୩ଟି ପଟି ରହିଥିଲା। ସବୁଜ ପଟିରେ ୮ ଟି ପଦ୍ମ ଫୁଲ, ହଳଦିଆ ପଟିରେ 'ବନ୍ଦେ ମାତରମ ' ଏବଂ ଲାଲ ପଟିରେ ଗୋଟିଏ ଭାଗରେ ସୂର୍ଯ୍ୟ ଓ ଅନ୍ୟ ଭାଗରେ ଚନ୍ଦ୍ରାଂଶ ଚିହ୍ନ ରହିଥିଲା। ୧୯୦୪ରେ ଜାତୀୟ ପତାକା ସଂପର୍କିତ ଏକ ପ୍ରସ୍ତାବ ଆସିଥିବା ବେଳେ ୧୯୦୫ରେ ବଙ୍ଗଳାରେ ବନ୍ଦେ ମାତରମ ଲେଖା ଥିବା ଏକ ପତାକାକୁ ଭଗିନୀ ନିବେଦିତା ପ୍ରସ୍ତୁତ କରିଥିଲେ।ହୋମ ରୁଲ ଆନ୍ଦୋଳନ କାଳରେ ୧୯୧୭ରେ ଏକ ପତାକା ପ୍ରସ୍ତୁତ ହୋଇଥିବା ବେଳେ ଏହାକୁ ଲୋକମାନ୍ୟ ତିଳକ ଓ ଡକ୍ଟର ଆନି ବେସାନ୍ତ ଉତ୍ତୋଳନ କରିଥିଲେ। ଏଥିରେ ୫ଟି ଲାଲ ଏବଂ ୪ଟି ସବୀଜ ସମାନ୍ତରାଳ ପଟି ଥିଲା। ୟୁନିଅନ ଜ୍ୟାକ୍ , ସପ୍ତର୍ଷି ତଥା କ୍ରିସେଣ୍ଟ ଚିହ୍ନ ଏଥିରେ ରହିଥିଲା।

ତେବେ ପରବର୍ତ୍ତୀ ସମୟରେ ଆନ୍ଧ୍ର ପ୍ରଦେଶର ମଛଳିପାଟନମ ନିବାସୀ ଜନୈକ ବ୍ରିଟିସ ସେନାରେ ନିଯୁକ୍ତ ସୈନିକଙ୍କ ଅବଦାନରେ ଆମ ଜାତୀୟ ପତାକାର ସ୍ୱରୂପ କ୍ରମେ ସ୍ଥିରିକୃତ ହୋଇ ଶେଷରେ ସର୍ବଶେଷ ସ୍ୱରୂପ ଗ୍ରହଣୀୟ ହୋଇ ଆଜିର ତ୍ରିରଙ୍ଗା ଜାତୀୟ ପତାକା ଭାବେ ଆତ୍ମ ପ୍ରକାଶ କରିଥିଲା। ସେ ଜଣେ ଲେଖକ,ଶିକ୍ଷାବିତ୍,ଭାଷାବିତ୍, ସ୍ୱାଧୀନତା ସଂଗ୍ରାମୀ ଥିଲେ। ତାଙ୍କ ନାମ ଶ୍ରୀ ପିଙ୍ଗଳି ଭେଙ୍କିୟା ଅଟେ। ତାଙ୍କର ସତ୍ ଚେଷ୍ଟା ଓ ଜାତୀୟ ଐକ୍ୟ ମାନସିକତା ସୃଷ୍ଟିର ଫଳ ସ୍ୱରୂପ ତାଙ୍କର ବହୁ ପ୍ରୟାସରେ ଆମ ଦେଶର ତ୍ରିରଙ୍ଗା ଜାତୀୟ ପତାକାର ବାସ୍ତବ ସ୍ୱରୂପ ପ୍ରସ୍ତୁତ ହୋଇପାରିଥିଲା। ଆଫ୍ରିକା ରହଣୀ କାଳରେ ମହାତ୍ମାଗାନ୍ଧୀଙ୍କ ସହ ତାଙ୍କର ସାକ୍ଷାତ ହେବା ପରେ ସେ ମହାତ୍ମାଗାନ୍ଧୀଙ୍କ ପଦାଙ୍କ ଅନୁସରଣ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିଲେ। ସେ ଭାରତବର୍ଷ ପାଇଁ ଐକ୍ୟ ଓ ସଂହତି ତଥା ଜାତୀୟତା ଉଦ୍ରେକକାରୀ ସର୍ବସମ୍ମତ ଓ ଗ୍ରହଣୀୟ ହେବା ଭଳି ଏକ ଜାତୀୟ ପତାକାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ସମୟରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନ ମାନଙ୍କରେ ନିଜର ମତ ରଖି ଏଥିରେ ନିରବଛିନ୍ନ ପ୍ରୟାସ ଜାରି ରଖିଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ବୟସର ଅପରାହ୍ଣ

**ନିରଞ୍ଜନ ସାହୁ**

ବୟସର ଅପରାହ୍ଣ ଲଗନରେ
ଜୀବନ ଗଣିତ କଷେ
ବେଳ ରତରତ ହୋଇବା ଆଗରୁ
ଭାଗ୍ୟ କିଆରୀକୁ ଚଷେ ।
ସକାଳ ଯାଇଛି ମଧ୍ୟାହ୍ନ ଯାଇଛି
ହିସାବକିତାବ ନାହିଁ
ଅପରାହ୍ଣ ବେଳ ହୋଇଲା କେବଳ
ସୂର୍ଯ୍ୟାସ୍ତକୁ ଚାହିଁଚାହିଁ
ସନ୍ଧ୍ୟା ଆଗମନ ଜୀବନ ମଉନ
ଏକଥା ମୁଣ୍ଡରେ ପଶେ ।
ଆତ୍ମଜୀବନୀରୁ ଆତ୍ମନିରୀକ୍ଷଣ
କରୁଅଛି ମୁହିଁ ଏବେ
ଆତ୍ମସମୀକ୍ଷା ତ କରିନାହିଁ ମୁହିଁ
ଏହି ଜୀବନରେ କେବେ
ନେଡି ଗୁଡ଼ ଆସି କହୁଣୀରେ ଏବେ
ଜନ୍ତୁପତି ଧୀରେ ହସେ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩

## ବ୍ୟଥିତ ଯାତ୍ରା

**ଶୁଭଦର୍ଶିନୀ ଦାଶ**

ସୂର୍ଯ୍ୟ ଯାହାର ମମତା ତେଜରେ
ନିଜର ଆଖି ମଳି ଦେଉଥିଲା
ପୂରି ଉଠୁଥିଲା ଘର ଯାହାର
ଐଶ୍ୱର୍ଯ୍ୟ ରୂପ ଆଭାରେ
ସେ ବି ତ ଦେବୀ ଥିଲେ ନା !!!

ପାହାଡ଼ ବି ଈର୍ଷା କରୁଥିଲା ଯାହାର
ଧୈର୍ଯ୍ୟ ସମ୍ମୁଖରେ
ଦାଣ୍ଡ ପିଣ୍ଡାର ସେ ନିର୍ଜୀବ
କାଠ ଚୋଉକି ବି ଜିଇ ଉଠୁଥିଲା
ଯାହାର ସଂଗତ ପାଇ
ସେ କ'ଣ ଦେବତା ନଥିଲେ ?

ମନସ୍କାମନା ପୂର୍ଣ୍ଣ କରି ପାରିଲେନି
ନା ଭକତି, ବିଶ୍ୱାସ ଓ ଧର୍ଯ୍ୟରେ
ରହିଗଲା କିଛି ବାକି .....
ନହେଲେ କିପରି ଆଜି ଅଲୋଡ଼ା
ଅପଢ଼ା ହୋଇ ରହିଗଲେ
ପୁରୁଣା ଉପନ୍ୟାସର ପୃଷ୍ଠାପରି ।

ଜୀବଦାନ ଦେଇ ତୁଚ୍ଛ ହୋଇଗଲେ
ନିଜ ମଉଳା ବୟସ ସଞ୍ଚରେ
ନିଜ ଗଢ଼ା ମନ୍ଦିର ଛାଡି ଆଜି
ପରିଚୟ ହୀନ ନୂତନ ଏଇ ଠିକଣା
ବୃଦ୍ଧାଶ୍ରମ ରେ ପହଞ୍ଚିଗଲେ ।

ଜୀବନ୍ତ ଠାକୁର ଆଜି
ବୃଦ୍ଧାଶ୍ରମର ଚାରି କାନ୍ଥେ କିଳା,
ନିରବ ନିକାଞ୍ଚନେ ବିତେ ଦିନରାତି
କେବଳ ସେଠି ନିରବତାର ସ୍ୱର୍ଶ
ବାସ..... ଆଉ କିଛି ନାହିଁ ,
ଆଖିରୁ ଲୁହ ବି ଆଉ
ଗଡିବାକୁ ଚାହେଁନି
କୁଞ୍ଚିତ ଗାଲକୁ ଛୁଇଁବା ପାଇଁ ।

ଝରକା ଫାଙ୍କ ବାଟେ ଚାହିଁ ଚାହିଁ
ଦୁଇ ନୟନ ବି ଥକି ଗଲାଣି
ଆକାଶରେ ସେ ତାରାକୁ ଦେଖି
ନିଜ ଆଖିର ତାରା ଭାବି
ମନବି ବହଲି ଗଲାଣି ।

ହୃଦୟରେ ବି ନିଷ୍ଠୁରତା ଭେଦିଗଲାଣି
ଅଫେରା ଆଜି ସେ ପାଦ
ଆଉ କେବେ ଫେରିବ ନାହିଁ
ଏବେ ଖାଲି ଇଛା .......
ଆଖି ମୁଜିଦେଇ ଅନ୍ଧାରି ଦୁନିଆରେ
ସହଚର ସେ, ନିଜ ଛାଇରେ
ଲୀନ ହେବାପାଇଁ....... ।

+ଭୁବନେଶ୍ୱର

## ବୃକ୍ଷ ଦେବତା

**ବାପିନି ସିଂ**

ବୃକ୍ଷ ଦେବତା ହେ ବୃକ୍ଷ ଦେବତା
ରଖ ପରିବେଶ ନିର୍ମଳ
ଅମ୍ଳଜାନ, ଛାଇ, କାଠ ଓ ଜାଳେଣି
ଦିଅ ତୁମେ ଫୁଲ ଫଳ ।

ତାପ ନିୟନ୍ତ୍ରଣେ ବିନିଯୋଗ ହୋଇ
ବରଷା କରାଅ ତୁମେ
ତୁମ ଉପକାରେ ଉପକୃତ ହୋଇ
ବଞ୍ଚି ରହିଅଛୁ ଆମେ ।

ଅଙ୍ଗାରକାମ୍ଳ ନେଇ ନିଃଶ୍ୱାସରେ ତୁମେ
ଅମ୍ଳଜାନ ଦିଅ ଆମକୁ
ମୃତ୍ତିକାକୁ ସଂରକ୍ଷଣ କରି ତୁମେ
ଭରସା ହୁଅ ଚାଷୀକୁ ।

ଆସ ସମସ୍ତେ ଏକାଠି ହେବା
ବୃକ୍ଷ ଦେବତାଙ୍କ ସେବା କରିବା
ଗୋଟିଏ ଗୋଟିଏ ଗଛ ଲଗାଇ
ସୁନାପିଲା ହୋଇ ନାଁ କରିବା ।

+ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବ୍ୟାସବିହାର,ବାଲେଶ୍ୱର
ମୋ : ୯୯୩୭୮୨୦୮୩୧

## ସତ୍ୟ

**ପ୍ରସନ୍ନ କୁମାର ଦାସ**



ସତ୍ୟ ଜୀବନର ସହଜାତ ଧର୍ମ
ସଂସାର ଆଗମ ନିଗମର ଧାମ।
ଜଗତରେ ମାୟା କାୟା ବିସ୍ତାରିତ
ଜଗତ ମହତ ପଞ୍ଚଭୂତ ତତ୍ୱ ।

କ୍ଷିତି ଜଳ ଅଗ୍ନି ଗଗନ ସମୀର
ସର୍ଜନ କରଇ ପ୍ରାଣୀର ଶରୀର ।
ପଞ୍ଚତତ୍ୱ ସ୍ଥୁଳ ଭୁତ ଏ'ଶରୀର
ସୂକ୍ଷ୍ମ ଶକ୍ତି ପ୍ରାଣ ନାହିଁ ଯା'ଆକାର ।

ପ୍ରାଣଶକ୍ତି ଦେହେ ହୋଇ ସଞ୍ଚାରଣ
ଗଢେ ସହଚର ଇନ୍ଦ୍ରି ବୁଦ୍ଧି ମନ ।
ଇନ୍ଦ୍ରିୟ ପୋଷଣେ ମନ ଅନୁରକ୍ତ
ପ୍ରାଣୀ କର୍ମ କରେ ମନ ଅନୁଗତ ।

ନିତ୍ୟ ବିକୃତି ଏ'ଜଗତର ଧର୍ମ
ବିକୃତିର ଗତି କାଳର ପ୍ରମାଣ ।
କାଳ କବଳିତ ଜନମ ମରଣ
ମାନବ ବୁଝଇ ଜନ୍ମ ମୃତ୍ୟୁ ମାନ ।

ମନ ବୋଧ ଶକ୍ତି ସାଧନାରେ ଜ୍ଞାନ
ଜ୍ଞାନ କରେ ସଦା ସତ୍ୟ ସଂସାଧନ ।

ସତ୍ୟ ଅବିନାଶୀ ସିଦ୍ଧାନ୍ତର ଜ୍ଞାନ
ସତ୍ୟନିଷ୍ଠ ପ୍ରାଣ ଦେବତା ସମାନ ।

ତ୍ରିଗୁଣ ମଧ୍ୟରେ ସତ୍ୟ ସର୍ବସାର
ମନ କର୍ମ ବାକ୍ୟେ ସରବେ ଆଦର ।
ବଡ ଭାଗ୍ୟବାନ ଜଗତରେ ସେହି
ସତ୍ୟତୃଷ୍ଣା ଯା'ର ହୃଦୟେ ଜାଗଇ।

ସତ୍ୟ ହିଁ ଈଶ୍ୱର ସତ୍ୟ ହିଁ ସୁନ୍ଦର
ସତ୍ୟ ତପ ନିଷ୍ଠା ମଙ୍ଗଳର ମୂଳ ।
ନିତ୍ୟବୃତ୍ତି କର୍ମେ ମାନବ ପ୍ରବୃତ୍ତ
କରଇ ସଂସାର ଜଞ୍ଜାଳ ନିବୃତ୍ତ ।

ସତ୍ୟ ବ୍ରହ୍ମଚର୍ଯ୍ୟ ଅହିଂସା ଅସ୍ତେୟ
ଅପରିଗ୍ରହ ଏ'ବର୍ତ୍ତି ପରିଚୟ ।
ଜ୍ଞାନ ବଳେ କରି ବୃତ୍ତି ଆଚରଣ
ସାର୍ଥକ କରିବା ମାନବ ଜୀବନ ।

ମୋ: ୯୮୧୦୧୫୩୬୨୨
ନୂଆଦିଲ୍ଲୀ -୩୦

## ଛବି ବହି

**ଭାଗୀରଥି ସାଗର**

ରଙ୍ଗ ବେରଙ୍ଗେ ସଜେଇ ହେଇଛି
ମୋ ଟିକି ଛବି ବହି
ବେଲୁନ ପ୍ରଜାପତି ଇନ୍ଦ୍ରଧନୁ
ସାଥେ ମନ ନିଏ ମୋହି।
ବଡ଼ ବଡ଼ ଅକ୍ଷର ରଙ୍ଗ ଚିତ୍ର
ସହଜେ ହୁଅଇ ଚିହ୍ନି
ମୋଟା କାଗଜେ ନିର୍ମଳ ଅଙ୍କରେ
ସରଳେ ହୁଅଇ ଗଣି।
କାଳି ଅକ୍ଷର ଅତି ଚମତ୍କାର
ନାନା କଥା ମୋତେ କହେ
ଏ ବହି ମୋ ମିତ ପଥପ୍ରଦର୍ଶକ
ଜାତୀୟ ସଙ୍ଗୀତ ଗାଏ।
କାହାଣୀ କବିତା ଦିଅଇ ବାର୍ତ୍ତା
ସନ୍ଦେଶର ଏତ ସ୍ରୋତ।
ପାଉଛି ମୋର ବହି ପାଇଁ ଜ୍ଞାନ
ବଢ଼ଇ ମୋର ମହତ।
ଆଦର ହରଷ ଖୁସି ଉଲ୍ଲାସ
ଏଇତ ଚନ୍ଦନ ବଣ।
ଦେଶେ ଯାଏଁ କି ବିଦେଶ ପ୍ରାନ୍ତରେ
ବାପା ବୋଉଙ୍କ ସାଥିରେ
ଛବି ଦେଖି ଶିଖେ ମୁଁ କଥା ବାର୍ତ୍ତା
ବହି ରହେ ସଦା ପାଖରେ।

ଡ଼ାଳଗୁମା, କୋକସରା, କଳାହାଣ୍ଡି
ମୋ -୯୩୩୭୬୨୪୮୯୯

କବିତାମାଳା

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ମଙ୍ଗଳବାର, ଅଗଷ୍ଟ ୨୩, ୨୦୨୨


## ପ୍ରେମାନନ୍ଦ ଖଣ୍ଡୁଆଳ : ବିନ୍ଦୁଏ ବ୍ରହ୍ମାଣ୍ଡରୁ ଅଖିଳ ଯାଏଁ

### ବୃନ୍ଦାବନ ଦାସ



କବିର ଡାକରେ କି କିମିଆ ଥାଏ ଯେ ବୃନ୍ଦାବନ
ଓଳାଶୁଣୀ ପାହାଡ ଚୂଡାରୁ
ନିର୍ବିକଳ୍ପ ସମାଧି ଛାଡି ଦୌଡେ ସମୟ ଯାନରେ
ସିଧା ଛତା ଛକସ୍ଥ ଲସି ପାରଲର
ପୁଣି ତିନିମୁହାଁଣି ରାମମନ୍ଦିର ସାମ୍ନା
ଚଉତରାକୁ
ନିର୍ଧୂମ୍ ଖରାରେ କବିସହ ସେଲଫି ନେବାକୁ ।

ଶବ୍ଦପ୍ରେମରେ ଆଉଟୁପାଉଟୁ
କବି ପ୍ରେମାନନ୍ଦର ଶବ୍ଦର ଯାଦୁ
ବୃନ୍ଦାବନ ଭିତରୁ
ଅସଂଖ୍ୟ ମଣିଷର ଆତ୍ମାଙ୍କୁ ଟାଣେ
ନିଦରୁ ଉଠାଏ ।

ଗୋଟେ ସମୟର ଅନେକାଂଶ
ତା' ସମ୍ପର୍କ ଡୋରିରେ
ବନ୍ଧା ପଡିଯାଆନ୍ତି ନିବିଡ ଆହ୍ଲାଦରେ ।

କବି ପ୍ରେମାନନ୍ଦ ଛାତିର କଲିଜା ଛିଣ୍ଡି ପଡୁଥାଏ
ଜଗାଦାସର ଦୀର୍ଘଶ୍ୱାସରେ,
କ୍ରମଶଃ ସମୁଦ୍ର ଆଁ' ରେ
ନିଃଶେଷ ହୋଇ ଯାଉଥିବା
ସାତଭାୟା ଦେହର ହାତ ଗୋଡ ପିଠି ପରି ।

ସାତଭାୟା ଖାଲି ଜାଗାଟିଏ ନୁହେଁ
ହଜି ଯାଉଥିବା ସୌଭାଗ୍ୟର ଭିନ୍ନ ନାଁ' ଟିଏ
ହୃତ ଅତୀତର ସ୍ୱର୍ଣ୍ଣାଭ ଇତିହାସଟିଏ ।

ଅତଡାରୁ
ଧସି ପଡୁଥିବା ପଳପଳ ମାଟି ବାଲିରେ ହିଁ
ଜଗାଦାସର ଭିଟାମାଟି ନିଶ୍ଚିହ୍ନ ହେଉଥାଏ
ସମୁଦ୍ର ହାକୁଟିରୁ ଛିଟିକି ଆସୁଥିବା ଗୁରୁ ଗର୍ଜନରୁ
ଜଗାଦାସର କୋହକୁ ଚିତ୍ରରୂପ ଦେଉଥାଏ
କବି ପ୍ରେମାନନ୍ଦ
ହରିତ୍ ହେନ୍ତାଳ ପତ୍ରର ଶିରା ପ୍ରଶିରାରେ ।

କବି ପ୍ରେମାନନ୍ଦର ବି ଅଭାବ ଥାଏ
ଦୁଃଖ ଥାଏ କଷଣ ଥାଏ
କେଉଁ ଉପାଦାନରେ ସେ ଗଢା କେଜାଣି
ଲୁହକୁ ଛପେଇ
ଫୁଟା ଚାଳଘରୁ ଜହ୍ନର ଦୃଶ୍ୟରେ ବିଭୋର ହୁଏ
ସହସ୍ର ମୁହଁରୁ
ନିଖୋଜ ସୂର୍ଯ୍ୟର ଠିକଣା ଖୋଜେ ।

ନିଜ ନାମକରଣର ସାର୍ଥକତାରେ ହିଁ
ମସଗୁଲ୍ ପ୍ରେମାନନ୍ଦ
କେତେ ସନ୍ତାପର ଲୁହ ବିନ୍ଦୁରେ ଜକ୍ ଜକ୍
କରୁଥାଏ
ସମୟ ସହ ବେସାଲିସ୍ ସନ୍ଧିରେ
ବେଳାବାଉଳା ସେ
ହଜୁଥାଏ ବିନ୍ଦୁଏ ବ୍ରହ୍ମାଣ୍ଡରୁ ଅଖିଳ ଦର୍ଶନ ଯାଏଁ।

ଆଉ, ବୃନ୍ଦାବନ...
ବାରମ୍ବାର ତା' ସମାଧି ଭାଙ୍ଗି ଦୌଡୁଥାଏ
କବିର ଅନ୍ତରଙ୍ଗ ଡାକରେ ।

♥ ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା -୭୫୪୨୮୯
ମୋ - ୯୭୭୭୮୪୩୦୩୧

## ଫେରିବାଲା

### ଶରତ କୁମାର ଦାସ



ଟଳମଳ ପାଦରେ ସେ ଢେର୍ ଚାଲିଛି ଏକା ଏକା
ଢେର୍ ସାରା ଚିହ୍ନିଛି ସେ ବିଲବାଟ, ଗାଁ ହାଟ,
ନଈ, ବଣ, ଗହୀରା ପାଟ ।

ଝଡକୁ ଫୁଁ' କରି ଉଡେଇଦେଇଛି
ମେଘାସନରେ ମେଘକୁ ଭେଟିଛି ସେ ଅନେକେ ଥର
ଝଡିପୋକର ପର ଗଣିଛି କୋଉ ପାଉଁଶିଆ ସଂଜରେ।

ସକାଳକୁ ପରଖିଛି ସେ, ରାତିକୁ ଆପଣେଇଛି
ତାରାଭର୍ତ୍ତି ଆକାଶକୁ ନିରେଖିଛି
ଜହ୍ନକୁ ପଚାରିଛି ଅସରନ୍ତି ପ୍ରଶ୍ନ ।

ଚିରାକନାକୁ ଭିଡିଛି ମୁଣ୍ଡରେ ଶିରିପା କରି
ଖରାପିଠିଆ ହେଇ ଧାଇଁଛି ଅନେକ ଥର
ପରମାଣୁ ବୋମା ଭଳି
ଅସରନ୍ତି ଦୁଃଖ ଭର୍ତ୍ତି ପସରାକୁ କାନ୍ଧରେ କାନ୍ଧେଇ
ହେଲେ ମାଗିନି କିଛି ଈଶ୍ୱରଙ୍କୁ ମନଖୋଲି ।

ନା ତାକୁ ଶୁଭିଛି କେବେ ଯୁଦ୍ଧର ତୂର୍ଯ୍ୟନାଦ
ନା ସେ ବାରିପାରିଛି ସୀମାନ୍ତରେ ଗୁଳିଗୋଳା ବାରୁଦର ଗନ୍ଧ
ନା ଦେଖିଛି ସେ ହିଂସା କି ରକ୍ତପାତର ଲେଲିହାନ ଦୃଶ୍ୟ ।

ସେ କେବଳ ନିଜ ସାଥେ ନିଜେ ହିଁ ଯୁଝିଛି
ନିଜ ଗୀତ ନିଜେ ହିଁ ଶୁଣିଛି
ଆଉ ନିଜ ଛବି ନିଜେ ଆଙ୍କି ନିଜେ ପୋଛିଦେଇଛି
ଅବଶିଷ୍ଟ ଜୀବନକୁ ଜିଇଁବାରେ ଅଣ୍ଟାଭିଡିଛି ।

ଅନୁଭବ କରିଛି ସେ ଶୁଖିଲା ନଈର ପେଟ
ପୁଣି ଉଛୁଳା ସମୁଦ୍ରର ଉତ୍ତାଳ ଉର୍ମିର ନୃତ୍ୟ
ମାତ୍ର ଅନୁଭବ କରିନି
ପାର୍ଥକ୍ୟ ସେମାନଙ୍କ ଭିତରେ କିଛି।

କେଉଁ ଏକ ନୀରବ ଅନ୍ୟମନସ୍କତାରେ
ଚାହିଁରହିଛି ଘଣ୍ଟା ଘଣ୍ଟା ପତ୍ର ଝଡା ଥୁଣ୍ଟା ଗଛର
ଝାଉଁଳିପଡିଥିବା ଶୁଖିଲା ଡାଳଗୁଡିକୁ,
କେତେବେଳେ ଲୁହଗଡାଇଛି ତ
ଆଉ କେତେବେଳେ ହସିଛି ଖିଲି ଖିଲି ।

ନା ସେ ଖୋଜିଛି ନିର୍ବାଣ, ନା ସେ ଚାହିଁଛି ବନ୍ଧନ
ନା ଶିଖିଛି ସେ ବିଶ୍ୱାସ-ଅବିଶ୍ୱାସର ମିଛିମିଛିକା କଣ୍ଢେଇ ନାଚ
ନିଃଶ୍ୱାସର ତାଳେ ତାଳେ ମାପିଛି ସେ
ଆୟୁଷର ଦୀର୍ଘ ରେଖା।

ତା' କାନରେ ବାଜିନି କେବେ ବି
ଡାକବାଜି ଯନ୍ତ୍ରର କଣ୍ଠଫଟା ଚିତ୍କାର ତଳେ
କ୍ଷମତା ପାଇଁ ରଣ ହୁଙ୍କାର,
ନା ଅଛି ଲୋଭ ନା ମୋହ
ନା ତାକୁ ଚିହ୍ନେ କିଏ, ନା ସେ ଅନ୍ୟ କାହାକୁ ।

ନାଲି କଙ୍କଡାର ଜୀବନ ତଳେ ସ୍ପଷ୍ଟ
ବାରିହୋଇପଡେ ତା' ଦୟନୀୟ କାନ୍ଦୁରା ମୁହଁ
ଓ ଏ ସଭ୍ୟ ସମାଜର ଧୂସର ଓ ଅସ୍ପଷ୍ଟ ମାନଚିତ୍ର ।

♥ ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ସ୍ୱାଧୀନତାର ଏ ହୀରକ ଜୟନ୍ତୀ ଦ୍ୱାରେ...

### ଅଭିରାମ ସାହୁ



ସ୍ୱାଧୀନ ହେବାର ସପ୍ତ ଦଶକ ପରେ
ଏବେ ବି ଜଳୁଛି ଲିଭିନି ସେ ନିଆଁ
ଚୀନ୍ - ପାକ୍ ସୀମାନ୍ତରେ !

ହିଂସା ପଥ ତ ତେଜି ଗାନ୍ଧିଜୀ
ଆଣିଥିଲେ ସ୍ୱାଧୀନତା
ଭାବିଥିଲେ ଏବେ ଭାରତ ଭୂଖଣ୍ଡେ
ବିରାଜିବ ଅଖଣ୍ଡତା
ସ୍ୱରାଜ୍ୟ ଆସିବ ରାମରାଜ୍ୟର
ସ୍ୱପ୍ନ ସଫଳ ହେବ
ଶାସନର ନୂଆ ପ୍ରଗତି ଆଲୋକେ
ଅନ୍ଧାର ଦୂର ହେବ !
ହେଲେ ସାତଟି ଦଶକ ପରେ
ଅନ୍ଧାର ଯେ ଆମ ଜାତୀୟ ସଂପଦ
ଭୁଲ୍ କ'ଣ କହିବାରେ ?

ଅତ୍ୟାଚାରୀ ଏ ହିଂସ୍ର କପଟୀ
ବିଦେଶୀ ବଣିକଜାତି
ଫେରିଗଲେ, ହେଲେ ହିଂସାର ବୀଜ
ଛଳନାରେ ଦେଲେ ପୋତି
ସ୍ୱାଧୀନତା ନାମେ ଦୁଇଭାଗ ହେଲା
ଭାରତର ଅଖଣ୍ଡତା
ପାକିସ୍ତାନରେ ଚାଲିଲା ହିନ୍ଦୁ
ପୋଡାଜଳା ହଣାକଟା !
ହେଲେ ସାତଟି ଦଶକ ପରେ

ଅହିଂସା ମାଟିରେ ହିଂସାର ବଣ-
ବିଛୁଆତି ମାଡିଚାଲେ !

ସ୍ୱାଧୀନତା ଆଜି ଲାଗେ ପାଣିଚିଆ
ମାଗିଲା ତିଅଣଖିଆ
ଏ ଗାଲେ ଚାପୁଡା ଖାଇ ଆରଗାଲ
ଦେଖାଉଥିଲି ମୁଁ କିଆଁ
ହିଂସାର ଯଦି ହିଂସା ଉତ୍ତର
ଦେଇଥାନ୍ତା ଭାରତୀୟ
ରକ୍ତ-ନିଗିଡା ସ୍ୱାଧୀନତା ଆଜି
ଝରାଉ ନଥାନ୍ତା ଲୁହ !
ମାତ୍ର ସାତଟି ଦଶକ ପରେ
ଏତେ ତୀକ୍ଷ୍ଣ ଏ ଅହିଂସା ଅସ୍ତ୍ର
ହଜିଗଲା କେଉଁଆଡେ ?

ଅହିଂସା ଅସ୍ତ୍ରେ ସ୍ୱାଧୀନତା ସିନା
ଇତିହାସେ ହେଲା ଲେଖା
ଲାଗୁଛି ଯେମିତି ହାତଟେକା କାହା
ଦୟାର ଦାରୁଣ ଧକ୍କା
ସ୍ୱାଧୀନତା ଯଦି ନୁହେଁ ଭାରତର
ହକ୍ ଆଉ ଅଧିକାର
ହାତପାତି ଆତ୍ମ-ସମ୍ମାନ କ'ଣ
ମାଗେ କିଏ ଘର ଘର ?
ମାତ୍ର ସାତଟି ଦଶକ ପରେ

ଅଖଣ୍ଡ ଭାରତ ମାଟିରୁ କାହିଁକି
ଖଣ୍ଡିଏ ଖଣ୍ଡିଏ ଛିଡେ ?

ସନ୍ତ୍ରାସ ଆଉ ଆତଙ୍କରାଜ୍‌ରେ
ଚାଲିଛି ଯୁଦ୍ଧର ଖେଳ
ବାରମ୍ବାର ତଡା ଖାଇଲେ ବି ପାକ୍
ତଥାପି ଛାଡୁନି ତୋଡ
କୋରୋନା-ଜିନ୍ ଚୀନ୍ ଯୁଦ୍ଧର
ଲୋଭରେ ଚାଟୁଛି ଜିଭ
ହିନ୍ଦୁ-ଜାତୀୟତା ଏଥର ତା' ଗାଲେ
ଶକ୍ତ ଜବାବ୍ ଦେବ .
ଏବେ -
ଦେଖିବାକୁ ଅଛି ବାକି ସ୍ୱାଧୀନତା
ହୀରକ ଜୟନ୍ତୀ ଦ୍ୱାରେ
ନୂଆ ସଂଜ୍ଞାର ସ୍ୱାଧୀନତା ବମ୍
ଭାରତ କେମିତି ଭିଡେ !
ଭାରତ କେମିତି ଭିଡେ !!

♥ ରାଜନଗର, କେନ୍ଦ୍ରାପଡା
ମୋ - ୯୭୭୮୦୨୫୫୮୭

## ଚରିତ୍ର

### ସତ୍ୟବ୍ରତ ମହାପାତ୍ର



ଚରିତ୍ର ଅଟଇ ମାନବ ଜୀବନେ
ଆଦର୍ଶର ମାପଦଣ୍ଡ,
ଜୀବନ ଅସାର ଚରିତ୍ର ବିହୀନେ
କଳଙ୍କେ ନୁହଇ ମୁଣ୍ଡ ।
ଚରିତ୍ରେ ନ ଲାଗୁ କଳଙ୍କ ର ଛିଟା
ନ ଲାଗୁ କଳଙ୍କ ଚିହ୍ନ,
ଗର୍ବ ଅହଂକାର ସ୍ୱାର୍ଥକୁ ନାଶିଲେ
ଏ ଧରାଧାମରେ ହେବ ମହାନ ।
ମାନବ ଜନମ ଅସଫଳ ହେବ
ଉତ୍ତମ ଚରିତ୍ର ବିନା,
ବୃଥା ସେ ଜୀବନ ନରକ ସମାନ
ନ ଥିଲେ ତାର ସେବା ଭାବନା ।
ମାନବ ସେବା ହିଁ ମାଧବ ଙ୍କ ସେବା
ଯେ ଜନ କରେ ପାଳନ,
ତିନିପୁର ଯାଏ ଯଶ ବୀଣା ବାଜେ
ସଦାକାଳେ ମିଳେ ଉଚ୍ଚ ଆସନ ।
ରୂପ ଯୌବନ ସୌନ୍ଦର୍ଯ୍ୟ କୁ ଛାଡ଼ି
ଚରିତ୍ର ଗଠନେ ଦିଅ ପ୍ରାଧାନ୍ୟ,
ମରଣ ପରେ ବି ଅମର ହୋଇବ
ଏହି ବାକ୍ୟ ଅଟେ ଦିବ୍ୟ ଚେତନ ।
ସତ୍ୟ ଶାନ୍ତି ଦୟା କ୍ଷମା ଆଚରଣ
ଉତ୍ତମ ଚରିତ୍ର ପାଇଁ,
ଚରିତ୍ର ଅଟଇ ସର୍ବ ଗୁଣେ ସାର
ଅନ୍ତେ ପରମାନନ୍ଦ ପାଇ ।
ମିଥ୍ୟା କଥା ଛାଡ଼ ଚିତ୍ତ କର ଦୃଢ଼
ଚରିତ୍ର କୁ ଦେଇ ଉଚ୍ଚ ଆସନ,
କାମ କ୍ରୋଧ ଲୋଭ କରିଣ ଛେଦନ
ଆଦର୍ଶ ଜୀବନ କର ପାଳନ ।

♥ କୁରୁଡ଼ା, ସୋର, ବାଲେଶ୍ୱର
ମୋ.ନଂ-୭୭୮୯୮୮୫୬୭୬

## ଭୋଦୁଅ ଆସିଲା

### ଦୀପକ କୁମାର ମିଶ୍ର



ଶରତ ଆସନ୍ନ ଭୋଦୁଅ ପଶିଲା
ନୀଳ ଆକାଶେ ଭାସେ ବଉଦ
ମେଲାଣି ନେଇନି ବରଷାରାଣୀ
ଆହୂତ ହେଇନି ସମ୍ପୂର୍ଣ୍ଣ ଶୀତ ।

ପୁଷ୍କରିଣୀ ଜଳ ନିର୍ମଳ ଦିଶୁଛି
ନୀଳ କଇଁ କଢି ହସେ କୁରୁଳି
ଗାଁ ତୁଠେ ଝିଅ ହଳଦୀ ମାଖନ୍ତି
ଶୁଭେ ଖୁଦୁରକୁଣିର ହୁଳହୁଳି ।

ତ'ପୋଇ ବନ୍ଦନା ଲଳନା କରୁଛି
ଖୁସି ହସରେ ଗାଁ ଦାଣ୍ଡ ଭରପୁର
ଗଜାନନଙ୍କର ହେବ ଆରାଧନା
ଅଗ୍ର ଠାକୁର ସେ ଯେ ମର୍ତ୍ତ୍ୟର ।

ଭାଦ୍ରବ ବିଛାଏ ଫୁଲର ଗାଲିଚା
ମାଆ ଦୁର୍ଗେ ହେବେ ଆଗମନ
ଅଶିଣ ଆସୁଛି ଫୁଟୁଛି ମନ୍ଦାର
ପାପୀ ଦୁରାଚାରୀ ହେବେ ଦମନ ।

ଭେଦିକି ଥିବେ ଯେତେ ବୃକ୍ଷ ପତ୍ର
ସବୁ ଝଡ଼ାଦେବେ ଆସ୍ତେ ଆସ୍ତେ
ପୃଥିବୀ ଦିଶିବ ନାରଙ୍ଗୀ ନାରଙ୍ଗୀ
ସୁରୁଯର ଆଞ୍ଚ ନଇଁନଇଁ ଆସେ ?

ଭୋଦୁଅ ଫୁଟାଏ ନିର୍ମଳ ହୃଦୟ
ଧରା ଧାରାଶିରାରୁ ପାଇବ ମୁକ୍ତି
ଓଦା କେଶକୁ ମା' ଶୁଖାଏ ଅଳସେ
ଯାଇଛି ବର୍ଷାର ଦମ୍ଭ ଯେ ଖସି ।

♥ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଶୋଷ

### ପ୍ରଭାତ କୁମାର ଆଚାର୍ଯ୍ୟ



ଅଗାଧ ଜଳର ସ୍ୱାମୀ
ଅଥଚ ବିନ୍ଦୁଏ ଜଳ ପାଇଁ ଶୋଷିଲା ସାଗର।
ଲକ୍ଷ ଲକ୍ଷ ତଟିନୀଙ୍କ
ମଧୁର ଜଳକୁ ନିଜ ଆଁ ଭିତରେ ନିକ୍ଷେପି
ତଥାପି ମେଣ୍ଟୁନି ତା ଶୋଷ।
ସେଦିନ ଦେଖିଥିଲି ଶୋଷ
ଦୁର୍ଯ୍ୟୋଧନର ଅହମିକାରେ
ପାଞ୍ଚାଳୀର ମୁକ୍ତ କେଶରେ
ଆଉ ଶ୍ରୀ କୃଷ୍ଣଙ୍କର ପାପୀ ବିନାଶରେ।
ଆଜି ବି ଦେଖୁଚି
ଶ୍ମଶାନର ଶୋଷ ଜୁଇ ଜାଳିବାକୁ
ହେଉଛି ଉଦ୍ଗ୍ରୀବ
ଶୂନ୍ୟ ମଣିଷ କରିବାକୁ ଧରା
ସତେ ଅବା କରିଅଛି ପଣ।
ଶୋଷର ଜ୍ୱଳନ୍ତ ନିଆଁରେ ଆଉଟୁ ପାଉଟୁ
ଧନୀ, ଗରିବ, ରାଜନେତା,
ମନ୍ତ୍ରୀ, ଯନ୍ତ୍ରୀ ଅଫିସର,ସାଧାରଣ ଜନତା
ଭୋକ ସହି ହୋଇ ଯାଏ ମାତ୍ର
ଶୋଷ ତ ସୀମାର ବାହାରେ।
କ୍ଷମତାର ଶୋଷ
ମମତାର ଶୋଷ, ପ୍ରେମର ଶୋଷ
ବଡ଼ ହେବାର ଶୋଷ, ହିଂସାର ଶୋଷ
ଭୋକର ଶୋଷ
ମେଣ୍ଟିବକି ସତେ !
ପ୍ରେମ,ସମ୍ପ୍ରିତୀ, ଭଲପାଇବାର
ବଂଶୀନାଦରେ ?
ତେବେ ଚାହିଁ--
ଏ ସୁନ୍ଦର ବେଳାଭୂମିର
ଉଦିତ ସୂର୍ଯ୍ୟଙ୍କୁ ଆଜି ସକାଳରେ।

♥ ସିଦ୍ଧେଶ୍ୱର କଲୋନୀ,
ଜାନୁଗଞ୍ଜ, ବାଲେଶ୍ୱର

## ନାହିଁ ଆମର ସେ ପୁରୁଣା ଗାଆଁ

### ରଘୁନାଥ ତ୍ରିପାଠୀ



ଦିନୁଦିନ ଏବେ ବଦଳି ଯାଉଛି
ଆମ ଏ ଛୋଟିଆ ଗାଆଁ
ଆମ୍ବ ତୋଟା କଟି ଲଣ୍ଡା ହୋଇଲାଣି
ସେ ଶ୍ୟାମଳ ପଲ୍ଲୀ ମାଆ ।
ହୁକେ ହୋ ଶବଦ କାନରେ ପଡୁନି
କିଆବୁଦା ହେଲା ପଦା
ରାସ୍ତା ହୋଇଲାଣି ସରସ ସୁନ୍ଦର
କାଦୁଅରେ ଥିଲା ସଦା ।
ଚାଷୀ ହାତେ ଆଉ ଲଙ୍ଗଳ ନାହିଁ ତ
କଳ ଲଙ୍ଗଳରେ ଚାଷ
ଅଧା ଜମି ପରା ପଡିଆ ପକାଇ
ଘରେ ବସି ମୋଡେ ନିଶ ।
ଅମଳ ଖଳାରେ ଦେଖା ଯେ ନାହାନ୍ତି
ଘରଚଟିଆ ଓ ବଣି
ଧୂଆଁ ଧୂଳିରେ ତ ମିଳେନା ଟିକିଏ
ନିରିମଳ ବାୟୁ ପାଣି ।
ଦିଶୁନାହିଁ ଏବେ ଆମରି ଗାଆଁରେ
ଚାଳ ଓ ଟାଇଲି ଘର
କଂକ୍ରିଟ ଜଙ୍ଗଲ ମାଡିମାଡ଼ି ଆସେ
କୋଠାଘରେ ଭରପୁର ।
ଭାଗବତ ଟୁଙ୍ଗି ଉଭେଇଗଲାଣି
ପଞ୍ଚାୟତ ଖାଲି ଥାଇ
ଡାକଘର ସିନା ଅଛିଟି ଗାଆଁରେ
ଡାକ୍ୱାଲା ଡାକୁନାହିଁ ।
ହାତଟଣା ରିକ୍ସା, ଶଗଡ଼ ଦିଶୁନି
ଦିଶୁନି ବଳଦ ଯୋଡି
ଗାଆଁର ଛକରେ ଖାଲି ରାଜନୀତି
ବିକାଶ ଆସୁଛି ମାଡି ।
ବିକାଶ ପାଇଁକି ଦୋକାନ ଖୋଲିଛି
ଦିନରାତି ଲାଗେ ଭିଡ
ଟୋକା ବୁଢାଙ୍କର ଚାଲିଥାଏ ସଦା
ଦେଶୀ କି ବିଦେଶୀ ମାଡ଼ ।
ସରକାରୀ ଦାନା ଭୋକ ମାରୁଅଛି
ଅଭାବ ନାହିଁ ଆମର
ଦେଢଶୁର ସଙ୍ଗେ ଭାଇବୋହୂ ଲଢେ
ଗଢିବାକୁ ସରକାର ।
କାର୍ତ୍ତିକ ମାସରେ ଯୋଗୀ ଆସୁନାହିଁ
ପଡ଼ିଗଲାଣି ତ ଶୀତ
ରଜ ଦୋଳି ଆଉ କୁଆଁରପୁନେଇଁ
ଶୁଭୁନି କେନ୍ଦରା ଗୀତ ।
ସବାରି ପାଲିଙ୍କି ଓଳିରେ ଝୁଲୁଛି
ଖୋଜୁନାହିଁ ତାକୁ କେହି
ବର ଯାଇ ଫେରେ କନିଆଁ ସାଥିରେ
ଚାରିଚକିଆଟେ ନେଇ ।
ଭାଇଚାରା ସାତ ସପନ ହେଲାଣି
ଅଶାନ୍ତି ବାନ୍ଧଇ ଦାନା
ସମସ୍ତେ ଚାଲନ୍ତି ମୋବାଇଲ ଧରି
ଘଣ୍ଟା ରେଡ଼ିଓ ବି ମନା ।
ଟିପିଲେ ଆଲୁଅ ପଙ୍ଖା ବି ବୁଲୁଛି
ମୋଡିଦେଲେ କଳ ପାଣି
ଗାଆଁ ବୋହୁ କୂଅ ପୋଖରୀ ଯାଉନି
ଘରପାଇଁ ନୀର ଆଣି ।
ନାହିଁ ଆମର ସେ ପୁରୁଣା ଗାଆଁଟି
ଆଗ ରଙ୍ଗ ରୂପ ନାହିଁ
କାଗଜ ପତରେ ଅଛି ତା ନାଆଁଟି
ସହର ସମାନ ହୋଇ ।

♥ ବାଲିସାହି, ମଧୁପାଟଣା, କଟକ
ମୋ:୮୭୬୩୩୪୩୨୬୩

## ଅଳସୀ ପ୍ରିୟା

### ସତ୍ୟଜିତ ସାହୁ



କେଉଁ ରାଇଜରୁ ଆସିଛୁ ଲୋ ପ୍ରିୟା
କେଉଁଠି ନଅର ତୋର
କେଉଁ ଉପାଦାନେ ଗଢା ତୁ ଲୋ ସାଥୀ
କିଏ ସେ ତୋ କାରିଗର ।
କେତେ ରୂପେ ତୁ ରୂପାୟିତ ପୁଣି
କେତେ ଗୁଣେ ଅଳଙ୍କୃତ
ମନରେ ତୋହର ପବିତ୍ର ଭାବନା
ପରକୁ କରୁଛି ମିତ ।
ଦେହର ସୁଗନ୍ଧେ ଭ୍ରମିତ ଏ ମନ
ମନ ହୁଏ ଯାଯାବର
ଆଖିର ଇସାରେ ଅଷ୍ଟାଙ୍ଗ ଶରୀରେ
ପ୍ରେମ ଗଢେ ନୂଆ ଘର ।
ଆଶାର ଆକାଶେ ପୂର୍ଣ୍ଣିମା ଚାନ୍ଦ ତୁ
ମନ ମନ୍ଦିରର ଦେବୀ
ହୃଦୟ କନ୍ଦରେ ସାଇତି ରଖି ମୁଁ
ନୂଆ ସ୍ୱପ୍ନ ସଜାଡ଼ିବି ।

♥ ଡିହଡୋଳ, ପରଜଙ୍ଗ

## ତୁମେ

### ବିଶ୍ୱଜିତ ପୁହାଣ



ସକାଳର ଶିତଳତାରେ ତୁମେ
ମଧ୍ୟାହ୍ନର ଉଷ୍ଣତାରେ ତୁମେ
ସନ୍ଧ୍ୟାର ସମୀରଣରେ ତୁମେ
ରାତ୍ରିର ନୀରବତାରେ ତୁମେ ।

ଇନ୍ଦ୍ରଧନୁର ବଳୟରେ ତୁମେ
ଫଗୁଣର ମଳୟରେ ତୁମେ
ସ୍ୱପ୍ନର ଆକଳନରେ ତୁମେ
ହୃଦୟର ସ୍ପନ୍ଦନରେ ତୁମେ ।

ପତ୍ରର ସବୁଜିମାରେ ତୁମେ
ଫୁଲର ମହକରେ ତୁମେ
ଫଳର ମଧୁରତାରେ ତୁମେ
ବୃକ୍ଷର ମାହାତ୍ମ୍ୟରେ ତୁମେ ।

କୋକିଳର କାକଳୀରେ ତୁମେ
ମଧୂପର ଗୁଞ୍ଜରଣ ତୁମେ
ଚନ୍ଦ୍ରମାର ଜ୍ୟୋତ୍ସ୍ନାରେ ତୁମେ
ତାରକାଙ୍କ ଚମକରେ ତୁମେ ।

ବାସ୍ ତୁମେ ହିଁ ତୁମେ
କେବଳ ହିଁ ତୁମେ
ନୟନରେ ତୁମେ,ଭାବନାରେ ତୁମେ
ପ୍ରତିଟି ମୁହର୍ତ୍ତରେ ବି ତୁମେ
ବାସ୍ ତୁମେ ହିଁ ତୁମେ ।

♥ ସ୍ନାତକୋତ୍ତର ଗ୍ରନ୍ଥାଗାର ବିଜ୍ଞାନ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ - ୮୦୧୮୪୩୫୩୬୪

## ଜୀବନ ଓ ସମୟ

### ପ୍ରଦୀପ କୁମାର ଆଚାର୍ଯ୍ୟ



ଜୀବନ ସମୟ, ଏ ଦୁଇ ଅଟନ୍ତି,
ଶ୍ରେଷ୍ଠ ଗୁରୁ ମାନବର,
ଦୁଇ ଗୁଢ ତତ୍ୱ, ନିହିତ ଏଥିରେ,
ବୁଝିବାକୁ ଚେଷ୍ଟା କର।
ଜୀବନ ଶିଖାଏ, ସମୟ କିପରି,
କରିବାକୁ ଉପଯୋଗ,
ସମୟ ବତାଏ, ଜୀବନର ମୂଲ୍ୟ,
ଭୋଗ ନୁହେଁ ଖାଲି ତ୍ୟାଗ।
ଜୀବଦ୍ଦଶା ମଧ୍ୟେ, ଯାହା କରୁଅଛେ,
ନିଜ ଭୋଗ ପାଇଁ ନୁହେଁ,
ଆଜି ଯାହା ମୋର, କାଲିକି କାହାର,
ଭଗବତ ଗୀତା କୁହେ।
ସାଙ୍ଗେ କିଛି ଆମେ, ଆଣିତ ନଥିଲେ,
କିଛି ମଧ୍ୟ ନେବା ନାହିଁ,
ଆସିଛେ ଲଙ୍ଗଳା, ଯିବା ଶୂନ୍ୟ ହସ୍ତେ,
ସବୁ ତ୍ୟାଗ କରିଦେଇ।
ତଥାପି ମାୟାକୁ, ପାରୁନାହେଁ ତେଜି,
ବିଚିତ୍ର ସ୍ରଷ୍ଟାଙ୍କ ସୃଷ୍ଟି,
ଘାଂଟି ହେଉଅଛେ, ସଂସାର ଜଞ୍ଜାଳେ,
ଚକ୍ଷୁରେ ପଡିଛି ପଟି।

♥ ଇଶାଣିବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

## ଲୁହ

### ରଶ୍ମୀବାଳା ଶତପଥୀ



ନିଶବ୍ଦ ନିରୋଳା ଜାଗାର ଅନୁସନ୍ଧାନରେ
ଯାଏ ଭ୍ରମି ଭ୍ରମି ଏଠି ସେଠି ବହୁ ଦୂରେ
ଯେଉଁଠି ନ ଥିବେ ଜଣେ କେହି,
ଲୁହକୁ କରିବାକୁ ପଡ଼ିବନି ଅପେକ୍ଷା
ଅନାୟସରେ ପାରିବ ବହି।

ଆଖି ଗଲାଣି ଥକି ଲୁହର ବୋଝ ଉଠାଇ
ହୃଦୟ ଗଲାଣି ଥକି କୋହକୁ ସମ୍ଭାଳି
କିଛି ବି ଦୃଶ୍ୟମାନ ହେଉନାହିଁ ସଫା,
ଆଉ ମିଛରେ ଲାଗିଯାଏ ସିନା
କଳଙ୍କର ପ୍ରତାରିତ ବିରହ ଦଫା।

ହୃଦୟର ଯନ୍ତ୍ରଣା ଯେବେ ହୁଏ ଅସମ୍ଭାଳ
ଆଖିରୁ ଅଜସ୍ର ଲୁହ ଯାଏ ବହି
ହେଲେ ପରିସ୍ଥିତି ଚାପରେ ହୁଏ କବଳିତ,
ହେଲେ ଏ ମନ ହୁଏ ବାର ବାର ଆନ୍ଦୋଳିତ
ଏଥିପାଇଁ ଅବା କାହାକୁ କରିବି ଦାୟୀ।

ବହିଯାରେ ଲୁହ ତୁ ଦେଖେନା ଆଉ
ସ୍ଥାନ କାଳ ପାତ୍ର କି
ହୋଇଯାଆନି ତୁ ପରିସ୍ଥିତିର ଦାସ
ସଭିଏଁ ପଛେ ତତେ କରନ୍ତୁ ଦାୟୀ,
ହେଲେ ମୁଁ ତତେ କେବେ ଦୋଷୀ ମାନିବି ନାହିଁ
ବହିଯାରେ ଲୁହ ବହିଯା
ଏ ଅମାନିଆ ହୃଦୟର କୋହ ଥମିଯା।

♥ ଯାଜପୁର ଟାଉନ୍, ଯାଜପୁର

## ପ୍ରେମ ପତ୍ର

### ସୁଧାଂଶୁ ଶେଖର ଦ୍ୱିବେଦୀ

ପ୍ରେମ ପତ୍ର !
ଡ଼ଷ୍ଟବିନରେ ପଡିଥିଲା।
ବଡ଼ ବିଚିତ୍ର ଲାଗିଲା ମୋତେ
ଆକାଶକୁ ନିରେଖି ଚାହିଁଲି
କାହିଁ କୋଉଠି ତ ଫାଟ ପଡିନି !
ପ୍ରେମର ଏଭଳି ଦଶା ଦେଖି
ଆଖିରେ ଲୁହ ଛଳ ଛଳ ହେଉଥିଲା।

♥ ବିସି-୭୪,ସଲଟ ଲେକ, କଲକାତା-୬୪
ମୋ-୯୬୮୧୩୭୩୫୧୨

# ୨୭ ସୁଦ୍ଧା ଚାଷ କ୍ଷୟକ୍ଷତି ରିପୋର୍ଟ ଦାଖଲ କରିବାକୁ କୃଷି ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୨/୦୬ (ନି.ପ୍ର): ଏସଆରସିଙ୍କ ଦ୍ୱାରା ଜାରି ଏନ୍‌ଡିଆର୍‌ଏଫ୍/ଏସ୍‌ଡିଆର୍‌ଏଫ୍‌ର ମାର୍ଗଦର୍ଶିକା ଅନୁସାରେ ବନ୍ୟା ପ୍ରଭାବିତ ଅଂଚଳରେ ଫସଲ କ୍ଷୟକ୍ଷତିର ତୁରନ୍ତ ଆକଳନ ଆରମ୍ଭ କରି ଚଳିତ ମାସ ୨୭ ତାରିଖ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦାଖଲ କରିବା ପାଇଁ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବନ୍ୟାରେ ଖରିଫ୍ ଫସଲର ସ୍ଥିତି ଏବଂ ମତ୍ସ୍ୟ ଓ ପ୍ରାଣୀଧନର ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ଓ ବିଭିନ୍ନ ଜିଲ୍ଲାରେ ବନ୍ୟା ସ୍ଥିତି ସମ୍ପର୍କରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ନିର୍ଦ୍ଦେଶ ଦେଇଥିବା ଜଣା ପଡିଛି । ତେବେ ଯେ ଉଁଠାରେ ବନ୍ୟାଜଳ ଛାଡ଼ି ନଥିବ ଏବଂ କ୍ଷୟକ୍ଷତିର ଆକଳନ ସମ୍ଭବ ହେଉନଥିବ, ସେ କ୍ଷେତ୍ରରେ ଚଳିତ ମାସ ୩୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ କ୍ଷତିଗ୍ରସ୍ତ ଉଠାଜଳସେଚନ ପଏଂଟ୍‌ଗୁଡ଼ିକର ରିପୋର୍ଟ ମଧ୍ୟ ଦାଖଲ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଏହା ବାଦ ବନ୍ୟା ପ୍ରଭାବିତ ଅଂଚଳରେ ସଅଳ କିସମର ଧାନ ବିହନର ଆବଶ୍ୟକତା ଏବଂ ଅଣଧାନ ଫସଲ, ପନିପରିବା ବିହନର ଆବଶ୍ୟକତା ଆକଳନ କରି ସମ୍ପୃକ୍ତ ନିର୍ଦ୍ଦେଶାଳୟଗୁଡ଼ିକୁ ଜଣାଇବା ପାଇଁ କୁହାଯାଇଛି । ବନ୍ୟା ପରିସ୍ଥିତିରେ ଫସଲରେ ରୋଗପୋକ ଲାଗିବାର ଆଶଙ୍କା ଥିବାରୁ ରୋଗପୋକ ନିରୀକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଛି ।

## ମୃତ ଶ୍ରମିକଙ୍କ ଟଙ୍କା ପତ୍ନୀଙ୍କୁ ନଦେଇ ମା'ଙ୍କୁ ଦେବାର ଅଭିଯୋଗ

କେନ୍ଦ୍ରାପଡା,୨୨/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ କର୍ମଚାରୀ ମାନଙ୍କର ମନମୁଖୀ କାର୍ଯ୍ୟ ଯୋଗୁଁ ଦୈନିକ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇ ଆସୁଛି । ଏହିଭଳି ଏକ ଅଭିଯୋଗ ହୋଇଛି କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ପଂଚାୟତର ଗହଗା ନରସିଂହପୁର ଗ୍ରାମର ନିର୍ମାଣ ଶ୍ରମିକ ସୁବାଷ ଚନ୍ଦ୍ର ସାହୁଙ୍କ ମୃତକାଳୀନ ଟଙ୍କା ତାଙ୍କ ପତ୍ନୀ ବୈଶାଖୀ ସାହୁଙ୍କୁ ନଦେଇ ତାଙ୍କ ମାଙ୍କୁ ଦେଇଥିବା ର ବୈଶାଖୀ ସାହୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ସ୍ୱର୍ଗତ ସୁବାଷ ଜଣେ ନିର୍ମାଣ ଶ୍ରମିକ ଭାବେ ଶ୍ରମ କାର୍ଯ୍ୟାଳୟରେ ପରିଚୟ ପତ୍ର ପଞ୍ଜିକରଣ କରିଥିଲେ । ତାଙ୍କର ହଠାତ୍ ମୃତ୍ୟୁପରେ ତାଙ୍କର ମୃତକାଳୀନ ଟଙ୍କା ନିୟମ ମୁତାବକ ତାଙ୍କ ପତ୍ନୀ ବୈଶାଖୀ ନେବାର କଥା । କିନ୍ତୁ ଶ୍ରମ କାର୍ଯ୍ୟାଳୟରେ ଏହି ନିୟମକୁ ବେଖାତିର କରି ୨ଲକ୍ଷ ଟଙ୍କାକୁ ତାଙ୍କୁ ମାଙ୍କୁ ଦେଇଥିବାର ତାଙ୍କ ପତ୍ନୀ ବୈଶାଖୀ ଅଭିଯୋଗ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣାପଡିଛି ।

# ବନ୍ୟା ପ୍ରଭାବିତ ଅଂଚଳ ବୁଲି ଦେଖିଲେ ବାଲିଗୁଡା ବିଧାୟକ

କନ୍ଧମାଳ,୨୨/୦୬ (ନି.ପ୍ର): ବନ୍ୟାଂଚଳ ଗସ୍ତରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର । ଦୁର୍ଦ୍ଦିନ ସମୟରେ ଲୋକଙ୍କ ଅସୁବିଧା ଦୂର କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି ବିଧାୟକ ଶ୍ରୀ କହଁର । ଚାରି ଦିନ ଧରି ଅହରହ ବର୍ଷାରେ ଜିଲ୍ଲାର ପ୍ରାୟ ୩ ଶହରୁ ଉର୍ଦ୍ଧ ଗ୍ରାମକୁ ଯୋଗାଯୋଗ ବିଛିନ୍ନ ହୋଇଯାଇଛି । କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ବ୍ଲକର ପ୍ରାୟ ୭ଟି ପଂଚାୟତରେ ରାସ୍ତା କଟିଯିବାରୁ ଯୋଗଯୋଗ ବିଛିନ୍ନ ହୋଇଛି । କୁର୍ତମଗଡ ଠାରୁ ସିର୍ଲା ରୋଡ, ସରଧାପୁର ବ୍ରିଜ, ପାଡାମାହା ରାସ୍ତା, ଲଦରଗାଁ ଠାରୁ ଲଙ୍କାଗଡ଼ ରାସ୍ତା, ବେଲଘର ଠାରୁ ଗୁର୍ଲିମାସ୍କା ରାସ୍ତା ସମ୍ପୂର୍ଣ୍ଣ ରୂପେ ବର୍ଷା ଜଳରେ ଧୋଇ ହୋଇଯାଇଛି । ଯାହା ଫଳରେ ଅନେକ ଗ୍ରାମକୁ ଏବେ ସୁଦ୍ଧା ଯୋଗାଯୋଗ ବିଚ୍ଛିନ୍ନ ରହିଛି । ଏଭଳି ସମୟରେ ବାଲିଗୁଡା ବିଧାୟକ ଚକ୍ରମଣି କଂହର, ତୁମୁଡିବନ୍ଧ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ପହଂଚିଛନ୍ତି । ଘାଟି ପାହାଡ ରାସ୍ତାରେ ଅସୁବିଧାରେ ଥିବା ଗୋଟିଏ ଗୋଟିଏ ପରିବାରକୁ ଯାଇ ସେମାନଙ୍କ ସମସ୍ୟା ବୁଝୁଛନ୍ତି । ଯେଉଁ ସବୁ ଗ୍ରାମକୁ ଯୋଗାଯୋଗ ବିଛିନ୍ନ ହୋଇଛି ସେଠାରେ ନିଜେ ଉପସ୍ଥିତ ରହି ରାସ୍ତା ନିର୍ମାଣ କାର୍ଯ୍ୟ କରୁଛନ୍ତି । ବିଧାୟକଙ୍କ ଆଜିର ଏହି ଗସ୍ତରେ ବାଲିଗୁଡା ବିଧାୟକ ଚକ୍ରମଣି କଂହର, ତୁମୁଡିବନ୍ଧ ବିଜୁ ଜନତା ଦଳ ସଭାପତି ପ୍ରମୋଦ କୁମାର ସାହୁ, ପଚାଂୟତ ସମିତି ଅଧକ୍ଷ ବାସନ୍ତି ମାଝୀ, ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, ସମିତି ସଭ୍ୟା ସୁଭଦ୍ରା ବେହେରଦଳାଇ, ପଚାଂୟତ ସଭାପତି ଜିସାୟ ମଣ୍ଡଳ , ମୟନ୍ତି ପାଟମାଝୀ, ଅମୀୟ ପରାସେଠ, ବଙ୍ଗାଳି ବଡ଼ସେଠ, ଗଙ୍ଗା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

ପୁରୀ,୨୨/୦୬ (ନି.ପ୍ର): ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଂଚ ଓ ଶ୍ରୀକ୍ଷେତ୍ର ଓ୍ୱର୍କର୍ସ କ୍ଲବର ମିଳିତ ଆନୁକୁଲ୍ୟରେ ବାଘ ଆଖେଡା ମଠ ପରିସରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ମଂଚର ସଭାପତି ଡଃ. କାର୍ତ୍ତିକ କୁମାର ଦାସ ଏଥିରେ ଅଧକ୍ଷତା କରିଥିଲେ । ଉତ୍ସବରେ ମତ ପ୍ରକାଶ ପାଇଥଲା ଯେ, ସେତେବେଳେ ଯୌଥ ପରିବାର ଥିଲା ତାହା ଏବେ ଦେଖିବାକୁ ମିଳୁନାହିଁ । ସେତେବେଳେ ଜନସଂଖ୍ୟା କମ ଥିଲା ପିଲା ମାନେ ସଦାସର୍ବଦା ଗୁରୁଜନ, ପିତାମାତାଙ୍କୁ ସମ୍ମାନ ଜଣାଇବା ସହ ଶ୍ରଦ୍ଧା କରୁଥିଲେ । ତାହା ଆଜି କା ଦିନରେ ଲୋପ ପାଇଛି । ବର୍ତ୍ତମାନ ପିଲାମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଗସ୍ତ କରିବା ସହ ସେଠାରେ ନିଜର ଜୀବିକା ନିର୍ବାହ କରୁଛନ୍ତି । ଯେତେବେଳେ ନିଜ ମାଟିକୁ ଫେରୁଛନ୍ତି ସେତେବେଳେ ଆମ ପରମ୍ପରା ସଂସ୍କୃତି ସମ୍ପର୍କରେ ସେମାନେ ଅଜ୍ଞ ରହୁଛନ୍ତି । ବିଶେଷତଃ ବୃଦ୍ଧ ପିତାମାତାଙ୍କ ପ୍ରତି କର୍ତବ୍ୟ ଥିଲେ ମଧ ସେ ନିଜର ଜୀବନ ଓ ଜୀବିକାକୁ ଗୁରୁତ୍ୱ ଦେବା ସ୍ୱାଭାବିକ । ଏବେ ପରମ୍ପରାର ଅବକ୍ଷୟ ଘଟିଛି । ବରିଷ୍ଠ ନାଗରିକ ଓ ବୃଦ୍ଧ ପିତାମାତାଙ୍କୁ ଆବଶ୍ୟକୀୟ ସମ୍ମାନ ବା ସେବା ମିଳୁନାହିଁ । ଯାହା ବର୍ତ୍ତମାନ କ୍ଷୋଭର ବିଷୟ ।

ପ୍ରାରମ୍ଭରେ ମଂଚର ସମ୍ପାଦକ ଦେବେନ୍ଦ୍ର କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଏକ ଆଲୋଚନାଚକ୍ରରେ ଶ୍ରି କର୍ଣ୍ଣ ପ୍ରଧାନ, ବିଭୂତି ଭୂଷଣ କର, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ତ୍ରିବିକ୍ରମ ମିଶ୍ର, ଚିତରଂଜନ ମହାନ୍ତି, ଇଂ. କେଶବ ଚନ୍ଦ୍ର ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଗୋବିନ୍ଦ ପ୍ରସାଦ ମହାନ୍ତି, ଦେବରାଜ ପ୍ରଧାନ, ବଟକୃଷ୍ଣ ସ୍ୱାଇଁ, ସନ୍ତୋଷ କୁମାର ମହାନ୍ତି, ବିଜୟ ଚନ୍ଦ୍ର ପଣ୍ଡା ଓ ଶରତ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କରୁଛି 'ଅହିଂସା ରଥ' : ମିଳୁଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୨/୦୬ (ନି.ପ୍ର): ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ବାର୍ତ୍ତା ତଥା ଗାନ୍ଧିଜୀଙ୍କ ଅହିଂସା ଓ ଶକ୍ତି, ଜନସାଧରଣଙ୍କଠାରେ ଦେଶପ୍ରେମର ନିଦର୍ଶନ ସୃଷ୍ଟି କରବା ଉଦ୍ଦେଶ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଅହିଂସା ରଥ' ସମସ୍ତ ରାଜ୍ୟ ପରିକ୍ରମା କରିବା ପରିପ୍ରେକ୍ଷୀରେ ଆଜି ଅନୁଗୋଳ ଓ ନୟାଗଡ଼ର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ସୂଚନାଯୋଗ୍ୟ ଯେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦି କା ଅମୃତ ମହୋତ୍ସବ ଅବସରରେ ୧୫ ଅଗଷ୍ଟରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ସ୍ୱାଧୀନତାର ସ୍ମାରକୀ ବହନ କରୁଥିବା ୪ ଗୋଟି 'ଅହିଂସା ରଥ' ସାରା ରାଜ୍ୟରେ ପରିକ୍ରମା କରି ଆମ ରାଜ୍ୟର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନାଦର୍ଶର ବାର୍ତ୍ତା ପ୍ରଚାର କରିବ ।

ଏହି ଉପଲକ୍ଷେ ଆଜି ନୟାଗଡ଼ ଅତିକ୍ରମ କରୁଥିବା ଅହିଂସା ରଥକୁ ନୟାଗଡ଼ର ଜେମାଦେଇପୁର, ଲାଠିପଡ଼ା, ଇଟାଭାଟି, ବାଲୁଗାଁ, ନୁଆଗାଁ, ଭାପୁର, ଖଣ୍ଡପଡ଼ା, କଂଟିଲୋ, ଗଣିଆ ଏବଂ ଦଶପଲ୍ଲା ଆଦି ପ୍ରତ୍ୟେକ ସ୍ଥାନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ୍ ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସରପଂଚ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ନୟାଗଡ଼ର ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଏବଂ ସଂସ୍କୃତି ଅଧିକାରୀ କାର୍ଯ୍ୟସୂଚୀ ଅନୁଯାୟୀ ଅହିଂସା ରଥର ପରିକ୍ରମା କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳିତ କରିଥିଲେ । ପ୍ରତ୍ୟେକ ରହଣିସ୍ଥାନରେ ଭିଡ଼ିଓ ପ୍ରଦର୍ଶନ ଏବଂ ଦେଶପ୍ରେମ ସଂଗୀତ ଗାନ ଅପୂର୍ବ ଦେଶପ୍ରେମର ପରିବେଶ ସୃଷ୍ଟି କରିଥିଲା ।

ସେହିପରି ଅନୁଗୋଳର ହଣ୍ଡପା, ଦୁର୍ଗାପୁର, ଛେଣ୍ଡିପଦା, ପାଟପଡ଼ା, ପବିତ୍ରନଗର ଆଦି ସ୍ଥାନ ଅତିକ୍ରମ କରିବା ସମୟରେ 'ଅହିଂସା ରଥ'କୁ ସ୍ଥାନୀୟ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ, ସରପଂଚ, ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ, ବ୍ଲକ୍ ଅଧକ୍ଷ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ଦ୍ୱାରା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହିସବୁ ସ୍ଥାନରେ ଭିଡ଼ିଓ ମାଧ୍ୟମରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବା ସହ ସ୍କୁଲ ପିଲାମାନେ ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ ।

ଏହି 'ଅହିଂସା ରଥ'ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପ୍ରଚାରିତ ହୋଇଛି । ଗାନ୍ଧିଜୀଙ୍କ କ୍ଷମା, ଦୟା ଏବଂ ମାନବିକତାର ମୂଲ୍ୟବୋଧ ପ୍ରତି ପ୍ରତ୍ୟେକ ନାଗରିକର କର୍ତବ୍ୟ ରହିଥିବାବେଳେ ଅହିଂସା ମାଧମରେ ସାରା ଜଗତକୁ ବଶ କରାଯାଇପାରିବ ବୋଲି ସେ ତାଙ୍କ ବାର୍ତ୍ତାରେ କହିଛନ୍ତି ।

# କ୍ୟାପିଟାଲ ହସ୍ପିଟାଲରେ ବନ୍ୟାର ପ୍ରଭାବ : ରୋଗୀଙ୍କ ପ୍ରବଳ ଭିଡ଼



ଭୁବନେଶ୍ୱର,୨୨/୦୬ (ନି.ପ୍ର): କ୍ୟାପିଟାଲ ହସ୍ପିଟାଲରେ ବନ୍ୟାର ପ୍ରଭାବ ପଡିଛି । ହସ୍ପିଟାଲରେ ଚିକିତ୍ସା ପାଇଁ ରୋଗୀଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ପଞ୍ଜିକରଣ କେନ୍ଦ୍ରରେ ଟୋକେନ ସଂଗ୍ରହ ପାଇଁ ୩ ଘଣ୍ଟା ଧାଡ଼ିରେ ଛିଡା ହେବାକୁ ପଡୁଛି । ଡାକ୍ତରଙ୍କୁ ଦେଖାଇବା ପାଇଁ ବି ଲମ୍ବା ଧାଡ଼ି ଲାଗିଛି । ଏହାକୁ ନେଇ ରୋଗୀ ଓ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ।

ପ୍ରତିଦିନ ୮୦୦ରୁ ଅଧିକ ରୋଗୀଙ୍କ ପାଇଁ ବେଡ୍ ଆବଶ୍ୟକ ଥିବା ବେଳେ ମାତ୍ର ୫୬୩ଟି ବେଡ ରହିଛି । ରୋଗୀମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି । ସେପଟେ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ ପ୍ରତିକ୍ରିୟା ରଖି କହିଛନ୍ତି ବନ୍ୟା ମୁକାବିଲା ପାଇଁ କ୍ୟାପିଟାଲ ହସ୍ପିଟାଲ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି । ସେଭଳି ସ୍ଥିତି ନାହିଁ । ବେଡ୍ କମ୍ ରହିଛି । ଅଧିକ ବେଡ୍ ପାଇଁ ସରକାରଙ୍କୁ ଚିଠି ଲେଖି ଜଣାଯାଇଛି । ସରକାର ବେଡ୍ ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ କରିଛନ୍ତି ।

# କ୍ରମାଗତ ଅବହେଳା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ପ୍ରାଥମିକ ବି.ଏଡ୍. ଶିକ୍ଷକ ମହାସଂଘ

ଭୁବନେଶ୍ୱର,୨୨/୦୬ (ନି.ପ୍ର): ଓଡ଼ିଶା ପ୍ରାଥମିକ ବି.ଏଡ୍ ଟିଚର୍ସ ଫେଡେରେସନ୍ (ଓଇବିଟିଏଫ୍)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରସ୍ଥ ଇନ୍ଦିରାଗାନ୍ଧୀ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଅଜୟ କୁମାର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କର୍ମକର୍ତ୍ତା ଉପସ୍ଥିତ ଥିଲେ । ରାଜ୍ୟର ଶିକ୍ଷା ଅଧିକାର ଅଧିନିୟମ ୨୦୧୦ ଲାଗୁ ହେବାର ଦୀର୍ଘ ୧୨ବର୍ଷ ହୋଇଥିଲେ ମଧ ରାଜ୍ୟ ସରକାର ଏହାକୁ ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିନାହାନ୍ତି ଯାହାକି ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ପ୍ରଧାନ ଅନ୍ତରାୟ ସାଜିଛି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଟି.ଜି. ଶିକ୍ଷକଭାବେ ବି.ଏଡ୍ ଡିଗ୍ରୀଧାରୀ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ମାତ୍ର ଦୀର୍ଘ ୬ ବର୍ଷ ପରେ ମାଟ୍ରିକ ସି.ଟି. ବେତନ ପ୍ରଦାନ କରାଯାଉଅଛି ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଭାପତି ଅଜୟ କୁମାର ଧଳ ଅଭିଯୋଗ କରିଛନ୍ତି ।

ନୂତନ ଶିକ୍ଷାନୀତିକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷ୍ଟାଫିଂ ପାଟର୍ଣ୍ଣ (ଯୋଗ୍ୟ ଶିକ୍ଷକ ମଣ୍ଡଳୀ) ସୃଷ୍ଟି କରିବା ସହିତ ବିଜ୍ଞାପନ ଆଧାରରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଟିଜିଟି ଶିକ୍ଷକମାନଙ୍କୁ ମୂଳଦରମା ଟ.୯୩୦୦/- ଓ ଗ୍ରେଡ୍ ପେ ଟ.୪୨୦୦/- ପ୍ରଦାନ କରିବା ସହ ୬ ବର୍ଷର ଠିକା ଚାକିରୀର ଅବଧିକୁ ସମ୍ପୂର୍ଣ୍ଣ ଚାକିରୀ କାଳରେ ମିଶାଇବା ପାଇଁ ସଂଘର ମହାସଚିବ ଉମେଶ ଚନ୍ଦ୍ର ନାୟକ ଦାବି କରିଛନ୍ତି । ପୁରୁଣା ପେନ୍‌ସନ୍ ଲାଗୁ କରିବା ଓ ବଦଳି ନୀତିରେ ସରଳୀକରଣ ପାଇଁ ସଂଘର ସାଧାରଣ ସମ୍ପାଦକ ଶ୍ରୀ ଦେବେନ୍ଦ୍ର ନାୟକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଦୀର୍ଘଦିନର ଦାବି ଗୁଡ଼ିକ ତୁରନ୍ତ ପୂରଣ କରିବା ପାଇଁ ପଦକ୍ଷେପ ନେବାକୁ ଫେଡେରେସନର କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ଦାସ, ସଂଗଠନର ସମ୍ପାଦକ କ୍ଷୀରୋଦ କୁମାର ସ୍ୱାଇଁ, ଉପସଭାପତି ଲଲାଟେନ୍ଦୁ ମହଲ, ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ବାରିକ, ନିରଞ୍ଜନ ସାମଲ, କୋଷାଧକ୍ଷ ଅମୂଲ୍ୟ ଲେଙ୍କା, ଜିଲ୍ଲା ସଂଯୋଜକ ବସନ୍ତରାଜ ସାମଲ, ଗଙ୍ଗାଧର ସାହୁ, ନୀଳକଣ୍ଠ ସୁନା, ଶିଶିର ପାଢୀ, ଭବାନୀ ଶଙ୍କର ପ୍ରଧାନ, ପ୍ରଭାତ ନିହାଣ, ଅଶୋକ ସାହୁ, ବିଷ୍ଣୁ ବାନାର୍ଜୀ, ସୁନୀତା ନାୟକ, ପ୍ରଶାନ୍ତ ମହଲ, ସ୍ନେହରଂଜନ ମାଝି, ପ୍ରଶାନ୍ତ ବାରିକ, ଗୋଲକ ବିହାରୀ ନାୟକ, ଅମର ଜେନା, ରଂଜନ ରଣା, କାଳନ୍ଦି ଜେନା, ନିର୍ମଳ ନାୟକ, ରମଣୀ ରଂଜନ ନାୟକ, ଶରତ ମହାନ୍ତି, ସାଗରିକା ଦାସ, ଅମିତ୍ ମିଶ୍ର, ଗୋଲକ ବାଗ, ଧିରେନ୍ଦ୍ର ସାହୁ, ସୌଭାଗ୍ୟ ଦାସ, ମଦନ ସାହୁ, ତପନ ନାୟକ, ଭୀମସେନ୍ ପରିଡ଼ା, ସୁମନ ନାୟକ, ଅମୂଲ୍ୟ ସାହୁ, କିଶୋର ମେହେର, ଅଲେଖ ବିଶ୍ୱାଳ, ମନସ୍ୱିନୀ ରାଉତ, ସବିତା ପାଣିଗ୍ରାହୀ, ଅର୍ଚ୍ଚନା ଜେନା, ଦେବେନ୍ଦ୍ର ଆଚାର୍ଯ୍ୟ, ଅନାଦି ନାୟକ, ପ୍ରଭାସ ବେଉରା, ନୃସିଂହ ଚରଣ ସାହୁ, ପୁଷ୍ପା ମହାନ୍ତି, ପ୍ରମୁଖ ଯୋଗଦେଇ ଉକ୍ତ ଦାବିଗୁଡ଼ିକ ତୁରନ୍ତ ପୂରଣ ନହେଲେ ଆଗାମୀ ଦିନରେ ସଂଘ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇ ଚରମ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି ।

## ତହସିଲ ଆବାସିକ କାର୍ଯ୍ୟାଳୟ ଆଗରେ ଆଣ୍ଠୁଏ ପାଣି

କେନ୍ଦ୍ରାପଡା,୨୨/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ତହସିଲ କାର୍ଯ୍ୟାଳୟ ଓ ତହସିଲଦାରଙ୍କ ବାସଭବନ ଆଗରେ ଆଣ୍ଠୁଏ ପାଣି ଜମା ହୋଇଥିବା ଦେଖିବାକୁ ମିଳିଛି । ଦୀର୍ଘ ୧୫ଦିନ ଧରି ଲଗାଣ ବର୍ଷା ଓ ଲଘୁଚାପ ଜନିତ ବର୍ଷାରେ ସହରର ତଳିଆ ଗ୍ରାମରେ ପାଣି ଛିଡା ହେବାରୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତହସିଲା କାର୍ଯ୍ୟାଳୟ ଆଗରେ ଖାଲ ଥିବାରୁ ପାଣି ବର୍ଷାପାଣି ଦୀର୍ଘ ଦିନ ହେଲା ଜମା ହୋଇ ରହିଛି । କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଣି ନିଷ୍କାସନ ବାଟ କରିବାକୁ ସାଧାରନରେ ଦାବି ହେଉଛି ।

## ଘାସିବିଲିରେ ଯୁବକଙ୍କୁ ଛୁରା ମାଡ ଘଟଣା : ଦୁଇ ଗିରଫ

ଗଞ୍ଜାମ,୨୨/୦୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଘାସିବିଲ ଗ୍ରାମ ଛକ ନିକଟରେ ଶନିବାର ସକାଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଜଣ ଯୁବକ ଗ୍ରାମର ପ୍ରୀତମ ମହାନ୍ତି (୨୧) ନାମକ ଯୁବକଙ୍କୁ ଏକ ଧାରୁଆ ଛୁରୀ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଉଭୟଙ୍କୁ ପାଟପୁର ପୋଲିସ ସ୍ଥାନୀୟ ଗାନ୍ଧୀ ଛକ ଠାରେ କାବୁ କରିଥିବା ଜଣାପଡିଛି । ଅଭିଯୁକ୍ତ ଦୁଇ ଯୁବକ ହେଲେ ଘନଶ୍ୟାମ ରେଡ୍ଡୀ ଓ ଶୁଭମ ବେହେରା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଖବରନୁଯାୟୀ, ଘାସିବିଲ ଗ୍ରାମର ପ୍ରୀତମ ଓ ଘନଶ୍ୟାମ ମଧ୍ୟରେ ଗତ ୧୦ ରୁ ୧୫ ଦିନ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି । ତେବେ ଶନିବାର ସକାଳେ ପ୍ରୀତମ ଗ୍ରାମ ଛକ ନିକଟରେ ଛିଡା ହୋଇଥିବା ବେଳେ ଘନଶ୍ୟାମ ଓ ତାଙ୍କ ସହଯୋଗୀ ଶୁଭମ୍ ଏକ ସ୍କୁଟିରେ ଆସି ଛୁରୀ ସାହାଯ୍ୟରେ ପ୍ରୀତମଙ୍କ ପେଟ ଓ ଛାତିକୁ ମରଣାନ୍ତକ ଆକ୍ରମଣ କରିଥିଲେ । ପ୍ରୀତମଙ୍କ ଚିତ୍କାର ଶୁଣି ଆଖପାଖ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିଲା । ତେବେ ଧରାକୋଟ ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ସମେତ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଅପରାଧୀଙ୍କୁ ଧରିବା ପାଇଁ ପୋଲିସ ନିକଟସ୍ଥ ପୋଲିସ ଥାନାକୁ ଖବର ଦେଇଥିଲା । ଫଳରେ ଦୁଇ ଅପରାଧୀଙ୍କୁ ଧରିବା ପାଇଁ ପାଟପୁର ପୋଲିସ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ନେତୃତ୍ୱରେ ପୂର୍ବରୁ ତିନିଛକ ନିକଟରେ ଛକି ବସିଥିବା ପୋଲିସ କର୍ମଚାରୀ ମାନେ ଦୁଇଜଣଙ୍କୁ କାବୁ କରିବା ସହ ଅଟକ ରଖିଥିବା ଧରାକୋଟ ଥାନାକୁ ଖବର ଦେଇଥିଲେ ।

## ଜିଲ୍ଲା ଶିଳ୍ପକେନ୍ଦ୍ରଠାରେ ମାଥିଲି ଗୁଳିକାଣ୍ଡ ଦିବସ ପାଳିତ

ମାଲକାନଗିରି,୨୨/୦୬ (ନି.ପ୍ର): ମାଲକାନଗିରିର ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକ ତଥା ମାଥିଲି ଗୁଳିକାଣ୍ଡର ଶହୀଦ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନୀୟ ଜିଲ୍ଲା ଶିଳ୍ପ କେନ୍ଦ୍ର ପରିସରରେ ମାଥିଲି ଗୁଳିକାଣ୍ଡ ଦିବସ ପାଳିତ ହୋଇଯାଇଛି । ଏହି ଐତିହାସିକ ଦିବସକୁ ଅଧିକ ସ୍ମରଣୀୟ କରିବା ପାଇଁ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ମାଲକାନଗିରି ଜିଲ୍ଲା ଶାଖା, ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ବନ ବିଭାଗ ଆନୁକୂଲ୍ୟରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା ।

ଉକ୍ତ ଉତ୍ସବରେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଶୁଭଞ୍ଜନ ମହାପାତ୍ର, ଡେପୁଟି କମାଣ୍ଡାଣ୍ଟ, ସୀମା ସୁରକ୍ଷା ବଳ, ସମ୍ମାନୀତ ଅତିଥି ତରୁଣକାନ୍ତି ମହାନ୍ତି, ସାଧାରଣ ପ୍ରବନ୍ଧକ ଜିଲ୍ଲା ଶିଳ୍ପ କେନ୍ଦ୍ର ଓରେଞ୍ଜର ଜଗନ୍ନାଥ ପ୍ରସାଦ ବିଷୋୟୀ ଯୋଗ ଦେଇଥିଲେ ।ଉକ୍ତ ଉତ୍ସବରେ ଅତିଥିମାନେ ମାଥିଲି ଗୁଳିକାଣ୍ଡରେ ମୃତ୍ୟୁ ବରଣ କରିଥିବା ଅମର ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ମାଲକାନଗିରି ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଆଜୀବନ ସଦସ୍ୟ ରବିନ୍ଦ୍ର କୁମାର ମହାରଣା୧୯୪୨ ମସିହା ଅଗଷ୍ଟ ୨୧ ତାରିଖରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କିପରି ମାଥିଲି ଗୁଳିକାଣ୍ଡର ରୂପ ଧାରଣ କରିଥିଲା ତାହାର ବର୍ଣ୍ଣନା କରିଥିଲେ । ଏହି ଦିବସକୁ ସ୍ମରଣୀୟ କରିବା ପାଇଁ କାର୍ଯ୍ୟାଳୟ ପରିସର ମଧ୍ୟରେ ଶହୀଦ ମାନଙ୍କ ନାମରେ ୨୨ଟି ବିଭିନ୍ନ କିସମର ନଡ଼ିଆ, ପିଜୁଳି, ପଣସ, ନିମ୍ବ, ଅଁଳା, ମେହଗାନି, ବଉଳ ପ୍ରଭୃତି ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଲକାନଗିରିର ବିଶିଷ୍ଟ ବ୍ୟବସାୟୀ ଦିଲ୍ଲୀପ ସୋମାନୀ, ଆଇ.ପି .ଓ ରବୀନ୍ଦ୍ରନାଥ କୁଣ୍ଡୁ ,ଶୁଭଶ୍ରୀ ଦଣ୍ଡପାଟ ,ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ମାଲକାନଗିରି ଶାଖାର ଆଜୀବନ ସଦସ୍ୟ ଅଧ୍ୟାପକ ଆଶିଷ ରାଠୋର, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେନାପତି, ପ୍ରକାଶ ଚନ୍ଦ୍ର ନାୟକ, ଏମଭି ୧୬ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାଧନା ମଣ୍ଡଳ, ପ୍ରତିମା ନାୟକ ପ୍ରମୁଖ ଯୋଗଦାନ କରିଥିଲେ ।

# ଧୋଇଗଲା ପରିବା ଚାଷ : ଚିନ୍ତାରେ ଚାଷୀ



ବାଲିଅନ୍ତା,୨୨/୦୬ (ନି.ପ୍ର): ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷ କରିଥିଲେ । କିଏ ନିଜ ସଞ୍ଚୟ ଅର୍ଥ ଚାଷରେ ଲଗାଇଥିଲା ତ କିଏ ବ୍ୟାଙ୍କରୁ ଋଣ କରି କିମ୍ବା ହାତଉଧାରି କରି ଚାଷ କରିଥିଲେ । ଆଶା ଥିଲା, ଚାଷରୁ ପରିବାର ପ୍ରତିପୋଷଣ ହେବା ସହ ଭଲ ଦି' ପଇସା ଆୟ ହେବ । ମାତ୍ର ବନ୍ୟାରେ ସବୁ ଆଶା ପାଣିଫୋଟକା ଭଳି ମିଳେଇ ଯାଇଛି । ବନ୍ୟା ପାଣିରେ ଫସଲ ନଷ୍ଟ ହେବା ପରେ ଏବେ ଚାଷୀ ଚିନ୍ତାରେ ପଡ଼ି ଯାଇଛି । ଚଳିତ ବନ୍ୟାରେ ରାଜଧାନୀ ଉପକଣ୍ଠରେ ଚାଷୀଙ୍କ ଭାତହାଣ୍ଡି ଉଜୁଡ଼ି ଯାଇଛି । ସପ୍ତାହେ ଧରି ବନ୍ୟାପାଣି ଜମି ରହିବା ଫଳରେ ଧାନ, ପାନ ଏବଂ ବ୍ୟାପକ ପନିପରିବା ଫସଲ କ୍ଷୟକ୍ଷତି ହୋଇଛି । କୁଆଖାଇ, କୁଶଭଦ୍ରା, ଭାର୍ଗବୀ ଓ ଦୟାନଦୀ ପଠା ଅଞ୍ଚଳରେ ହୋଇଥିବା ଚାଷୀଙ୍କ ଏକର ଏକର ପନିପରିବା ଫସଲ ଧୋଇ ଯାଇଛି । ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷ ହୋଇଥିବା ଫସଲ କିଆରି ନଷ୍ଟ ହୋଇଯାଇଛି । ପାଣି ଛାଡ଼ିଯିବା ପରେ ପଠା ଦିଶିଲାଣି । ହେଲେ କିଆରିରେ ଖାଲି ଖୁଣ୍ଟା ଗଛ ଠିଆ ହୋଇଛି ।

ଏବେ ସୁଦ୍ଧା କିଛି ଗାଁ ଗଣ୍ଡା ପାଣିଘେରରେ ରହିଛି । ବିଲବାଡ଼ିରେ କିନ୍ତୁ ପାଣି ଲହଡ଼ି ମାରୁଛି । ତେଣୁ ଧାନ, ପାନ ଓ ପରିବା ଫସଲ ଧୋଇଯିବା ପରେ ଚାଷୀମାନେ କିଭଳି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି । ହେଲେ ଚାଷୀ ପୁଣି ଧାନ ତଳି ଓ ପନିପରିବା ତଳି ପକାଇବା ନେଇ ପ୍ରସ୍ତୁତି ଆରମ୍ଭ କରି ଦେଲେଣି । ସଅଳ କିସମର ଧାନ ବିହନ ସଂଗ୍ରହ କରିବାକୁ ଚେଷ୍ଟା ଚଳାଇଛି । ଦୟାନଦୀ ପଠାର ସରଦେଇପୁର, କୁମାରଡିହ, ଇଟିପୁର, କୁକୁଡ଼ାଘାଇ ପାଟଣା, ଜୟପୁର ଆଦି ଅଞ୍ଚଳରେ ପ୍ରାୟ ୩୦ ଏକର ପନିପରିବା କିଆରିରେ ପଟୁ ମାଡ଼ି ଯାଇଛି ।

ସରଦେଇପୁର ଗ୍ରାମର ଚାଷୀ ଅମୂଲ୍ୟ ପ୍ରଧାନଙ୍କ କହିବାନୁସାରେ, ସେ ୪୦ ହଜାର ଟଙ୍କା ଖର୍ଚ୍ଚ ଖରି ୧୫ଗୁଣ୍ଠ ଜମିରେ ଭେଣ୍ଡି, ୭ଗୁଣ୍ଠ କଖାରୁ ଓ ୫ଗୁଣ୍ଠ ଜମିରେ ବାଇଗଣ ଲଗାଇଥିଲେ । ଭେଣ୍ଡି ତୋଳା ଆରମ୍ଭ ହୋଇଥିଲା । ପହିଲି ହାଟ ପାଳିରେ ୪୦୦ ଟଙ୍କାର ଭେଣ୍ଡି ବିକିଥିଲେ । ସେହିପରି ବାଇଗଣ ଗଛରେ ଫଳ ଧରିଥିଲା । ବନ୍ୟା ଆସି ନଥିଲେ,୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର ହୋଇଥା'ନ୍ତା । ମାତ୍ର ବନ୍ୟା ସବୁ ବିଗାଡ଼ି ଦେଇଛି । ସେହିପରି ଅନୁରୂପ ଭାବେ ସରଦେଇପୁର ଗ୍ରାମର ତ୍ରିନାଥ ପ୍ରଧାନ, ବିଜୟ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ପ୍ରମୋଦ ପ୍ରଧାନ ଏବଂ କୁମାରଡିହ ଗ୍ରାମର କରୁ ପ୍ରଧାନ ଏବଂ ରାଜେନ୍ଦ୍ର ପ୍ରଧାନଙ୍କର ଏକର ଏକର ପନିପରିବା ଫସଲ ବନ୍ୟାରେ ଧୋଇଯାଇଛି । କୁଶଭଦ୍ରା ବନ୍ୟାରେ ବାଲିଅନ୍ତା ବ୍ଲକ ଅଧୀନ ପଟୁପଡ଼ା, ସୁବାଲୋ, ବୁଢ଼ାଲୋ, ସାନ ବଇଁଚୁଆ, ଅରିଙ୍ଗୋଳ, ଭିଙ୍ଗାରପୁର, ରାମଚନ୍ଦ୍ରପୁର, ନୂଆସାହି, କୁଳସାହି, ସାହେବନଗର ଆଦି ସ୍ଥାନରେ ହେକ୍ଟର ହେକ୍ଟର ଜମିରେ ପନିପରିବା ଚାଷ ଧୋଇଯାଇଛି । ଭାର୍ଗବୀ ନଦୀର ଝିଣ୍ଟିଶାସନ, ଚଢ଼େଇବର ଚାଷୀମାନଙ୍କ ଅବସ୍ଥା ମଧ୍ୟ ସମାନ ।

ଉଲ୍ଲେଖଯୋଗ୍ୟ, ଏଥର ବନ୍ୟାରେ ବାଲିପାଟଣା ବ୍ଲକର ୬ଟି ପଞ୍ଚାୟତ ଏବଂ ବାଲିଅନ୍ତା ବ୍ଲକର ଝିଣ୍ଟିଶାସନ, ପୁରୋହିତପୁର ଏବଂ ପୂରଣପଧାନ ପଞ୍ଚାୟତ ଅଞ୍ଚଳର ଚାଷୀମାନେ ପ୍ରଭାବିତ ହୋଇଛି ।

## ଅଖଣ୍ଡ ଭାରତର ଐତିହ୍ୟ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସୂଚନା ମୁତାବକ, ଗତ ୧୯୧୮ ରୁ ୧୯୨୧ ମଧ୍ୟରେ ଅନୁଷ୍ଠିତ ପ୍ରତ୍ୟେକ କଂଗ୍ରେସ ଅଧିବେସନରେ ଯୋଗ ଦେଇ ଭାରତ ପାଇଁ ଏକ ଓ ଅଭିନ୍ନ ପତାକା ରହୁ ବୋଲି ନିଜର ଦାବି ଉପସ୍ଥାପନ କରି ଆସୁଥିଲେ। ଏଥିପାଇଁ ଯଥେଷ୍ଟ ପୂର୍ବରୁ ଶ୍ରୀ ପିଙ୍ଗଳି ଭେଙ୍କୟା ୧୯୧୬ ରେ ଏବାବଦରେ ସମଗ୍ର ଭାରତ ବର୍ଷ ପାଇଁ ଏକ ଜାତୀୟ ପତାକାର ଆବଶ୍ୟକତା ଉପରେ ଏକ ପୁସ୍ତକ ପ୍ରକାଶନ କରି ଏଥିରେ ୩୦ ଟି ବିଭିନ୍ନ ଡିଜାଇନ ପ୍ରସ୍ତୁତ ସମ୍ଭାବ୍ୟ ଜାତୀୟ ପତାକାର ସ୍ୱରୂପ ପ୍ରକାଶ କରିଥିଲେ।ବିଜୟୱାଡା ଠାରେ ସେ ମହାତ୍ମାଗାନ୍ଧୀଙ୍କ ସହ ସାକ୍ଷାତ ଆଲୋଚନା କରି ଉକ୍ତ ପୁସ୍ତକକୁ ଦେଖାଇ ଏକ ଦେଶ ଭାରତ ପାଇଁ ଐକ୍ୟ , ସଂହତି ତଥା ଜାତୀୟତା ଉଦ୍ରେକ ନିମିତ୍ତ ଏକ ଜାତୀୟ ପତାକାର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ଏହାକୁ ଭିତ୍ତି କରି ଗାନ୍ଧିଜୀଙ୍କ ପରାମର୍ଶକ୍ରମେ ଶ୍ରୀ ପିଙ୍ଗଳି ଭେଙ୍କିଆ ୧୯୨୧ରେ ଅନୁଷ୍ଠିତ କଂଗ୍ରେସ ଅଧିବେସନରେ ଲାଲ ଓ ସବୁଜ ରଙ୍ଗ ରହିଥିବା ଏକ ଜାତୀୟ ପତାକା ପ୍ରସ୍ତୁତ କରି ଏହାକୁ ଉପସ୍ଥାପନ କରିଥିଲେ। ଏଥିରେ ଗାନ୍ଧିଜୀଙ୍କ ପରାମର୍ଶକ୍ରମେ ସେ ଶାନ୍ତି ଓ ଅହିଂସାର ପ୍ରତୀକ ଧଳା ରଙ୍ଗ ଯୋଡିବା ସହ ମଝିରେ ସ୍ୱଦେଶୀ ସୂତାକଟା ଯନ୍ତ୍ର 'ଅରଟ'କୁ ସ୍ଥାନୀତ କରିଥିଲେ। ଦେଶର ପ୍ରତ୍ୟେକ ଧର୍ମ ମଧ୍ୟରେ ଶାନ୍ତି ଓ ସମନ୍ୱୟର ପ୍ରତୀକ ଏହି ପତାକାକୁ 'ସ୍ୱରାଜ ପତାକା' ଭାବେ ୧୯୩୧ କଂଗ୍ରେସ ଅଧିବେସନରେ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ସମୟକ୍ରମେ ଏହି ପତାକାରେ କେତେକ ପରିବର୍ତ୍ତନ କରାଯାଇଥିଲା। ଏହି ପରିବର୍ତ୍ତିତ ପତାକାର ସ୍ୱରୂପରେ ଯଥାକ୍ରମେ ଏହାର ଶୀର୍ଷରେ ନାରଙ୍ଗୀ, ମଝିରେ ଧଳା, ନିମ୍ନରେ ଘନ ସବୁଜ ରଙ୍ଗ ରହିବା ସହ ମଝିରେ ଅରଟ ପ୍ରତିବଦଳରେ ୨୪ ଅର ଥିବା ନୀଳ ରଙ୍ଗର ଅଶୋକ ଚକ୍ର ସ୍ଥାନୀତ ହୋଇଥିଲା। ଶେଷରେ ସର୍ବସମ୍ମତିକ୍ରମେ ୧୯୪୭ ମସିହା ଜୁଲାଇ ୨୪ ତାରିଖରେ ଏହି ସ୍ୱରୂପରେ ଯାହା ସ୍ୱାଧୀନ ଭାରତର ଜାତୀୟ ପତାକା ଭାବେ ତ୍ରିରଙ୍ଗାକୁ ସ୍ୱୀକୃତି ମିଳିଥିଲା।

ଜାତୀୟ ପତାକା ତ୍ରିରଙ୍ଗାର ସ୍ୱରୂପ ବିନ୍ୟାସକାରୀ ଶ୍ରୀ ପିଙ୍ଗିଳି ଭେଙ୍କିଆଙ୍କୁ ଦେଶବାସୀ ଶ୍ରଦ୍ଧାରେ ଝଣ୍ଡା ଭେଙ୍କିଆ ବୋଲି ଡାକୁଥିଲେ। ତାଙ୍କ ସ୍ମୃତିରେ ଭାରତ ସରକାର ପରବର୍ତ୍ତୀ ସମୟ ବହୁ ବିଳମ୍ବରେ ଏକ ଡାକ ଟିକଟ ପ୍ରଚଳନ କରିଥିଲେ।

ସର୍ବଶେଷରେ ଏତିକି ଆମେ ସମସ୍ତେ ସମସ୍ୱରରେ କହିବା, ଦେଶ୍ କି ଝଣ୍ଡା ଉଞ୍ଚା ରହେ ହମାରା, ତ୍ରିରଙ୍ଗା ଝଣ୍ଡା ପ୍ୟାରା ରହେ ହମାରା।'

ଆମର ଦେଶର ଜାତୀୟତା, ସୁରକ୍ଷା ଓ ସମ୍ମାନ ଅକ୍ଷୁର୍ଣ୍ଣ ରହୁ। ଆମ ଦେଶର ତ୍ରିରଙ୍ଗା ଆମ ସମସ୍ତଙ୍କର ମାନ ସମ୍ମାନ ତଥା ସ୍ୱାଭିମାନ ଅଟେ। ଏହି ଅମୃତ ମହୋତ୍ସବ ପାଳନ ଅବସରରେ ସଭିଏଁ ଭାରତବାସୀ ଏକଜୁଟ ହୋଇ ସ୍ଲୋଗାନ ଦିଅନ୍ତୁ 'ଜୟ ତ୍ରିରଙ୍ଗା , ଜୟ ଭାରତ ମାତାକି ଜୟ।'

+ସ୍ତମ୍ଭକାର,ନାଟୁଣୀ, ଖୋରଧା-୭୫୨୦୩୪
ମୋ: ୬୩୭୦୪୯୫୯୪୪

## ରାଜଧାନୀରେ ୨୮ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୨/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ସୋମବାର ମୋଟ ୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୨୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୬୫୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୨ ହଜାର ୩୭୩ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୭ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୦୬୭ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆଇଏସ୍ ଆତଙ୍କୀକୁ ....

ଗିରଫ ଆତଙ୍କୀ ଏପ୍ରିଲରୁ ଜୁନ୍ ମାସ ଯାଏ ତୁର୍କୀରେ ହମଲା ପାଇଁ ତାଲିମ ନେଇଥିଲା। ସେ ଆଇଏସ୍ ସଂଗଠନର ଆତ୍ମଘାତୀ ହମଲା ସ୍କ୍ୱାଡରେ ସାମିଲ ହୋଇଥିଲା। ସେଠାରେ ତାକୁ କେମିତି ଆତ୍ମଘାତୀ ହମଲା କରିବାକୁ ହୁଏ, ସେ ବାବଦରେ ବିସ୍ତୃତ ତାଲିମ ଦିଆଯାଇଥିଲା। ସେ ଟେଲିଗ୍ରାମ ଜରିଆରେ ହିଁ ଆଇଏସ୍ ସହ ଯୋଡ଼ି ହୋଇଥିଲା। ତୁର୍କୀରୁ ତାଲିମ ପାଇବା ପରେ ଆଇଏସ ପକ୍ଷରୁ ରୁଷରେ ତା'ର ପ୍ରବେଶ ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରାଯାଇଥିଲା। ରୁଷରେ ସେ କିଛି ଦିନ ରହିବା ପରେ ସେଠାରୁ ଭାରତ ଆସିବାକୁ ଯୋଜନା କରିଥିଲା। ଏଥିପାଇଁ ଆବଶ୍ୟକ କାଗଜପତ୍ର ମଧ୍ୟ ପ୍ରସ୍ତୁତ ହୋଇ ସାରିଥିଲା। କିନ୍ତୁ ସେ ଭାରତକୁ ଆସିବା ପୂର୍ବରୁ ହିଁ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛି। ଅନ୍ୟପକ୍ଷରେ ତା' ଟାର୍ଗେଟରେ କେଉଁ ବଡ଼ ରାଜନେତା ଥିଲେ, ସେକଥା ଜଣାପଡ଼ିନି। ସେହିପରି ସେ ଏକାକୀ ହମଲା କରିବାକୁ ଯୋଜନା କରିଥିଲା ନା ଭାରତରେ ଆଇଏସ୍ ?ର କୌଣସି ସଦସ୍ୟ ରହିଛନ୍ତି, ତାହା ମଧ୍ୟ ସ୍ପଷ୍ଟ ହୋଇନି।

### ବିଏମସିର ନୂଆ ବିଲଡିଂ ଏବଂ....

ଯୁବକମାନଙ୍କ ପାଇଁ ବଡ଼ ଚାକିରି ସୁଯୋଗ ସୃଷ୍ଟି କରିବ। ଉଭୟ ବହୁରାଷ୍ଟ୍ରୀୟ କମ୍ପାନି ପ୍ରଥମ ଥର ପାଇଁ ଓଡିଶାରେ ପାଦ ରଖିଛନ୍ତି ଏବଂ ଉଭୟ କେନ୍ଦ୍ର ୨୦୨୨ ଅକ୍ଟୋବର ମଧ୍ୟଭାଗ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ସେ ଭୁବନେଶ୍ୱର ସ୍ମାର୍ଟସିଟି କମାଣ୍ଡ ଓ କଂଟ୍ରୋଲ ସେଂଟର କାର୍ଯ୍ୟର ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ କରିଛନ୍ତି । ଏଠାରେ ସାଧାରଣ ଲୋକଙ୍କ ପାଇଁ ମିଟିଂ ହଲ୍, କ୍ୟାଂଟିନ ଓ ପାର୍କିଂ ବ୍ୟବସ୍ଥା କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। 'ଓ' ହବରେ ଦ୍ୱିତୀୟ ଟାୱାର ନିର୍ମାଣକୁ ସେ ପ୍ରାଧାନ୍ୟ ଦେଇଛନ୍ତି।

### ୧୩ ଜିଲ୍ଲାରେ ବନ୍ୟା : ୬.୪୦ଲକ୍ଷ....

ଅଗ୍ନିଶମ ବାହିନୀ ଟିମ୍ ମୁତୟନ ହୋଇଛନ୍ତି । ବନ୍ୟା ପ୍ରଭାବରେ ୫ଲକ୍ଷ ୬୧ହଜାର ୪୧୮ଜଣ ବିଦ୍ୟୁତ ଉପଭୋକ୍ତା କ୍ଷତିଗ୍ରସ୍ତ ହୋଇଥିବାବେଳେ ସେଥିରୁ ୫ଲକ୍ଷ ୨୧ହଜାର ୫୬୦ଜଣ ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇଛି । ବନ୍ୟାଂଚଳରେ ୨.୯୩ଲକ୍ଷ ପାଣି ବୋତଲ, ୧୨.୨୯ଲକ୍ଷ ପାଣି ପାଉଚ୍ ବଂଟନ କରାଯାଇଛି । ଏହାସହି ୨୦୩ଟି ଭ୍ରାମ୍ୟମାଣ ପାଣି ଟ୍ୟାଙ୍କର ମଧ୍ୟ ରହିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୧୦ଟି ମେଡିକାଲ ରିଲିଫ କେନ୍ଦ୍ର ଖୋଲାଯାଇଥିବାବେଳେ ୧୨୫ଟି ମୋବାଇଲ ହେଲଥ ଟିମ୍ ମୁତୟନ ହୋଇଛନ୍ତି । ୧.୨୨ଲକ୍ଷ ଓଆରଏସ୍ ପ୍ୟାକେଟ, ୫.୩୮ଲକ୍ଷ ହାଲୋଜିନ୍ ବଟିକା ବଂଟନ ହୋଇଛି । ଏହି ସମୟରେ ୨୩୩୬୭ଜଣ ଲୋକଙ୍କୁ ଚିକିତ୍ସା ସହାୟତା ଦିଆଯାଇଛି । ସାପ କାମୁଡ଼ିବାର ଶିକାର ହୋଇଥିବା ୩୨ଜଣଙ୍କୁ ଚିକିତ୍ସା କରାଯାଇଛି । ସେହିପରି ବନ୍ୟାଂଚଳରେ ୧୯୩ଟି ଭେଟେନାରୀ ଟିମ୍ ମୁତୟନ ଅଛନ୍ତି । ୪୦୭ଟି କ୍ୟାମ୍ପ ଆୟୋଜନ କରାଯାଇ ୧୮ହଜାରୁ ଅଧିକ ପଶୁଜନ୍ତୁଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି । ୧୦ଟି ଜିଲ୍ଲାକୁ ୯୧୩.୯୨ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି ବୋଲି ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ।

### ଦିଲ୍ଲୀ ଜନ୍ତରମନ୍ତରରେ ପୁଣି....

କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସେ ଆସିଥିବା କହିଛନ୍ତି । କିଛି ବର୍ଷ ତଳେ ଦିଲ୍ଲୀ ଜନ୍ତରମନ୍ତରରେ ଚାଷୀମାନେ ସେମାନଙ୍କର ବିଭିନ୍ନ ଦାବି ନେଇ ଦୀର୍ଘ ଦିନ ଧରି ଆନ୍ଦୋଳନ କରିଥିଲେ । ପରେ ସରକାର ସେମାନଙ୍କ ଦାବି ମାନିବା ପରେ ଆନ୍ଦୋଳନରୁ ହଟିଥିଲେ ଚାଷୀ । ତେବେ ବର୍ତମାନ ଏହି ମହାମେଳି ଆଗକୁ ମହାଆନ୍ଦୋଳନର ରୂପ ନେବ କି ନାହିଁ, ତାହା ପରବର୍ତୀ ସମୟରେ ଜଣାପଡ଼ିବ ।

### ଭାରତ-ଅଷ୍ଟ୍ରେଲିଆ ସମ୍ପର୍କକୁ ....

ବ୍ୟାପକ ରଣନୀତି ଭାଗିଦାରୀ ଅଧୀନରେ ଶିକ୍ଷାକୁ ଏକ ପ୍ରମୁଖ ସ୍ତମ୍ଭ କରିବା ଦୃଷ୍ଟିକୋଣରେ ଶିକ୍ଷା, କୌଶଳ ଏବଂ ଗବେଷଣା ସହଯୋଗକୁ ସମ୍ପ୍ରସାରଣ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ପରିଷଦର ଷଷ୍ଠ ବୈଠକରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଗବେଷଣା କ୍ଷେତ୍ରରେ ଉଭୟ ରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ଆଗକୁ ନେବାରେ ଏଆଇଇସି ଏକ ପ୍ରଭାବଶାଳୀ ମଞ୍ଚ । ୨୦୨୩ରେ ଭାରତରେ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ପରିଷଦର ସପ୍ତମ ବୈଠକ କରିବା ପାଇଁ ସେ ଅଷ୍ଟ୍ରେଲିଆ ଟିମକୁ ପ୍ରସ୍ତାବ ଦେଇଛନ୍ତି । ବୈଠକରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆୟୁର୍ବେଦ, ଯୋଗ ଏବଂ କୃଷି ଇତ୍ୟାଦି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଗବେଷଣା ସହଯୋଗ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଦକ୍ଷତା ପ୍ରମାଣପତ୍ର ଏବଂ ଖଣି, ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ଇତ୍ୟାଦି କ୍ଷେତ୍ରରେ ସହଯୋଗ କରିବାକୁ ସେ ଆହ୍ୱାନ କରିଛନ୍ତି ।

## ହୃଦ୍‌ଘାତରେ ଯୁବ ବ୍ୟବସାୟୀ ମୃତ



ଜଳେଶ୍ୱର, ୨୨/୮(ନିପ୍ର) : ଜଳେଶ୍ୱର ମ୍ୟୁନିସିପାଲଟି ଅଧିନ ନନ୍ଦିକା ଗ୍ରାମର ସୃଷ୍ଟିଧର ଭଂଜଙ୍କ ପୁତ୍ର ଦିନ ନାଥ ଭଞ୍ଜ (୪୬) ଆଜି ମଧ୍ୟାହ୍ନରେ ହଦ୍‌ଘାତରେ ମୃତ୍ୟବରଣ କରିଛନ୍ତି । ଘଟଣାରୁ ପ୍ରକାଶ ପ୍ରତିଦିନ ପରି ଆଜି ନିଜର ପରିବା ବ୍ୟବସାୟ ଲାଗି ଜଳେଶ୍ୱର ମାର୍କେଟକୁ ଯାଇ ମଧ୍ୟାହ୍ନରେ ଫେରିଥିଲେ । ଘରେ ମାଧ୍ୟାହ୍ନ ଭୋଜନ ପରେ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ନିକଟସ୍ଥ ଜିକେଭଞ୍ଜର ହସ୍‌ପିଟାଲକୁ ତାଙ୍କୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ହାଟ କମିଟି ପକ୍ଷରୁ ଶୋକ ବକ୍ତ କରାଯାଇଥିବାବେଳେ ସମାଜସେବୀ ଆଦିତ୍ୟ ନାରାୟଣ ପାତ୍ର, ଯୁବ ନେତା ରବିନ୍ଦ୍ର ପାତ୍ର ଓ ବହୁ ବ୍ୟବସାୟୀ ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କର ୨ ନାବାଳିକାକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି । ତାଙ୍କ ମୃତ୍ୟରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ନମୁନା ପଞ୍ଜିକରଣ ପ୍ରଶିକ୍ଷଣ ଶିବିର

ବାରିପଦା, ୨୨/୦୮ (ନି.ପ୍ର): ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ (ଏନ୍‌ଏଚ୍‌ଏମ୍) ସମ୍ମିଳନୀ କକ୍ଷରେ "ନମୁନା ପଞ୍ଜିକରଣ" ବ୍ୟବସ୍ଥାର ସାମୟିକ ଗଣନାକାରୀଙ୍କ ଦ୍ୱାରା ମୋବାଇଲ ଆପ୍ (ଆପଲିକେସନ) ଜରିଆରେ ତଥ୍ୟ ସଂଗ୍ରହ ନିମନ୍ତେ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ରୂପଭାନୁ ମିଶ୍ର ପ୍ରଦ୍ୱୀପ ପ୍ରଜ୍ୱଳନ କରି ଉକ୍ତ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜନଗଣନା ନିର୍ଦ୍ଦେଶାଳୟ, ଓଡିଶାର ସଂଯୁକ୍ତ ନିର୍ଦ୍ଦେଶକ ଡକ୍ଟର ଦିଗବିଜୟ ଗିରି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଡାକ୍ତର ରୂପଭାନୁ ମିଶ୍ର,



ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀମତୀ ମିନତୀ ପୃଷ୍ଟି ପ୍ରୋଗ୍ରାମ୍ ଅଧିକାରୀ,ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପ୍ରଶିକ୍ଷଣ ସମ୍ବନ୍ଧରେ ସଂକ୍ଷିପ୍ତ ତଥ୍ୟ ପ୍ରଦାନ କରିଥିଲେ। ଶ୍ରୀ ରବୀନ୍ଦ୍ର କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଗ ଦେଇଥିବାବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାଧାରଣ ଓ ବିବିଧ ଉପବିଭାଗର ସେକ୍‌ସନ ଅଫିସର ଶ୍ରୀ ରାମେଶ୍ୱର ଦାସ ଓ ଶ୍ରୀ ବିଭୁକଲ୍ୟାଣ ପ୍ରଧାନ, ଏସ୍‌ଆରଏ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭାରତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତନ ହୋଇଥିବା ନମୁନା ପଞ୍ଜିକରଣ ପଦ୍ଧତିରେ ସାମୟିକ ଗଣନାକାରୀ(ପି.ଟି.ଇ) ଏବଂ ନିର୍ଦ୍ଦେଶାଳୟର ସୁପରଭାଇଜରଙ୍କ ଦ୍ୱାରା ଦୁଇଟିକିଆ ତଥ୍ୟ ସଂଗ୍ରହ ହୋଇଥାଏ। ଏହି ବ୍ୟବସ୍ଥାରେ ଚିହ୍ନିତ ଗ୍ରାମ ଓ ସହରାଞ୍ଚଳମାନଙ୍କରେ ଜନ୍ମ ଓ ମୃତ୍ୟୁ ସମ୍ପର୍କିତ ତଥ୍ୟ ସଂଗୃହିତ ହୋଇଥାଏ। ଓଡିଶାରେ ୪୦୫ଟି ନମୁନା ପଞ୍ଜିକରଣ (ଏସ୍.ଆର.ଏସ୍) ୟୁନିଟ ରହିଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର ୩୦ଜଣ ଗଣନାକାରୀ (ଅଙ୍ଗନୱାଡି କର୍ମୀ, ଆଶା ଓ ଶିକ୍ଷକ) ଯୋଗଦାନ କରି ନମୁନା ପଞ୍ଜିକରଣ ନିମନ୍ତେ ଆବଶ୍ୟକ ତଥ୍ୟ /ସୂଚନା ଉଦ୍ଦିଷ୍ଟ ଥିବା ଡିଜିଟାଲ ଫର୍ମାଟ୍‌ରେ ସଂଗ୍ରହ ଓ ପ୍ରେରଣା ନିମନ୍ତେ ମାସିକ ଏବଂ ଅର୍ଦ୍ଧବାର୍ଷିକ ସବିଶେଷ ତଥ୍ୟ ମୋବାଇଲ ମାଧ୍ୟମରେ ସଂଗୃହୀତ ପ୍ରଣାଳୀ ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଥିଲେ। ଆୟଜିତ ଉକ୍ତ କାର୍ଯ୍ୟକ୍ରମରେ ତାଲିମ ପ୍ରଶିକ୍ଷକ ଭାବରେ ଶ୍ରୀ ମୋହନ ଚନ୍ଦ୍ର ପୁରୁଧୁଲ ଓ ଶ୍ରୀ ରତ୍ନାକର ବାରିକ ଯୋଗଦାନ କରିଥିଲେ।

## ଖୋର୍ଦ୍ଧା ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଉଦ୍‌ବେଗ ଜନକ

ଖୋର୍ଦ୍ଧା,୨୨/୦୮ (ନି.ପ୍ର): ଖୋର୍ଦ୍ଧା ବ୍ଲକ,୫ ଟି ପଂଚାୟତ ଦୟା, ରାଜୁଆ, ମଲାଗୁଣି ନଦୀ ତାର ଶାଖା ନଦୀ ଯୋଗୁ ବନ୍ୟା, କିଛି ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ। ଏହି ପଞ୍ଚାୟତ ହେଲା ବ୍ରଜ ମୋହନପୁର, ଅଣ୍ଡା, ନରଣ ଗଡ, ଓରବର୍ ସିଂହ, କଣ୍ଟାବଣୀ । ପ୍ରାୟ ୩୬ ଟି ଗ୍ରାମ୍ ଅବସ୍ଥା ଶୋଚନୀୟ। ପ୍ରକାଶ ଥାଉକୀ ସରାଧାପୁର୍ ଗ୍ରାମ ଠାରେ ନଦୀ ବନ୍ଧ ଦୁର୍ବଳ ଯୋଗୁ ଏକ ବିରାଟ କାୟ ଘାଇ ହୋଇ ପାଣି ଘର ପ୍ରଥମ ମହଲା ବୁଡ଼ି ଯାଇଛି। ଯେଉଁ କେତଜଣ ମାନଙ୍କ ଗ୍ରାମରେ ୪/୫ ଘର ଦୁଇ ମହଲା ଘର ଅଛି । ଆଉ ସବୁ ମାଟି ପଥର ଚାଲ୍ ଆଜେବେଷ୍ଟ ଘର। ଦୋମହଲା ଘର ଥିବା, ସେଠାରେ କିଛି ଲୋକ ଆଶ୍ରୟ ନେଇଛନ୍ତି। ଆଜକୁ ପାଞ୍ଚ ଦିନ ଲୋକେ କଲବଲ ହେଇଛନ୍ତି। ଖାଇବା ପିଇବା ପାଣି ଅଭାବ। କିଛି ଅନୁଷ୍ଠାନ ସାହଯ୍ୟ ଯୋଗୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ପାଉଛନ୍ତି। ପିଇବା ପାଣି ସଙ୍କଟ। ଗ୍ରାମମାନଙ୍କରେ ଥିବା ପୋଖରୀ, ଗାଡିଆ, କୂଅ, ନଳକୂଅ ପାଣିରେ ବୁଡି ରହିଛି। ଏହି ଅଂଚଳ ବିଦ୍ୟୁତ୍ ଲାଇନ୍ ଅଚଳ। ରାତି ଅନ୍ଧାର ମଶା ଉପଦ୍ରବ ରାତିରେ ଶୋଇବା ଅସମ୍ଭବ ହୋଇ ପଡ଼ିଛି। ପୁଣି ବିଷଧର ସାପ ଭୟ ଘାରିଛି। ଘରେ ଥିବା ଧାନ ଚାଉଳ ନଷ୍ଟ। ଆଶ୍ରୟ ସ୍ଥଳ ଓ ଖୋଲା ଆକାଶ ତଳେ ତମ୍ବୁ ପକାଇ ରହିବା ଉଚ୍ଚା ଜାଗାରେ ଗ୍ରାମ ଠାରୁ ଅନତି ଦୂରରେ କେତେ କଷ୍ଟ । ସେହିପରି ବେଗୁନିଆ ବ୍ଲକ୍ ଓ ଜଟଣୀ ବ୍ଲକ ବନ୍ୟାରେ କିଛି ପଞ୍ଚୟେତ ମହାନଦୀ ଓ ଦୟା ନଦୀ ପାଣିରେ ଭାସୁଛି । ରାସ୍ତା ଘାଟ ବନ୍ଦ। ଖୋର୍ଦ୍ଧା ଜିଲ୍ଲା ପନିପରିବା ଯୋଗାଉ ଥିବା ଅଂଚଳ ବୁଡ଼ି ଯିବାରୁ ଫସଲ ଆଉ ନାହିଁ। ପରିବା ଦର ଆକାଶ ଛୁଆଁ ହୋଇଛି।

## ଜଳକା ଓ ସୁବର୍ଣ୍ଣରେଖା ନଦୀର ବନ୍ୟାଜଳ ସାମାନ୍ୟ କମୁଛି

ବସ୍ତା, ୨୨/୦୮ (ନି.ପ୍ର): ବସ୍ତା ର ଜଳକା ଜଳେଶ୍ୱରରେ ସୁବର୍ଣ୍ଣରେଖା ନଦୀ ବିପଦ ସଂକେତ ଉର୍ଦ୍ଧ୍ୱରେ କିନ୍ତୁ ସାମାନ୍ୟ ଜଳରପତନ କମିବାରେ ଲାଗିଛି ଜଳକାର ରାତି ଆଠଟା ବେଳକୁ ୬.୪୯ ଥିବାବେଳେ ସୁବର୍ଣ୍ଣରେଖାର ୧୧.୪୨ ଅଛି ଜଳକା ନଦୀକୂଳିଆ ଲୋକମାଙ୍କର ଦୁଖ ନକହିଲେ ଭଲ କାରଣ ନଦୀରେ ବିଷଧର ସାପ ସାଙ୍ଗକୁ ଏବେ କୁମ୍ଭିର ର ଆତଙ୍କ ଲାଗିରହିଛି ଆଜି ସକାଳ ବସ୍ତା ଗାନ୍ଧିଛକ ନିକଟରେ ପୁନସିତା ଗ୍ରାମ ଦେଇ ଜଳକା ନଦୀ ଯାଇଛି ଉକ୍ତ ଏକ କୁମ୍ଭିର ଭାସିବାର ଦେଖାଦେଇଛି ଏହାଫଳରେ ଜଳକାନଦୀ କୁଳିଆଙ୍କ ଲୋକ ଅବସ୍ଥା ବଡ ବିପଦ ମୁହାଁ ହୋଇଛି ଏପଟେ ବନ୍ୟାର ଭୟ ସାଙ୍ଗକୁ ସାପ କୁମ୍ଭିର ଭୟ ଲୋକେ କଣ କରିବେ ଚିନ୍ତାଅଛନ୍ତି ଖାଲିଭଗବାନ ଡାକିବାଛଡା ଆଉ ଉପାୟ ନାହିଁ ସରକାର ତୁରନ୍ତ ଏହି ବିପଦ ରୁ ମୁକ୍ତିପାଇଁ ତୁରନ୍ତ ପଦକ୍ଷ୍ୟପ ନେବାକୁ ଦାବୀ ହୋଇଛି।



## ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ କଳାବ୍ୟାଚ୍ ଆନ୍ଦୋଳନ ୬ଷ୍ଠ ଦିନରେ

ଭଦ୍ରକ,୨୨/୦୮ (ନି.ପ୍ର): ଓଡ଼ିଶାରୁ ଚୁକ୍ତିଭିତ୍ତିକ ନିଯୁକ୍ତି ସଂପୂର୍ଣ୍ଣ ଉଚ୍ଛେଦ ଓ ୬ ବର୍ଷ ଚୁକ୍ତିଭିତ୍ତିକ ଚାକିରୀ ସମୟକୁ ପ୍ରମୋସନ, ଇନ୍‌କ୍ରିମେଣ୍ଟ, ସିନିୟୋରିଟି ରେ ଗଣନା କରିବା ଦାବିରେ ଦୀର୍ଘ ୬ ଦିନ ଧରି ସାରା ରାଜ୍ୟରେ କଳା ବ୍ୟାଚ୍ ପିନ୍ଧି ସରକାରୀ ଚୁକ୍ତିଭୂତିକ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଆସୁଛନ୍ତି। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବିରେ ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ପକ୍ଷରୁ ଅଗଷ୍ଟ ୧୬ ତାରିଖରୁ ସପ୍ତାହବ୍ୟାପୀ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ ଚୁକ୍ତିଭୂତିକ ଗ୍ରୁପ୍ ବି, ସି ଏବଂ ଡି




କର୍ମଚାରୀମାନେ କଳାବ୍ୟାଚ୍ ପରିଧାନ କରିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ନିଜର ଯଥୋଚିତ ଦାବି ସରକାରଙ୍କ ନିକଟରେ ଉପସ୍ଥାପନା କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନରେ ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟା, ବାଣିଜ୍ୟ, ପରିବହନ, ସାମାଜିକ ସୁରକ୍ଷା, କୃଷି ଏବଂ ପଶୁସଂପଦ, ଜଂଗଲ ଏବଂ ପରିବେଶ, ଶ୍ରମ ଓ ପୁଲିସ୍ ଆଦି ବିଭିନ୍ନ ବିଭାଗରୁ କାର୍ଯ୍ୟରତ କର୍ମଚାରୀମାନେ ପ୍ରତ୍ୟେକ ଜିଲାର ବ୍ଲକ୍ ସ୍ତରରେ ଅବସ୍ଥାପିତ ମୁଖ୍ୟ ଦପ୍ତର ଠାରୁ ଆରମ୍ଭ କରି ଭୁବନେଶ୍ୱର ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀମାନେ କଳାବ୍ୟାଚ୍ ପରିଧାନ କରି କାର୍ଯ୍ୟ କରିବା ସହ ମଧ୍ୟାହ୍ନ ବିରତି ସମୟରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଛନ୍ତି। ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଏବଂ ଚୁକ୍ତିଭିତ୍ତିକ ଚାକିରୀ ସମୟକୁ ମୂଳ ଚାକିରୀରେ ଯୋଗ ଦୁଇଟି ମୁଖ୍ୟ ଦାବି ସହ ଚୁକ୍ତିଭିତ୍ତିକ ନିଯୁକ୍ତି ସମୟରେ ମହଙ୍ଗା ଭତ୍ତା, ଘରଭଡା ଏବଂ ସମସ୍ତ ସରକାରୀ ଅନୁସର୍ଙ୍ଗିକ ସୁବିଧା ଇତ୍ୟାଦି ପ୍ରଦାନ ନେଇ କଳା ବ୍ୟାଚ୍ ପରିଧାନ ଏବଂ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ସମାବେଶ ସାରା ରାଜ୍ୟରେ ଅଗଷ୍ଟ ୧୬ ତାରିଖରୁ ସେପ୍ଟେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ସୁବର୍ଣ୍ଣରେଖା ନଦୀର ଜଳ ସ୍ତର କମୁଛି

ଭୁବନେଶ୍ୱର,୨୨/୦୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ଜଳ ସ୍ତର କମୁଛି । ରାଜଘାଟ ଠାରେ ସକାଳ ୯ଟାରେ ସୁବର୍ଣ୍ଣରେଖା ନଦୀର ଜଳ ସ୍ତର ୧୧.୯୦ ଥିବା ବେଳେ ଏହା କମି ୧୧.୮୮ ହୋଇଛି । ପୂର୍ବରୁ ସୁବର୍ଣ୍ଣରେଖା ଜଳସ୍ତର ଜାମଶୋଳାଘାଟରେ ହ୍ରାସ ପାଇଥିଲା । ତେବେ ଉଭୟ ଜାଗାରେ ବିପଦ ସଂକେତ ଉପରେ ପ୍ରବାହ ହେଉଥିବା ଜଣା ପଡିଛି ।

## ବନ୍ୟା ସ୍ଥିତିର ସମୀକ୍ଷା କଲେ ମନ୍ତ୍ରୀ ପ୍ରତାପ ଦେବ

ବାଲିଆପାଳ, ୨୨/୦୮ (ନି.ପ୍ର): ବାଲିଆପାଳର ବନ୍ୟା ସ୍ଥିତିର ସମୀକ୍ଷ ପାଇଁ ଆଜି ଶକ୍ତି ଓଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ବାଲିଆପାଳ ପହଂଚି ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି । ସମୀକ୍ଷା ପରେମନ୍ତ୍ରୀ ବାଲିଆପାଳ ବ୍ଲକରେ ୧୯ଟି ପ ।ୟତ ପ୍ରଭାବିତ ହୋଇଥିବା ବେଳେ ଚାଷ ଜମିର କ୍ଷତିଗ୍ରସ୍ତ ହୋଇଛି । ହଜାର ହଜାର ଲୋକ ଜଳବନ୍ଦୀ ଥିବାରୁ ଉଦ୍ଧାର ପାଇଁ ୪୦ଟି ବୋଟ ଲାଗିଥିବା ବେଳେ ୫୦ଟି ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କୁ ରଖି ରନ୍ଧା ଖାଦ୍ୟ ଦିଆଯାଇଥିବା କହିଛନ୍ତି । ତେବେ ପାଣି ଆଉ ବଢିବାର ନଥିବା ରୁ ଲୋକମାନଙ୍କୁ ଭୟଭୀତ ନହେବାକୁ ପରାମର୍ଶ ଦେଇଛନ୍ତି ପାଣି



ଚାଡିଲା ପରେ ସବୁ ସମସ୍ୟାର ପ୍ରାଥମିକ ସମାଧାନ ଏବଂ ସ୍ଥାୟୀ ସମାଧାନ ପାଇଁ ସରକାର ପ୍ରସ୍ତୁତ ଥିବା ମନ୍ତ୍ରୀ ଶ୍ରି ଦେବ କହିଛନ୍ତି । ମନ୍ତ୍ରୀଙ୍କ ଏହି ସମୀକ୍ଷା ବୈଠକରେ କେନ୍ଦ୍ରା ଳ ଆରଡିସି ସୁରେଶ ଚନ୍ଦ୍ର ଦଳାଇ, ବସ୍ତା ବିଧାୟକ ନତ୍ୟାନନ୍ଦ ସାହୁ, ବିଜେଡି ଜିଲ୍ଲା ସଭାପତି ଇଂ ରବୀନ୍ଦ୍ର କୁମାର ଜେନା, ବିଡିଓ ଦୀପକ କୁମାର ଦାସ, ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା, ପିଡି ରବୀନ୍ଦ୍ର ସାହୁ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, କଂଗ୍ରେସ ନେତା ବିଜନ ନାୟକ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନା କରିଥିଲେ । ସାତ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ବନ୍ୟା ବିଭୀଷିକା : ୨୦ ଟି ପଞ୍ଚାୟତର ୧୧୫ ରୁ ଉର୍ଦ୍ଧ୍ୱ ଗାଁ ପ୍ରଭାବିତ

ବାଲିଆପାଳ, ୨୨/୦୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ଆଜି ମଧ୍ୟାହ୍ନଠାରୁ ହ୍ରାସ ପାଇବାରେ ଲାଗିଛି । ତେବେ ଏହାର ତଳମୁଣ୍ଡରେ ଥିବା ବାଲିଆପାଳ ବ୍ଲକରେ ବନ୍ୟା ବିଭିଷୀକା ଦେଖିବାକୁ ମିଳିଛି ।ବନ୍ୟା ଜଳ କୂଳ ଲଂଘି ବ୍ଲକର ୧୯ଟି ପ ।ୟତର ୯୩ରୁ ଉର୍ଦ୍ଧ୍ୱ ଗାଁରେ ପ୍ରବେଶ କରିଛି। ୮୭୨୭୬ ଲୋକ ପ୍ରଭାବିତ ହୋଇଛନ୍ତି ।ଆଜି ସକାଳ ସୁଦ୍ଧା ଏହି ନଦୀର ଜଳସ୍ତର ରାଜଘାଟ ଠାରେ ବିପଦ ସଙ୍କେତ ୧୦.୩୬ ମିଟର ଉପରେ ୧୧.୯୦ରେ ପହଂଚିଥିଲା । ଗତକାଲି ମଧ ରାତ୍ର ରୁ ବନ୍ୟା ଜଳ ଗାଁ ଗଣ୍ଡାରେ ପ୍ରବେଶ କରିଥିଲା । ଏହାର ପ୍ରଭାବରେ ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ବଣିଆଡିହା,ବୋଲଂ, ସାଉଡି, ଦେଭୋଗ, ଘ ୁଆ, କୁମ୍ଭଯଭାରୀ, ଶ୍ରିରାମପୁର,କୁଣ୍ଡୁଳୀ, ପ୍ରଭୃତି ପଂଚାୟତ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି । ମଧୁପୁରା, ଜମ୍ବୀରାଇ, ବଡାଶ, ଚୌମୁଖ, ଡଗରା, ପଂଚୁପାଲି, ବାଲିକୁଟିପ ।ୟତ ଆଂଶିକ ଜଳମଗ୍ନ ହୋଇଛି । ବିଷ୍ଣୁପୁର ପ ।ୟତର ବିଷ୍ଣୁପୁର ଠାରେ ନଦୀବନ୍ଧରେ ୩୦ ଫୁଟ ର ଏକ ଘାଇ ସୃଷ୍ଟି ହେବା ଫଳରେ ବିଷ୍ଣୁପୁର ପ୍ଚାୟତର ଶହ ଶହ ଘର ଜଳବନ୍ଦୀ ହୋଇରହିଛନ୍ତି । ଶୌଚ ହେବାକୁ ଯାଇଥିବା ବେଳେ ବଡତାଳପଦା ଗ୍ରାମର ମୃଷା ମଙ୍ଗରାଜ ଙ୍କ ପତ୍ନୀ ରତ୍ନମଣି ମଙ୍ଗରାଜ ପାଣିରେ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି । ବାଲିଆପାଳ-କମ୍‌ର୍ଦା ରାସ୍ତା ଗଡାପୋଲ ନିକଟରେ ରାସ୍ତା ଉପରେ ଚାରିଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେବା ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଆଜି ମଧ୍ୟାହ୍ନ ସୁଦ୍ଧା ବାଲିଆପାଳ ବ୍ଲକରେ ୧୮ ହଜାର ଲୋକଙ୍କୁ ୫୦ଟି ସୁରକ୍ଷିତ ସ୍ଥାନରେ ରଖାଯାଇ ସେମାନଙ୍କୁ ରନ୍ଧା ଖାଦ୍ୟ ବିତରଣ କାଯାଇଛି । ତେବେ ବନ୍ୟ ପ୍ରବୀତ ଅ ଳରେ ସମସ୍ତ ନଳକୂଫ ପାଣିରେ ବୁଡିଯାଇଥିବାରୁ ଲୋକମାନେ ପିଇବା ପାଣି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତିପେରି ଗୃହପାଳିତ ପଶୁ ମାନେ ମଧ ଦୁଇଦିନ ହେଲା ଭୋକ ଉପବାସରେ ଅଛନ୍ ।ସବଠାରୁ ବଡ କ୍ଷତି ହୋଇଛି ଚାଷ ଜମିରାବାଲିଆପାଳ ବ୍ଲକରେ ୪୨୬୨ ହେକ୍ଟର ଧାନ ଚାଷ ନଷ୍ଟ ହୋଇଥିବା ବେଳେ ୩୭୬ ହେକ୍ଟର ଜମିରେ ପରିବା ଚାଷ ନଷ୍ଟ ହୋଇଛି । ବାଲେଶ୍ୱର ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦ ।ତ୍ରୟ ଭାଉ ସାହେବ ସିନ୍ଧେ, କେନ୍ଦ୍ରା ଳ ଆରଡିସି ସୁରେଶଚନ୍ଦ୍ର ଦଳାଇ, ତହସିଲଦାର ଦୀପକ କୁମାର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ଏବଂ ଭୀଭାଗୀୟ ସମସ୍ତ ଅଧିକାରୀ ବିଭିନ୍ନ ସ୍ଥାନ ପରିଦର୍ଶନ କରି ବନା ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରିରଖିଛନ୍ତି । ।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, BALASORE

**e-procurement Notice for Building works**

Bid Identyfication No e-Procurement No-03/RWD-II BLS/ 2022-23

1. Name of the work :- Building work
2. Total no. of works :- 5 Nos.
3. Estimated cost :- As per Annexure (Col-3)
4. Class of contrator :- "A", "B" and "C" Class. (Col-6)
5. Time of completion :- As per Annexure (Col -7)
6. Other Details :-

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o the E.E, R.W Divn-II, Balasore.(Double/Single cover) | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Balasore | ETCN No 03 of 2022-23 | 23.08.2022 at 5.00 P.M. | 30.08.2022 up to 5.00 PM | 29.08.2022 up to 4.00 PM | 02.09.2022 at 11.00 AM | 06.09.2022 at 11.00 AM |

Further details can be seen from the web site www.tendersorissa-gov.in

OIPR : 25052/11/0007/2223

**Executive Engineer**
**R.W.Division-II, Balasore**

# ଭୁବନେଶ୍ୱରରେ ଗର୍ଜିଲା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ମିଳିତ ମଂଚ

ଭୁବନେଶ୍ୱର,୨୨/୦୮ (ନି.ପ୍ର): ଓଡ଼ିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ମହାସଂଘ ତରଫରୁ ଆଜି ଓପିଟିସିଏଲ ଅଫିସ୍ ସମ୍ମୁଖରେ ଏକ ବିରାଟ ପ୍ରତିବାଦ ସଭା କରାଯାଇଥିଲା। ଓଡ଼ିଶାର ୩୦ଟି ଜିଲ୍ଲାରୁ ବିଦ୍ୟୁତ୍ ଶ୍ରମିକମାନେ ଆସି ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ସେମାନଙ୍କ ମୁଖ୍ୟ ଅଭିଯୋଗ ହେଲା ଓଡ଼ିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ଼ (ଓପିଟିସିଏଲ) ବିଦ୍ୟୁତ୍ ଶ୍ରମିକମାନଙ୍କ ପ୍ରତି ବାରମ୍ବାର ବୈମାତୃକ ମନୋଭାବ ପୋଷଣ କରି ଆସୁଥିବା ବେଳେ ସେମାନଙ୍କ ଦରମାରେ ବଡ଼ ତାରତମ୍ୟ କରି ଆସୁଛି। ଜଣେ ଆଇଟିଆଇ କର୍ମଚାରୀ କୁଶଳୀ ଶ୍ରେଣୀର ହୋଇଥିଲେ ମଧ ଓପିଟିସିଏଲ୍ ଆଇଟିଆଇ କର୍ମଚାରୀମାନଙ୍କୁ ବର୍ଷ ବର୍ଷ ଧରି ପ୍ରଥମେ ଅର୍ଦ୍ଧକୁଶଳୀ ଶ୍ରେଣୀରେ ନିଯୁକ୍ତି ଏବଂ ନିଯୁକ୍ତି ପରେ ବିନା ପଦୋନ୍ନତି ରଖି ଆସୁଛି। ମିଳିତ ମଞ୍ଚରେ ଥିବା ଦୁଇ ମହାସଂଘ ନୂତନ ମଜୁରୀ ନିର୍ଦ୍ଧାରଣ ପାଇଁ ଦେଇଥିବା ମୁଖ୍ୟ ଦାବି ତଥା ଓପିଟିସିଏଲରେ କାର୍ଯ୍ୟରତ ଶ୍ରମିକବର୍ଗ କର୍ମଚାରୀମାନଙ୍କର ଦରମା ଓଡ଼ିଶା ସରକାରଙ୍କର ଗ୍ରେଡ଼ ପେ ସହ ସମକକ୍ଷ କରିବା, ଟେକ୍ନିସିଆନ-ସି ୨୮୩୦ ଗ୍ରେଡ୍ ପେ, ଟେକ୍ନିସିଆନ-ବି ୪୨୦୦ ଏବଂ ଟେକ୍ନିସିଆନ-ଏ ୪୬୦୦ ଗ୍ରେଡ଼ ପେ କରିବା ପ୍ରମୁଖ ଦାବି ଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ ଏହିକି ଯେ, ଓପିଟିସିଏଲ କର୍ତ୍ତୃପକ୍ଷ ବାରମ୍ବାର ପ୍ରତିଶ୍ରୁତି ଦେବା ପରେ ମଧ ସମସ୍ତ କର୍ମଚାରୀ ବିଶେଷକରି ଆଇଟିଆଇ କର୍ମଚାରୀମାନଙ୍କୁ ଠକି ଚାଲିଛନ୍ତି। ଏହାର ପ୍ରତିବାଦରେ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ମିଳିତ ମଞ୍ଚ ପକ୍ଷରୁ ଆଜି ଓପିଟିସିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ୧୫୦୦ରୁ ଉର୍ଦ୍ଧ୍ୱ ରେଗୁଲାର ବିଦ୍ୟୁତ ଶ୍ରମିକ କର୍ମଚାରୀମାନେ ସାମିଲ୍ ହୋଇଥିଲେ। ଯଦି ଓପିଟସିଏଲ କର୍ତ୍ତୃପକ୍ଷ ଯଥାଶୀଘ୍ର ସେମାନଙ୍କ ଦାବି ପୂରଣ ନ କରନ୍ତି, ତେବେ ଆଗାମୀ ଦିନରେ ସାରା ଓଡ଼ିଶାରେ ବିଦ୍ୟୁତ୍ କର୍ମଚାରୀମାନେ ୧୫ ଦିନ କଳା ବ୍ୟାଚ୍ ପରିଧାନ କରିବେ ଏବଂ ତା ପରେ ରିଲେ ଧାରଣା ଦେବା ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଏକ ପ୍ରେସ୍ ବିବୃତ୍ତିରେ ଅମର କୁମର ପ୍ରତାପ ସିଂ ଓ ସତ୍ୟବ୍ରତ ପରିଡ଼ା ଚେତାବନୀ ଦେଇଛନ୍ତି।

# ସାନଧନାଡ଼ିରେ ବନ୍ୟା ସ୍ଥିତି ପରଖିଲା ସଦର ବିଜେପି



ବାଲେଶ୍ୱର, ୨୨/୦୮ (ନି.ପ୍ର): ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଏକ ଦଳୀୟ ପ୍ରତିନିଧି ଦଳ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁରାଡିହା ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସହ ଲୋକଙ୍କ ସ୍ଥିତି ସମୀକ୍ଷା କରିଛନ୍ତି। କୁରାଡିହା ପଞ୍ଚାୟତର ସାନଧନାଡି ଗ୍ରାମର ବନ୍ୟା ଦୁର୍ଗତଙ୍କଠାରେ ପହଞ୍ଚି ସଦର ନେତା ଶ୍ରୀ ଦତ୍ତବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଏହି ବନ୍ୟାରେ ଶହ ଶହ ଏକର ଚାଷ ଜମି ପାଣି ମାଡିଥିବାରୁ ଚାଷୀଙ୍କ ମେରୁଦଣ୍ଡକୁ ଭାଙ୍ଗି ଯାଇଛି। ସମ୍ପୃକ୍ତ ଗାଁମାନଙ୍କର ନଳକୂପ ସବୁ ଜଳରେ ବୁଡି ରହିଥିବାରୁ ଲୋକେ ପାନୀୟ ଜଳ ପାଇଁ ବେଶ ହଇରାଣ ହେଉଛନ୍ତି। ବନ୍ୟା ପ୍ରଭାବରେ ବହୁ ଲୋକଙ୍କ ଘରଦ୍ୱାର ମଧ୍ୟ ନଷ୍ଟ ହୋଇଯାଇଛି। ସାନଧନାଡିଠାରେ ଏକ ଲୁଣା ବନ୍ଧ ଓ ସୁଇଚ ଗେଟ ନିର୍ମାଣର ଆବଶ୍ୟକତା ଥିବା ବେଳେ ଏଥି ପ୍ରତି ଆଗାମୀ ଦିନରେ ଗୁରୁତ୍ୱ ଦେବା ସହ ସମ୍ପ୍ରତି ବନ୍ୟା ପୀଡିତ ଗ୍ରାମବାସୀଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଶ୍ରୀ ଦତ୍ତ ପ୍ରଶାସନଠାରେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ନିରଞ୍ଜନ ଧଳ, ସମିତି ସଭ୍ୟ ରାଜକିଶୋର ମହାଳିକ, ବିଜେପି ମଣ୍ଡଳ ସାଧାରଣ ସମ୍ପାଦକ ହରେନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ଲୋକନାଥ ଭୂୟାଁ, ପଞ୍ଚାୟତ ସଭାପତି ସଦାଶିବ ଜେନା, ମାୟାଧର ତରେଇ, ଜୟନ୍ତୀ ଧଳ, ସଞ୍ଜୟ ଧଳ, ରାଜେନ୍ଦ୍ର ବାରିକ, ଶଶିକାନ୍ତ ମିଶ୍ର, ବରେନ୍ଦ୍ର ପ୍ରଧାନ, ଆଦିକନ୍ଦ ବେହେରା, ରବୀନ୍ଦ୍ର ବେହେରା, ପ୍ରମୁଖ ଉପସ୍ଥିତ ଥିଲେ।

# ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୨/୦୮ (ନି.ପ୍ର): ଫେରାର ଅଭିଯୁକ୍ତକୁ ଗିରଫ କରି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ନୂଆଗୁଡାର ସଙ୍କର ବାଘ (୩୩)। ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ଥାନାରେ ଗତ ୨୦୧୯ ମସିହାରେ ଏ ଅପରାଧିକ ମାମଲା ଜୟପୁର ସଦର ଥାନାରେ ରହିଥିଲା। ସେହି ଦିନ ଠାରୁ ଅଭିଯୁକ୍ତ ଫେରାର ଥିବା ବେଳେ ଆଜି ନୂଆଗୁଡାରୁ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି।

# 'ବନ୍ଧନ କୋନନଗର' ପକ୍ଷରୁ ମହିଳାଙ୍କୁ ତାଲିମ



ବାଲେଶ୍ୱର,୨୨/୦୮ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବନ୍ଧନ କୋନନଗର' ବାଲେଶ୍ୱର ଶାଖା ପକ୍ଷରୁ ଗେଙ୍ଗୁଟି ପଞ୍ଚାୟତ କାର୍ଯ୍ୟାଳୟରେ ଅସହାୟ ମହିଳାଙ୍କୁ କର୍ମନିଯୁକ୍ତି ସମ୍ପର୍କିତ ତାଲିମ ପ୍ରଦାନ ସହ ଚାରାଗଛ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଗେଙ୍ଗୁଟି ପଞ୍ଚାୟତ ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ ନାଏବ ସରପଞ୍ଚ ଗୌରାଙ୍ଗ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଙ୍ଗୀତା ସାହୁ, ସମାଜ ସେବୀ ସତ୍ୟନାରାୟଣ ଆଚାର୍ଯ୍ୟ, ମାନସ କୁମାର ନାୟକ, ସଞ୍ଜୟ କୁମାର ବିଶ୍ୱାଳ ପ୍ରମୁଖ ପ୍ରମୁଖ ଏଥିରେ ଯୋଗଦେଇ 'ବନ୍ଧନ କୋନନଗର' ଅନୁଷ୍ଠାନର ସେବାମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ବନ୍ଧନ କୋନନାଗର ଅନୁଷ୍ଠାନ ପକ୍ଷରୁ ଜିଲାର ୧୦ଟି ଶାଖାର ଦୁଇହଜାର ଅସହାୟ ଗରିବ ତଥା ଅସହାୟ ମହିଳାଙ୍କୁ ଛୋଟମୋଟ ବ୍ୟବସାୟ ୧୦ ହଜାର ଲେଖାଏଁ ଟଙ୍କାର ସହାୟତା ଦିଆଯିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତଙ୍କୁ ବୃକ୍ଷଚାରା ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର କ୍ଷେତ୍ରୀୟ ସଂଯୋଜକ ଅମୂଲ୍ୟ କୁମାର ପାଇଟଲ, ବାଲେଶ୍ୱର ଶାଖା ପରିଚାଳକ ସଂଗ୍ରାମ କେଶରୀ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ଅସୀମା ଜେନା, ଜୟଶ୍ରୀ କର, ତପନ ପଡ଼ିହାରୀ ଓ କରୁଣାକର ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ବାଲେଶ୍ୱରରେ 'ବିଶ୍ୱ ଫଟୋଗ୍ରାଫର ଦିବସ'

ବାଲେଶ୍ୱର,୨୨/୦୮ (ନି.ପ୍ର): ଜିଲା ଫଟୋ, ଭିଡିଓ ଓ ମଲଟିମିଡିଆ ଆସୋସିଏସନ ପକ୍ଷରୁ ବିଶ୍ୱ ଫଟୋଗ୍ରାଫର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସିଦ୍ଧି କଲ୍ୟାଣମଣ୍ଡପଠାରେ ଆୟୋଜିତ କାଯ୍ୟକ୍ରମରେ ଫଟୋଗ୍ରାଫର ଆସୋସିଏସନ ଅଫ ଓଡିଶାର ସମ୍ପାଦକ ଗୌରୀଶଙ୍କର ମହାକୁଡ ଓ ସହ ସମ୍ପାଦକ ମିଥୁନ କୁମାର ଜେନା ବରେଣ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଫଟୋଗ୍ରାଫର୍ସ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଜୀବନର ପ୍ରତିଟି ମୂହୁର୍ତ୍ତକୁ ସ୍ମରଣୀୟ କରିବା ଓ ସ୍ମୃତି ବିଜଡ଼ିତ ଘଟଣାବଳୀକୁ ଫଟୋ ମାଧ୍ୟମରେ ସାଇତି ରଖିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ତେବେ ଫଟୋର ଗୁଣାବତ୍ତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦେବାକୁ ସେମାନେ ସମସ୍ତ ଫଟୋଗ୍ରାଫରମାନଙ୍କୁ ଆହ୍ୱାନ ଦେଇଥିଲେ। ଫଟୋ ଓ ଭିଡିଓଗ୍ରାଫରମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଫଟୋଗ୍ରାଫର ଆସୋସିଏସନ ଅଫ ଓଡିଶା ନିରନ୍ତର ଉଦ୍ୟମ ଜାରି ରଖିଥିବା ସେମାନେ ସୂଚନା ଦେଇଥିଲେ। ବାଲେଶ୍ୱର ଜିଲା ଫଟୋ, ଭିଡିଓ ଓ ମଲଟିମିଡିଆ ଆସୋସିଏସନର ସଭାପତି ଶିବାଜୀ ପ୍ରସାଦ ରାଓ ଏଥିରେ ଅଧକ୍ଷତା କରିବା ସହ ସଂଗଠନର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବାଲେଶ୍ୱର ଜିଲାର ବୈଜ୍ୟେଷ୍ଠ ତଥା ପ୍ରତିଭା ସମ୍ପନ୍ନ ଫଟୋଗ୍ରାଫରଙ୍କୁ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସୋସିଏସନର ସମ୍ପାଦକ ଶେଖ ସାଦିକ ସଭା ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଶା ଅମଲା ସଂଘ ଜିଲ୍ଲା ଶାଖାର ବୈଠକ



ବାରିପଦା, ୨୨/୦୮ (ନି.ପ୍ର): ଓଡିଶା ଅମଲା ସଂଘ ମୟୂରଭଂଜ ଜିଲ୍ଲା ଶାଖାର ଏକ ବୈଠକ ସଂଘର ସଭାପତି ଶିବାଜୀ ଶତପଥୀଙ୍କ ଅଧକ୍ଷତାରେ ସ୍ଥାନୀୟ କର୍ମଚାରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବରିଷ୍ଠ ସଂଗଠକ ଦିଲ୍ଲୀପ କୁମାର ଦାସ, ଅଧକ୍ଷ ଜଗଦୀଶ ଦାସ ଓ କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ଅମଲା ମାନଙ୍କ ସ୍ୱାର୍ଥ ଯୋଡିତ ବିଷୟ ଗୁଡିକ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ପ୍ରବେଶ ସ୍ତରୀୟ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଓ କାର୍ଯ୍ୟଭାର ଅନୁଯାଇ ଦରମା ହାରରେ ପରିବର୍ତ୍ତନ ଆଣି କନିଷ୍ଠ ସହାୟକଙ୍କୁ ସପ୍ତମ ବେତନ ଆୟୋଗ ଦରମା ହାର ଅନୁଯାୟୀ ପ୍ରଦାନ, ଠିକାରେ ୬ ବର୍ଷ କାଳସେବା ଯୋଗାଉଥିବା କର୍ମଚାରୀ ମାନଙ୍କ କାର୍ଯ୍ୟଅବଧିକୁ ସେବାବହିର୍ଭୂତ ସମୟ ଭାବରେ ବିବେଚନା କରିବା ଭଳି ବ୍ୟବସ୍ଥାକୁ ସମସ୍ତେ ନିନ୍ଦା କରିବା ସହ ଜିଲ୍ଲାରେ ଖାଲି ପଡିଥିବା କନିଷ୍ଠ ସହାୟକ ପଦବୀ ଦୀର୍ଘଦିନଧରି ପୂରଣ ହେଉନଥିବାରୁ କାର୍ଯ୍ୟାଳୟ ଗୁଡିକରେ ଜନସାଧାରଣଙ୍କୁ ସେବା ଯୋଗାଇବାରେ ବିବିଧ ସମସ୍ୟାମାନ ଦେଖାଦେଉ ଥିବା, ସପ୍ତମ ବେତନ ଆୟୋଗଙ୍କ ସୁପାରିଶ ଆଧାରରେ ଘରଭଡା ପ୍ରଦାନ ନକରିବା ଦ୍ୱାରା କର୍ମଚାରୀ ମାନେ ବର୍ଦ୍ଧିତ ଦରରେ ସହର ମାନଙ୍କରେ ଘରଭଡା ଦେଇ ରହିବା ଆର୍ଥିକ ବୋଝ ସାବ୍ୟସ୍ତ ହେଉଥିବା ବିଶଦୟରେ ଆଲୋଚନା କରାଯାଇଥିଲା।

# ବେରୋଜଗାରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ବୃଦ୍ଧି : ଖଇରା ବ୍ଲକରେ କଂଗ୍ରେସର ପଥପ୍ରାନ୍ତ ସଭା



ଖଇରା,୨୨/୦୮ (ନି.ପ୍ର): ବର୍ତ୍ତମାନ ଦେଶରେ ବେରୋଜଗାରୀ ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପଦାର୍ଥ ସାଙ୍ଗକୁ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ସୋମବାର ଦିନ ଖଇରା ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ଉପସଭାପତି ମଦନମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ବର୍ତ୍ତନା, କୁପାରୀ, ଖଇରା ଓ ଡଗରପଡା ଇତ୍ୟାଦି ବଜାର ଗୁଡିକରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଯୋଗ ଦେଇ କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାର ଯେଉଁ ପ୍ରତିଶୃତି ଦେଇ କ୍ଷମତାକୁ ଆସିଲେ ତାହା ପୁରଣ କରିନାହାଁନ୍ତି। ବେକାରୀ ସମସ୍ୟା ଉକ୍ରଟରୂପ ଧାରଣ କରିଥିବା ବେଳେ ଅତ୍ୟାବଶ୍ୟକିୟ ଦ୍ରବ୍ୟର ମୂଲ୍ୟ ଏବେ ଆକାଶଛୁଆଁ ପାଲଟିଛି ବୋଲି କହିବା ସହ ଏମାନଙ୍କୁ ଗାଦିଚ୍ୟୁତ କରିବାକୁ ବକ୍ତବ୍ୟରେ ଅନୁରୋଧ କରିଥିଲେ। ବ୍ଲକ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ଛାତ୍ର କଂଗ୍ରେସ ସଭାପତି ଦେବାଶିଷ ସାହୁ, ତାପସ ରାୟ, ଅଶୋକ ଜେନା, ଚନ୍ଦନ ସେଠୀ, ବାବୁଲି ଜେନା, ପ୍ରଶାନ୍ତ ପାତ୍ର, ରାଜେଶ ପାତ୍ର,ତ୍ରୈଲୋକ୍ୟ ମହାପାତ୍ର ପ୍ରମୁଖ କଂଗ୍ରେସ କେବଳ ସ୍ୱଚ୍ଛ ଏବଂ ସ୍ଥିର ଶାସନ ଦେବାକୁ ସକ୍ଷମ ବୋଲି କହିଥିଲେ। ଫଟୋ- ଖଇରା ଦୁର୍ଗାମଣ୍ଡପରେ ଅୟୋଜିତ ପଥପ୍ରାନ୍ତ ସଭାରେ କଂଗ୍ରେସ ନେତୃବୃନ୍ଦଙ୍କ ଯୋଗଦାନ

# ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ଜଳସମ୍ପଦ ମନ୍ତ୍ରୀ

ଭୁବନେଶ୍ୱର, ୨୨/୦୮ (ନି.ପ୍ର): ସୁବର୍ଣରେଖା ନଦୀରେ ଗତ ଆଠ ଘଂଟା ହେବ ବନ୍ୟା ଜଳ ସ୍ଥିର ରହିଛି। ବସ୍ତା,ବାଲିଆପାଳ ସମେତ ତଳି ଅଞ୍ଚଳରେ ପାଣି ପଶିଛି। ସୁବର୍ଣ୍ଣରେଖାରେ କୌଣସି ଘାଇ ହୋଇ ନାହିଁ। ଜଳ ସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ଏହି ସୂଚନା ଦେଇଛନ୍ତି। ଏକ ଉଚ୍ଚ ସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଉପରେ ସମୀକ୍ଷା କରିବା ପରେ ସେ ସାମ୍ବାଦିକ ମାନଙ୍କୁ ଏହି ସୂଚନା ଦେଇଛନ୍ତି। ଏହି ବୈଠକରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସେ କହିଛନ୍ତି ଯେ ଅନ୍ୟ ନଦୀ ଗୁଡ଼ିକରେ ବନ୍ୟା ଜଳ କମିବା ଆରମ୍ଭ ହୋଇଛି। ରାଜ୍ୟ ସରକାର ବନ୍ୟା ପରିସ୍ଥିତି ଉପରେ ନଜର ରଖିଛନ୍ତି। ନୋ କାଜୁଆଲିଟିର ନୀତିକୁ ନେଇ ସରକାର କାମ କରୁଛନ୍ତି।

# ବାଇକ୍ -ଅଟୋ ମୁହାଁମୁହିଁ ଧକ୍କା : ୧ ମୃତ ୪ ଗୁରୁତର

ଜଳେଶ୍ୱର, ୨୨/୮(ନିପ୍ର) : ଜଳେଶ୍ୱର- ଚନ୍ଦନେଶ୍ୱର ୫୭ ରାଜ୍ୟ ରାଜପଥର ହସ୍‌ପିଟାଲ ଅଣ୍ଡରପାସ୍ ଠାରେ ଏକ ବାଇକ୍ ଓ ଅଟୋ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ସହିତ ଅନ୍ୟ ୪ଜଣ ଗୁରୁତର ଚିକିତ୍ସିତ ହେଉଥିବା ଜଣାଯାଇଛି। ଆଜି ଦ୍ୱି ପ୍ରହରରେ ଜଳେଶ୍ୱରରୁ ନାମ୍ପୋ ଅଭିମୁଖେ ଯାଉଥିବା ବେଳେ ଅନ୍ୟ ଜଣେ ଯୁବକ ୬୦ନଂ ଜାତୀୟ ରାଜପଥରୁ ସ୍ଲିପ ରୋଡରେ ୫୭ ରାଜ୍ୟ ରାଜପଥକୁ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟେମ୍ପୋଟି ଓଲଟି ପଡିବାରୁ କାସିଡିଆ ଗାଁର ସୁଧାଂଶୁ ଗିରିଙ୍କ ସ୍ତ୍ରୀ ସଂଧ୍ୟାରାଣୀ ଗିରି (୭୪) ଚାପିହୋଇ ମୃତ୍ୟୁ ବରଣ କରିଥିଲେ। ସେହି ଟେମ୍ପୋରେ ବସିଥିବା ଅନ୍ୟ ୪ଜଣଙ୍କ ମଧ୍ୟରୁ ଆମ୍ବଳିଅଠା ଗାଁର ସବିତା କର (୫୧) ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ୨ଜଣ ଖଇର୍ଦ୍ଦା ଗାଁ ରବିନ୍ଦ୍ର ପାଳ(୯୦), କାଞ୍ଚନ ପାଳ (୮୪), ଅଟୋଚଳାକ ଇକଡା ଗାଁର ହିମାଂଶୁ ପରିଡାଙ୍କ ସହିତ ଦାନ୍ତୁନ ଥାନା ଅନ୍ତର୍ଗତ କୁଳିଦାମୁଳିଦା ଗ୍ରାମର ବାଇକ୍ ଆରୋହୀ ତପନ (୨୦) ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନାଯୋଗ୍ୟ ୫୭ ରାଜ୍ୟ ରାଜପଥର ଅଣ୍ଡର ପାସ୍‌ଠାରୁ ଆମ୍ବଳିଅଠା ଛକ ମଧ୍ୟରେ କୌଣସି ହମ୍ପସ୍ ନ ଥିବାରୁ ଏପରି ଦୁର୍ଘଟଣା ବାରମ୍ବାର ଘଟୁଥିବାରୁ ଏଠାରେ ଏକ ହମ୍ପସ୍ ନିର୍ମାଣ ଲାଗି ଦାବି ହୋଇଛି।

# ବନ୍ୟା ପ୍ରଭାବିତ ଅଞ୍ଚଳରେ ଗୋଖାଦ୍ୟ ବଣ୍ଟନ ଓ ଭ୍ରାମ୍ୟମାଣ ଚିକିତ୍ସା ଶିବିର



ଭଦ୍ରକ, ୨୨/୦୮ (ନି.ପ୍ର): ଚଳିତ ବନ୍ୟାରେ ପ୍ରଭାବିତ ହୋଇଥିବା ଜିଲ୍ଲାର ଚାନ୍ଦବାଲି, ଧାମନଗର ଓ ଭଦ୍ରକ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ଗୋଖାଦ୍ୟ ବଣ୍ଟନ ସହିତ ଭ୍ରାମ୍ୟମାଣ ଚିକିତ୍ସା ଶିବିର ଜରିଆରେ ଚିକିତ୍ସା ପ୍ରଦାନ କରାଯାଉଛି। ପ୍ରାଣୀ ଚିକିତ୍ସା ବିଭାଗରୁ ପ୍ରାପ୍ତ ସୂଚନାମତେ ଅଦ୍ୟାବଧି ଏହି ୩ ବ୍ଲକ୍‌ର ୧୯ ଗ୍ରାମପଞ୍ଚାୟତର ୬୪ଟି ଗାଁର ପ୍ରଭାବିତ ଛୋଟବଡ଼ ଜୀବଜନ୍ତୁଙ୍କୁ ସମୁଦାୟ ୯୪ ମ୍ୟାଟ୍ରିକ ଟନ୍ ଗୋଖାଦ୍ୟ ବଣ୍ଟନ ଶେଷ ହୋଇଛି। ଚାନ୍ଦବାଲି ବ୍ଲକ୍‌ର ୪ଟି ଗ୍ରା.ପର ୧୮ଟି ଗାଁର ବଡ଼ ଜନ୍ତୁ ୧୧,୯୮୦ ଓ ଛୋଟ ଜନ୍ତୁ ୧,୮୧୧ଙ୍କ ପାଇଁ ୩୭.୩୫ ମ୍ୟାଟ୍ରିକ ଟନ୍ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଧାମନଗର ବ୍ଲକ୍‌ର ୧୪ଟି ଗ୍ରାମପଞ୍ଚାୟତର ୪୪ଟି ଗାଁର ବଡ଼ପ୍ରାଣୀ ୧୭,୬୯୯ ଓ ଛୋଟ ପ୍ରାଣୀ ୫,୧୫୩ ପାଇଁ ୫୭ ମ୍ୟାଟ୍ରିକ୍ ଟନ୍ ଗୋଖାଦ୍ୟ ଦିଆଯାଇଛି। ଭଦ୍ରକ ବ୍ଲକ୍‌ର ୨ଟି ଗାଁର ବଡ଼ ପ୍ରାଣୀ ୨,୯୯୯ ଓ ଛୋଟ ପ୍ରାଣୀ ୨,୩୭୦ ଙ୍କ ପାଇଁ ୧.୫ ମ୍ୟାଟ୍ରିକ ଟନ୍ ଗୋଖାଦ୍ୟ ଦିଆଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାର ଶୁଭେନ୍ଦୁ କୁମାର ମିଶ୍ରଙ୍କ ପ୍ରଦତ୍ତ ସୂଚନା ଅନୁଯାୟୀ ବଡ଼ପ୍ରାଣୀଙ୍କୁ ଦିନପ୍ରତି ୧ କି.ଗ୍ରା. ୩ ଦିନ ପାଇଁ ଓ ଛୋଟ ପ୍ରାଣୀଙ୍କୁ ୨୫୦ ଗ୍ରା. ଲେଖାଏଁ ୩ଦିନ ପାଇଁ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ଚାନ୍ଦବାଲି ବ୍ଲକ୍‌ରେ ୨ଟି, ଧାମନଗର ବ୍ଲକ୍‌ରେ ୨ଟି ଓ ଭଦ୍ରକ ବ୍ଲକ୍‌ରେ ୧ଟି ଭ୍ରାମ୍ୟମାଣ ଯାନ ଦ୍ୱାରା ପ୍ରାଣୀମାନଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ପ୍ରାଣୀଚିକିତ୍ସା ଟୀକାକରଣ ଆଦିପାଇଁ ଆଦାୟ କରାଯାଇଥିବା ସମସ୍ତ ୟୁଜର ଫିକୁ ୧୬.୦୮.୨୨ ରୁ ୩୧.୮.୨୨ ପର୍ଯ୍ୟନ୍ତ ଛାଡ଼ କରାଯାଇଛି। ସଂପୃକ୍ତ ତହସିଲଦାର, ପ୍ରାଣୀ ଚିକିତ୍ସା ବିଭାଗ ଦ୍ୱାରା ତଦନ୍ତ ମୂଳକ ତଥ୍ୟ ଜିଲ୍ଲାପାଳଙ୍କ ଅନୁମୋଦନ ପରେ ଏହି ଗୋଖାଦ୍ୟ ବଣ୍ଟନ କରାଯାଉଛି। ୩ଦିନ ପାଇଁ ଗୋଖାଦ୍ୟ ବଣ୍ଟନ କରାଗଲାପରେ ଏହାକୁ ପୁଣି ୩ଦିନ ବୃଦ୍ଧି କରିବା ପାଇଁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

# ୨୮ ପଂଚାୟତ ୧୪୯ ଗ୍ରାମର ୧୦ ହଜାର ଲୋକ ଜଳବନ୍ଦୀ



ଜଳେଶ୍ୱର, ୨୨/୮(ନିପ୍ର): ସୁବର୍ଣ୍ଣରେଖାର ବନ୍ୟା ଯୋଗୁଁ ଜଳେଶ୍ୱର ବ୍ଲକର ୨୮ଟି ପଂଚାୟତର ୧୪୯ଟି ଗାଁ ପ୍ରଭାବିତ ହୋଇଛି। ଏଥିରେ ୧୦ହଜାର ଲୋକ ଜଳ ବନ୍ଦି ହୋଇଥିବା ବେଳେ ୧୦୦୫୮ ଲୋକଙ୍କୁ ୧୧୪ଟି କେନ୍ଦ୍ରରେ ଥଇଥାନ କରାଯାଇଛି। ସେମାନଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଥିବା ବେଳେ ୬ହଜାର ହେକ୍ଟର ଚାଷଜମିରେ ବନ୍ୟା ପ୍ଲାବିତ ହୋଇଛି। ବିଭିନ୍ନ ଅଂଚଳକୁ ଯାଇଥିବା ମୁଖ୍ୟ ରାସ୍ତାଗୁଡିକ ପାଣିରେ ବୁଡି ରହିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବନ୍ୟା ଅଂଚଳରେ ଆଜି ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ପ୍ରତାପ ଦେବ, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଆରଡିସି ସୁରେଶ ଚନ୍ଦ୍ର ଦଳେଇ ପୃଥକ ପୃଥକ ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି। ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ଅବବାହିକା ଅଂଚଳରେ ବନ୍ୟା ଦେଖା ଦେଇଛି। ଜଳେଶ୍ୱର ବ୍ଲକର ଆରୁହା, ବାଇଗଣ ବାଡିଆ, ବର୍ତ୍ତନା, ଚମାର ଗାଁ, ଦକ୍ଷିଣ ପ୍ରହରାଜପୁର, ଗୋବରଘଟା, ଝାଡପିମ୍ପଳ, ଖୁଦିଆ ମାଝିସାହି, ଖାଲିନା, ଖୁଲୁଡା, କୋଟସାହି, ଲକ୍ଷ୍ମଣନାଥ, ମହମ୍ମଦନଗରପାଟଣା, ନାମ୍ପୋ, ନେତୁଆ, ପଶ୍ଚିମବାର୍ଡ, ଓଲମରା, ପାଇକସିଦା, ନଛିମପୁର, ରାଜପୁର, ସମ୍ପଡିଆ, ମାକିଡିଆ, ଶିଖରପୁର, ଶ୍ରୀରାମପୁର, ରାୟାଁ ରାମଚନ୍ଦ୍ରପୁର, ସୁଗୋ, ଗଡସାହି ବାଲିଆପାଳ ଓ ଗୋପିମୋହନପୁରର ୧୧୪ଟି କେନ୍ଦ୍ରରେ ୧୦୦୫୮ ଲୋକଙ୍କୁ ଆଶ୍ରୟ ଦିଆଯାଇ ରନ୍ଧାଖାଦ୍ୟ ଦିଆଯାଇଛି। ପ୍ରାୟ ୪୧ କ୍ୱିଣ୍ଟାଲ ଚୁଡା ବଣ୍ଟନ କରାଯାଇଥିବା ବେଳେ ୩୫ଟି ପଂଚାୟତରୁ ୨୮ଟିର ୧୪୯ ଗାଁର ୬ହଜାର ହେକ୍ଟର ଜମି ବନ୍ୟା ପ୍ଲାବିତ ହୋଇଛି। ୫ହଜାର ହେକ୍ଟର ଧାନ ଜମି ଓ ପ୍ରାୟ ୧ହଜାର ହେକ୍ଟର ପନିପରିବା ଚାଷ ହୋଇଥିବା ଜମିରେ ପାଣିର ସୁଅ ଛୁଟୁଛି। ବନ୍ୟା ଫଳରେ ଗୁରୁଦାସପୁର-ଚାଫଲା, ଶିଖରପୁର-ରାଇବଣିଆ, ଜଳେଶ୍ୱର ପଶ୍ଚିମବାର୍ଡ, ଜମାଳପୁର- କୋଟସାହି-ଚୋରମରା, ନାମ୍ପୋ- ଖାଲିନା, ଡେମୁରିଆ-ସମ୍ପଡିଆ, ନାମ୍ପୋ -ଇକଡା ରାସ୍ତାରେ ପାଣିସୁଅ ଛୁଟୁଛି। ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତ ମଧ୍ୟ ରାତ୍ରିରେ ସୁବର୍ଣ୍ଣରେଖା ନଦୀର ଜଳ ପତ୍ତନ ୧୧.୯୦ ମିଟରରେ ପହଞ୍ଚି ପ୍ରାୟ ୧୨ ଘଣ୍ଟା ସ୍ଥିର ରହିଥିଲା। ଆଜି ସଂଧ୍ୟା ୫ଟାରେ ୧୧.୫୪ ମିଟର ଥିବା ବେଳେ ଆସ୍ତେ ଆସ୍ତେ କମୁଥିବାର ଆରଡ଼ିସି ସୁରେଶ ଚନ୍ଦ୍ର ଦଳାଇ କହିଛନ୍ତି। ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇଦେବାକୁ ଶ୍ରୀ ଦଳେଇ କହିଛନ୍ତି। ତାଙ୍କ ସହିତ ବିଡିଓ ପୁନମ୍ ରାଉତ, ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବନ୍ୟା ପରିଚାଳକ ନିଲୁ ମହାପାତ୍ର, ଜିଲ୍ଲାପାଳ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ପ୍ରମୁଖ ବନ୍ୟାଞ୍ଚଳ ଗସ୍ତ କରିଛନ୍ତି। ଅପରାହ୍ନରେ ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ ପ୍ରତାପ ଦେବ ଜଳେଶ୍ୱର ବ୍ଲକର ରାୟାଁ, ରାମଚନ୍ଦ୍ରପୁର ଓ ଝାଡପିମ୍ପଳ ପଂଚାୟତର କେତେକ ବନ୍ୟା ପ୍ଲାବିତ ଗ୍ରାମ ବୁଲି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ବିପନ୍ନ ଚାଷୀ ମାନଙ୍କୁ ଆଗାମୀ ରବି ଋତୁରେ ସରକାର ବିଭିନ୍ନ ସହାୟତା ଯୋଗାଇବେ ବୋଲି ପ୍ରତିଶୃତି ଦେଇଥିଲେ। ତାଙ୍କ ସହିତ ଜିଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ସାଂସଦ ତଥା ବିଜେଡି ସଭାପତି ଇଂ ରବିନ୍ଦ୍ର ଜେନା ଦୁର୍ଗତ ଅଂଚଳରେ ମନ୍ତ୍ରୀଙ୍କ ସହିତ ବିଭିନ୍ନ ଆଶ୍ରୟସ୍ଥଳ ବୁଲିଥିଲେ ଓ ସରକାରୀ ସହାୟତା ସଂପର୍କରେ ପଚାରି ବୁଝିଥିଲେ। ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଆଜି ରାଇବଣିଆର ଓଲମରା, ବ୍ରହ୍ମାପୁର, ଗୋପାଳପୁର, ରାଜନଗର, ମାକିଡିଆ ଓ କୁଅଁରପୁର ବନ୍ୟାଂଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ମାକିଡିଆ ଓ କୁଅଁରପୁରରେ ନଦୀର ପଥର ପେକିଂ ଓ ସ୍କୋରର ଆବଶ୍ୟକତା ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ।

# ବନ୍ୟାପାଣିରେ ବୁଡି ନାବାଳକ ମୃତ



ବସ୍ତା, ୨୨/୦୮ (ନି.ପ୍ର): ବସ୍ତା ଥାନା ବାହାର୍ଦ୍ଧା ପଞ୍ଚାୟତ ପଳାସିଆ ଗ୍ରାମର ରାଧାଶ୍ୟାମ ମହାପାତ୍ର ଙ୍କର ୧୨ବର୍ଷର ପୁଅ ଜନ୍ମଜୟ (ବବୁଲ) ସମୋବାରଦିନ ୧୨ଟା ସମୟରେ ଜଳକା ଶାଖାନଦୀ ପାରି ହେଉଥିବା ବେଳେ ପ୍ରବଳ ସ୍ରୋତ ହେବା ସହିତ ପାଣି ଭଉଁରୀରେ ବୁଡି ଯାଇଥିଲା। ନିକଟରେଥିବା ଲୋକେ ସଙ୍ଗେସଙ୍ଗେ ଓଡ୍ରାଫ ଟିମ ଓ ଦମକଳ ବାହିନି ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରି ଅମନ କୁ ନ ପାଇ ଫେରିଯାଇଥିଲେ। ହେଲେ ପାଖ ଗାଁର କେତେଜଣ ସାହସୀ ଯୁବକ ବହୁ ଖୋଜାଖୋଜିକରି ପାଣି ଭିତରେ ଥିବା ବାଉଁଶବୁଦା ଭିତରୁ ଅପରାହ୍ନ ୪ଟା ସମୟରେ ଉଦ୍ଧାରକରି ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ ହେଲେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ ବସ୍ତାପୁଲିସ ଏକ ଅପମୃତ୍ୟୁ ମାମଲାରୁଜୁକରି ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ତାଙ୍କ ମୃତ୍ୟୁଖବର ପାଇ ଅଞ୍ଚଳରେ ଶୋକରଛାୟା ଖେଳି ଯାଇଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo